

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : wwwödhwanipratidhwaniönet

email: pratidhwaniödhwani@gmailöcom

ଯା ଦେବୀ ସର୍ବଭୂତେଷୁ ।।।

ବାଲେଶ୍ୱର ❑ ଗୁରୁବାର ୦୫ ନଭେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 05 November 2026

Vol No 36 ■ No 289 ■ Price :Rs. 2.00 (8 pages) ■ RNI Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ ।।।



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

ମିଡ୍‌ଟର୍ମ ନିର୍ବାଚନରେ ଟ୍ରମ୍ପଙ୍କୁ ଝଟକା: ଆଗୁଆ ଡେମୋକ୍ରାଟ୍, ଚମକିଲେ ଭାରତୀୟ ବଂଶୋଭବ



ନୂଆଦିଲ୍ଲୀ,୪/୧୧ : ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିକୁ ବଡ଼ ଝଟ୍‌କା ଲାଗିଛି । ନଭେମ୍ବର ୩ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ଉଭୟ ପ୍ରତିନିଧି ସଭା (ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍) ଓ ସିନେଟ୍‌ରେ ବହୁମତ ହାସଲ କରିଛି । ଏହାଦ୍ୱାରା ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ଶେଷ ଦୁଇବର୍ଷ ପାଇଁ ଆମେରିକା ଶାସନ ବ୍ୟବସ୍ଥାରେ ନୂଆ ରାଜନୈତିକ ସମୀକରଣ ସୃଷ୍ଟି ହୋଇଛି । ସିନେଟ୍‌ରେ ଡେମୋକ୍ରାଟ୍‌ଙ୍କ ଆସନ ସଂଖ୍ୟା ୫୪ରେ ପହଞ୍ଚିଛି । ଏହି ଦଳ ଟେକ୍ସାସ୍, କାନ୍‌ସାସ୍, ଆଇଓ୍ୱା, ଓହିଓ, ନର୍ଥ କରୋଲିନା ଓ ସାଉଥ୍ କରୋଲିନା ଭଳି ରିପବ୍ଲିକାନ୍‌ଙ୍କ ପ୍ରଭାବଶାଳୀ ରାଜ୍ୟରେ ବିଜୟୀ ହୋଇଛି । ଦୀର୍ଘ ୯୪ ବର୍ଷ ପରେ କାନ୍‌ସାସ୍‌ରେ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ ଆଡାମ୍ ହାମିଲଟନ୍ ରିପବ୍ଲିକାନ୍ ସାଂସଦ ରୋଜର ମାର୍ଶାଲ୍‌ଙ୍କୁ ପରାସ୍ତ କରି ସିନେଟ୍ ଆସନ ହାତେଇଛନ୍ତି । ନର୍ଥ କରୋଲିନାରେ ରୟ କୁପର ଟ୍ରମ୍ପଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ହରାଇଥିବା ବେଳେ ଜର୍ଜିଆରେ ଜନ୍ ଓସଫ୍ ପୁନର୍ବାର ସିନେଟ୍‌କୁ ନିର୍ବାଚିତ ହୋଇଛନ୍ତି । ମେନ୍ ରାଜ୍ୟରେ ପାଞ୍ଚଥରର ସିନେଟର ସୁଜାନ୍ କଲିନ୍ସ ଡେମୋକ୍ରାଟିକ୍ ପ୍ରାର୍ଥୀ ଟ୍ରୟ ଜ୍ୟାକ୍‌ସନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି । ପ୍ରତିନିଧି ସଭାରେ ମଧ ଡେମୋକ୍ରାଟ୍‌ମାନେ ଦୁଇ ଡଜନରୁ ଅଧିକ ଆସନରେ ବିଜୟୀ ହୋଇ ବହୁମତ ହାସଲ କରିଛନ୍ତି । ଏହାଦ୍ୱାରା ୨୦୨୩ ପରେ ପ୍ରଥମଥର ପାଇଁ ଦଳ ପୁନର୍ବାର ଆମେରିକା କଂଗ୍ରେସର ଉଭୟ ସଦନ ଉପରେ ନିୟନ୍ତ୍ରଣ ହାସଲ କରିଛି । ନିର୍ବାଚନରେ ମୁଦ୍ରାସ୍ଫୀତି, ଜୀବନଯାପନର ବର୍ଦ୍ଧିତ ଖର୍ଚ୍ଚ, ଟ୍ରମ୍ପ ସରକାରଙ୍କ ନୀତି ଓ ଇରାନ୍ ସହ ଯୁଦ୍ଧକୁ ନେଇ ଜନଅସନ୍ତୋଷ ପ୍ରମୁଖ ପ୍ରସଙ୍ଗ ହୋଇଥିଲା । ଏହା ସହିତ ଆମଦାନୀ ଶୁଳ୍କ ନୀତି ଓ ସରକାରୀ ଦୁର୍ନୀତି ଅଭିଯୋଗ ମଧ ଭୋଟରଙ୍କ ମତକୁ ପ୍ରଭାବିତ କରିଥିବା ନିର୍ବାଚନ ପରବର୍ତ୍ତୀ ଆକଳନରୁ ଜଣାପଡ଼ିଛି । ଡେମୋକ୍ରାଟ୍‌ଙ୍କ ବିଜୟ ପରେ ଦଳର ନେତା ହକିମ୍ ଜେଫ୍ରିଜ୍ କହିଛନ୍ତି, ଆମେରିକାରେ ଏକ ନୂଆ ରାଜନୈତିକ ପରିବର୍ତ୍ତନ ଆରମ୍ଭ ହୋଇଛି । ଆସନ୍ତା ଜାନୁଆରିରେ ନୂଆ କଂଗ୍ରେସ କାର୍ଯ୍ୟଭାର ଗ୍ରହଣ କରିବା ପରେ ଜେଫ୍ରିଜ୍ ପ୍ରତିନିଧି ସଭାର ବାଚସ୍ପତି ହେବାର ସମ୍ଭାବନା ରହିଛି । ସେହିପରି ଡେମୋକ୍ରାଟ୍‌ମାନେ ଟ୍ରମ୍ପ ପ୍ରଶାସନର କାର୍ଯ୍ୟକଳାପ, ଇରାନ୍ ଯୁଦ୍ଧ ଓ ଦୁର୍ନୀତି ଅଭିଯୋଗ ଉପରେ କଂଗ୍ରେସରେ ତଦନ୍ତ ଆରମ୍ଭ କରିବାକୁ ସଙ୍କେତ ଦେଇଛନ୍ତି । ଅନ୍ୟପକ୍ଷରେ ଟ୍ରମ୍ପ ନିର୍ବାଚନ ଫଳାଫଳକୁ ନିଜର ପରାଜୟ ଭାବେ ଗ୍ରହଣ କରିବାକୁ ଅସ୍ୱୀକାର କରିଛନ୍ତି । ଡେମୋକ୍ରାଟ୍‌ଙ୍କ ଦ୍ୱାରା ଆଗତ ବିଲ୍‌କୁ ରାଷ୍ଟ୍ରପତି ଭାବେ ଭିଟୋ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି । ତେଣୁ ଉଭୟ ଦଳ ମଧ୍ୟରେ ଆଗାମୀ ଦୁଇବର୍ଷ ଧରି ରାଜନୈତିକ ମୁହାଁମୁହିଁ ସ୍ଥିତି ଜାରି ରହିବାର ଆଶଙ୍କା ରହିଛି ।

ରାଜଧାନୀରେ ଚାଂଚଲ୍ୟ: ଟଙ୍କା ଗହଣା ଲୋଭରେ ବୃଦ୍ଧାଙ୍କୁ ହତ୍ୟା

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ରାଜଧାନୀରେ ୭୬ ବର୍ଷୀୟ ବୃଦ୍ଧାଙ୍କୁ ଟଙ୍କା ଓ ସୁନାଗହଣା ପାଇଁ ହତ୍ୟା କରାଯିବା ଘଟଣା ଚାଂଚଲ୍ୟ ଖେଳାଇଦେଇଛି । ମୃତ ବୃଦ୍ଧା ଜଣକ ହେଉଛନ୍ତି କୁଞ୍ଜଲତା ନନ୍ଦ । ଟଙ୍କା ଓଓ ସୁନା ଲୋଭରେ କେୟାର ଟେକର ତାଙ୍କ ହତ୍ୟା କରିଥିବା ଅଭିଯୋଗ ହୋଇଛି । ବୃଦ୍ଧାଙ୍କ ପିଲାମାନେ ବାହାରେ ରହୁଥିବା ବେଳେ ଲକ୍ଷ୍ମୀସାଗର ବୃନ୍ଦନଗରରରେ ଏକାକୀ ରହୁଥିଲେ କୁଞ୍ଜଲତା ନନ୍ଦ । ବୃଦ୍ଧା ମାଆଙ୍କ ଦେଖାଶୁଣା ପାଇଁ ଘରେ ରଖାଯାଇଥିଲା କେୟାରଟେକର । ଅଭିଯୋଗ ଅନୁସାରେ, ରାତି ପ୍ରାୟ ୯ଟାରୁ ଘରର ସିସିଟିଭି ବନ୍ଦ କରିଦିଆଯାଇଥିଲା । ସକାଳ ହେବା ପରେ ତଳ ମହଲାରେ ରହୁଥିବା ଲୋକେ କୁଞ୍ଜଲତା କବାଟ ଖୋଲୁନଥିବା ତାଙ୍କ ଝିଅଙ୍କୁ ଜଣାଇଥିଲେ । ଖବର ପାଇ ଜ୍ୱାଇଁ ଘରେ ପହଂଚିଥିଲେ । ହେଲେ ଭିତରୁ କବାଟ ବନ୍ଦ ଥିଲା । ପୋଲିସ ଉପସ୍ଥିତିରେ କବାଟ ଖୋଲାଯିବା ପରେ ଯାହା ଦେଖିବାକୁ ମିଳିଥିଲା, ତାହା ଥିଲା ଅତ୍ୟନ୍ତ ଭୟଙ୍କର । ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲା ୭୬ ବର୍ଷୀୟା ବୃଦ୍ଧାଙ୍କ ମୃତଦେହ ।ହାତଗୋଡ଼ ବନ୍ଧା ହୋଇଥିବା ବେଳେ ମୁଣ୍ଡରେ ରହିଥିଲା ଗଭୀର କ୍ଷତଚିହ୍ନ । ଘରର ଆଲମିରା ମଧ ଭଙ୍ଗାଯାଇଥିଲା । ଆଉ ଘରେ ନଥିଲେ ଖୋର୍ଦ୍ଧା ଟାଙ୍ଗୀ ଅଂଚଳର ବଳଭଦ୍ର ମହାରଣା । ଯିଏ ଗତ ୪ ମାସ ଧରି କୁଞ୍ଜଲତାଙ୍କ କେୟାରଟେକର ଭବେ କାମ କରୁଥିଲେ । ଘରୁ ପ୍ରାୟ ୪ରୁ ୫ ଭରି ସୁନା, ନଗଦ ୬୦ ହଜାର ଟଙ୍କା ଏବଂ ସ୍କୁଟି ନେଇ ସେ ଫେରାର ହୋଇଥିବା ଅଭିଯୋଗ ହୋଇଛି । କେବଳ ଜଣେ ନୁହେଁ, ଏହି ହତ୍ୟା ଓ ଲୁଟ୍ ପଛରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥାଇପାରେ ବୋଲି ଝିଅ-ଜ୍ୱାଇଁ ସନ୍ଦେହ ପ୍ରକାଶ କରିଛନ୍ତି । ଅନ୍ୟପଟେ ଘଟଣା ସ୍ଥଳରେ ପୋଲିସ କମିଶନର ଭୁବନେଶ୍ୱର ଡିସିପି ପହଂଚିଥିଲେ । ଲକ୍ଷ୍ମୀସାଗର ପୋଲିସ ଓ ସାଇଂଟିଫିକ୍ ଟିମ୍ ପହଂଚି ତଦନ୍ତ ଜାରି ରଖିଛନ୍ତି ।


ଲାଞ୍ଚ ନେଉଥିଲେ ପୁଲିସ ସବ୍ ଇନ୍ସପେକ୍ଟର: ଭିଜିଲାନ୍ସକୁ ଦେଖି ପୋଖରୀକୁ ଡେଇଁ ପଡ଼ିଲେ



ସମ୍ବଲପୁର, ୦୪/୧୧ (ନି.ପ୍ର): ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ସବ୍ ଇନ୍ସପେକ୍ଟର ସୁଜିତ କୁମାର ମହନ୍ତ । ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି । ଏକ ମାମଲାକୁ ରଫାଦଫା କରିବା ପାଇଁ ସବ୍ ଇନ୍ସପେକ୍ଟର ଶ୍ରୀ ମହନ୍ତ ଜଣେ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ । ସେ ସେହି ମାମଲାର ତଦନ୍ତ ଅଧିକାରୀ ଥିଲେ । ଆଜି ସନ୍ଧ୍ୟାରେ ସେ ଅଭିଯୁକ୍ତଙ୍କୁ ଫୋନ୍ କରିଥିଲେ ଓ ଥାନା ବାହାରେ ଭେଟିବାକୁ କହିଥିଲେ । ଅଭିଯୁକ୍ତ ତାଙ୍କ ଥାନା ବାହାରେ ଭେଟି ଥିଲେ ଓ ଲାଞ୍ଚ ଅର୍ଥ ଦେଇଥିଲେ । ତେବେ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ସେ ଭିଜିଲାନ୍ସ ଜାଲରେ ଫସି ଯାଇଥିବା ଜାଣିବାକୁ ପାଇଥିଲେ । ସେଥିପାଇଁ ସେ ସେଠାରୁ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲେ । ସବ୍ ଇନ୍ସପେକ୍ଟର ସୁଜିତ କୁମାର ମହାନ୍ତି ଲାଞ୍ଚ ଅର୍ଥ ଧରି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ । ତେବେ ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା କରିଥିଲା । ଏହା ଦେଖି ସେ ନିକଟସ୍ଥ ଏକ ପୋଖରୀ ଭିତରକୁ ପଶି ଯାଇଥିଲେ । ହେଲେ ଭିଜିଲାନ୍ସ କର୍ମଚାରୀ ତାଙ୍କୁ ଛାଡ଼ି ନଥିଲେ । କିଛି ଭିଜିଲାନ୍ସ କର୍ମଚାରୀ ପୋଖରୀ ଭିତରକୁ ଡ଼େଇଁଥିଲେ ଓ ପହଁରି ପହଁରି ଯାଇ ସବ୍ ଇନ୍ସପେକ୍ଟର ଶ୍ରୀ ମହନ୍ତଙ୍କୁ କାବୁ କରି କୂଳକୁ ଆଣିଥିଲେ । ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା । ଲାଞ୍ଚ ନେଇ ଧରାପଡ଼ିବା ପରେ ଶ୍ରୀ ମହନ୍ତଙ୍କର ଏକାଧିକ ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ୍ ।

◆◆ପୃଷ୍ଠା ୭

କୋଟିଆରୁ ଫେରିଗଲା ପୁଲିଂ ପାର୍ଟି : ୮ ପ୍ଲାଟୁନ ଫୋର୍ସ ମୁତୟନ କଲା ଓଡ଼ିଶା, ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ପୁଣି ଚିଠି



କୋରାପୁଟ, ୦୪/୧୧ (ନି.ପ୍ର): କୋରାପୁଟ ଜିଲ୍ଲାର କୋଟିଆ ସୀମାବିବାଦ ଏବେ ନୂଆ ମୋଡ଼ ନେଇଛି । ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଖୋଲାଖୋଲି ବେଖାତିର କରି ଆନ୍ଧ୍ରପ୍ରଦେଶ ସରକାର ଆସନ୍ତାକାଲି କୋଟିଆ ଗ୍ରାମପୁଞ୍ଜରେ ପଂଚାୟତ ଓ ମଣ୍ଡଳ ନିର୍ବାଚନ କରିବା ପାଇଁ ଯେଉଁ ପ୍ରସ୍ତୁତି କରିଥିଲେ ତାହା ବିଫଳ ହୋଇଛି । ଆନ୍ଧ୍ରର ଏଭଳି ଏକତରଫା ଦାଦାଗିରି ବିରୋଧରେ କୋଟିଆର ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସହ ଆନ୍ଧ୍ରର ନିର୍ବାଚନୀ ପୋଷ୍ଟର ଚିରି ଫୋପାଡ଼ିବା ପରେ ଆନ୍ଧ୍ର ପୁଲିସ ଓ ପୁଲିଂ ପାର୍ଟି ଆଜି କୋଟିଆ ଛାଡ଼ିଥିବା ଜଣାପଡ଼ିଛି । ଉପଜିଲ୍ଲାପାଳଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ପ୍ରଶାସନ ଏବେ ସମଗ୍ର କୋଟିଆ ଅଂଚଳକୁ ପୁଣିଥରେ ନିଜ ଦଖଲକୁ ନେଇଛି । ସୀମାନ୍ତରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଆଉ ୮ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି । ଆଉ ଏସବୁ ମଧ୍ୟରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ପୁଣିଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିବାବେଳେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି । ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶ ସରକାର ନଭେମ୍ବର ୫ତାରିଖରେ କୋଟିଆରେ ମଣ୍ଡଳ ଓ ପଂଚାୟତ ନିର୍ବାଚନ କରିବା ନିମନ୍ତେ ପୁଲିଂ ପାର୍ଟି ମୁତୟନ ସହ ଅନ୍ୟାନ୍ୟ ପ୍ରସ୍ତୁତି କରିସାରିଥିଲେ । ମାତ୍ର ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ଓ କୋରାପୁଟ ଜିଲ୍ଲା ପ୍ରଶାସନର ଚାପ ପରେ ଏହି ପୁଲିଂ ପାର୍ଟି ଫେରିଯାଇଥିବା ଜଣାପଡ଼ିଛି ।

◆◆ପୃଷ୍ଠା ୭

ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତଙ୍କୁ ମିଳିବ ୧୦୭.୭୦ କୋଟିରୁ ଅଧିକ ଟଙ୍କାର ଅନୁକମ୍ପା ସହାୟତା: ୭ ଯାଏଁ ଗଞ୍ଜାମରେ ସ୍କୁଲ୍ ଛୁଟି



ଭୁବନେଶ୍ୱର, ୦୪/୧୧ (ନି.ପ୍ର): ବାତ୍ୟା 'ଅର୍ଣ୍ଣବ' ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପରିବାରଗୁଡ଼ିକୁ ତୁରନ୍ତ ଆଶ୍ୱସ୍ତି ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ବାତ୍ୟା ପ୍ରଭାବିତଙ୍କ ପାଇଁ ଘୋଷଣା ହୋଇଥିବା ସ୍ୱତନ୍ତ୍ର ପ୍ୟାକେଜ ଅଧୀନରେ ପ୍ରଭାବିତ ଲୋକଙ୍କୁ ନଗଦ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ପ୍ରାୟ ୧୦୭ କୋଟି ୭୦ ଲକ୍ଷରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି । ସୂଚନା ଅନୁସାରେ, ଅର୍ଣ୍ଣବ ପ୍ରଭାବିତଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ଏସଆରସି ଆଜି ୧୦୭.୭୦କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ ଜିଲ୍ଲାକୁ ୧୦୭ କୋଟି ୪୪ ଲକ୍ଷ ୫୫ ହଜାର ଟଙ୍କା ଓ କୋରାପୁଟ ଜିଲ୍ଲାକୁ ୨୬.୨୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ବାତ୍ୟା ପ୍ରଭାବିତଙ୍କୁ

◆◆ପୃଷ୍ଠା ୭

ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ବୁଧବାର ଦିନ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ଲୋକଭବନ ଠାରେ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ସେ ରାଜ୍ୟପାଳଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

ଜଳସମ୍ପଦ ଓ ଗୃହ ବିଭାଗର ପ୍ରଦର୍ଶନ ନୈରାଶ୍ୟଜନକ: ଭକ୍ତ ଦାସ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ବାତ୍ୟା ଓ ବନ୍ୟା ପରିଚାଳନାରେ ସରକାରଙ୍କ ବିଫଳତାକୁ ନେଇ ବର୍ଷିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଆଗୁଆ ସୂଚନା ସତ୍ତ୍ୱେ ଡ୍ୟାମ୍ ରୁ ଠିକ୍ ସମୟରେ ଜଳ ନିଷ୍କାସନ ନ ହେବାରୁ ଗଞ୍ଜାମ, ଗଜପତି ଓ କନ୍ଧମାଳବାସୀ ଦୁର୍ଦ୍ଦଶା ଭୋଗିଥିବା ସେ ଅଭିଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱରେ ଥିବା ଜଳସମ୍ପଦ ଓ ଗୃହ ବିଭାଗର କାର୍ଯ୍ୟଧାରା ନୈରାଶ୍ୟଜନକ ବୋଲି କହିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ମନ୍ତ୍ରୀମାନଙ୍କୁ କ୍ଷେତ୍ରରେ ରହି ଲୋକଙ୍କ ସମସ୍ୟା ବୁଝିବାକୁ ସେ ଦାବି କରିଛନ୍ତି । ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସରକାରଙ୍କ ଘୋଷିତ ଏକର ପିଛା ୮,୫୦୦ ଟଙ୍କାର ସହାୟତା ଅତ୍ୟନ୍ତ ନଗଣ୍ୟ ବୋଲି ଭକ୍ତ କହିଛନ୍ତି । ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି ।

◆◆ପୃଷ୍ଠା ୭

୨୦୨୭ ୟୁପି ନିର୍ବାଚନକୁ ନେଇ ଅଖିଳେଶଙ୍କ ମାଷ୍ଟରପ୍ଲାନ୍: ସିଧା ମୁଖ୍ୟମନ୍ତ୍ରୀ ଚୌକି ଉପରେ ନଜର



ନୂଆଦିଲ୍ଲୀ,୪/୧୧ : ଉତ୍ତରପ୍ରଦେଶରେ ୨୦୨୭ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବଡ଼ ବୟାନ ଦେଇଛନ୍ତି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ । ବାରାଣସୀ ଗସ୍ତ ସମୟରେ ସେ କହିଛନ୍ତି, ପୂର୍ବରୁ ବିଧାନସଭା ନିର୍ବାଚନ ନଲଢ଼ି ମଧ ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ । ତେଣୁ ଏଥର ମଧ ସିଧାସଳଖ ସାଂସଦରୁ ମୁଖ୍ୟମନ୍ତ୍ରୀ ପଦର ଶପଥ ନେବେ । ଏହାକୁ ସେ ଶୁଭ ବୋଲି କହିଛନ୍ତି । ସରକାର ଗଠନ କଲେ କାଶୀରେ ମେଟ୍ରୋ ଚଳାଚଳ, ବରୁଣା ନଦୀର ସଫେଇ ଏବଂ ଚାଷୀଙ୍କୁ ଉଚିତ କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେଇଛନ୍ତି ଅଖିଳେଶ । ସେହିପରି ଶ୍ରୀକୃଷ୍ଣଙ୍କୁ ନେଇ ପଣ୍ଡିତ ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ବୟାନକୁ ନେଇ ମଧ ବର୍ଷିଛନ୍ତି । ଏଭଳି ବୟାନ ଦେଇଥିବା ବ୍ୟକ୍ତିଙ୍କ ସମସ୍ତ କାର୍ଯ୍ୟକ୍ରମ ବନ୍ଦ କରିବା ସହ ଆଶ୍ରମ ଉପରେ ବୁଲଡୋଜର ଚଳାଇବା ଉଚିତ ବୋଲି ସେ କହିଛନ୍ତି । ୟୁପି ସରକାରରେ ମନ୍ତ୍ରୀ ଥିବା ଓମ୍ ପ୍ରକାଶ ରାଜଭରଙ୍କୁ ମଧ ଛାଡ଼ିନାହାନ୍ତି ଅଖିଳେଶ ।

◆◆ପୃଷ୍ଠା ୭

ଅଗ୍ନିବୀରଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବଡ଼ ଉପହାର: ୪ ବର୍ଷ ବଦଳରେ ୬ ବର୍ଷ ଚାକିରି



ନୂଆଦିଲ୍ଲୀ,୪/୧୧ : ଅଗ୍ନିପଥ ଯୋଜନାରେ କେନ୍ଦ୍ର କ୍ୟାବିନେଟ୍ ବଡ଼ ସଂଶୋଧନ କରି ଅଗ୍ନିବୀରଙ୍କ କାର୍ଯ୍ୟକାଳ ୪ ବର୍ଷରୁ ୬ ବର୍ଷକୁ ବୃଦ୍ଧି କରିଛନ୍ତି । ପ୍ରଥମ ବ୍ୟାଚ୍‌ର ୧୮ ହଜାର ଯବାନଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଆସିଥିବା ଏହି ନିଷ୍ପତ୍ତି ଅନୁସାରେ ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ଅତିରିକ୍ତ ଦୁଇ ବର୍ଷ ସେବାର ସୁଯୋଗ ମିଳିବ ଏବଂ ଦକ୍ଷତା ଭିତ୍ତିରେ ନିୟମିତ ସେନାରେ ସାମିଲ ହେବା ପାଇଁ ସ୍ୱତନ୍ତ୍ର ପଦ୍ଧତି ଲାଗୁ ହେବ । ଦେଶର ସୁରକ୍ଷା ବାହିନୀରେ କାର୍ଯ୍ୟରତ ଅଗ୍ନିବୀରମାନଙ୍କ ପାଇଁ କେନ୍ଦ୍ର ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ଅଗ୍ନିପଥ ଯୋଜନା ଅଧୀନରେ ନିଯୁକ୍ତ ଯୁବକମାନଙ୍କ କାର୍ଯ୍ୟକାଳକୁ ୪ ବର୍ଷରୁ ବୃଦ୍ଧି କରି ୬ ବର୍ଷ କରାଯାଇଛି । ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣି ଏହି ଘୋଷଣା କରି ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର କ୍ୟାବିନେଟ୍ ଅଗ୍ନିବୀରମାନଙ୍କୁ ନିୟମିତ ସେନାରେ ସାମିଲ କରିବା ପାଇଁ ଏକ ନୂତନ ନିୟମାବଳୀକୁ ମଞ୍ଜୁରୀ ଦେଇଛନ୍ତି । ଆଗାମୀ ନଭେମ୍ବର ୨୧ ତାରିଖରେ ନୌସେନାର ପ୍ରଥମ ବ୍ୟାଚ୍ ସହିତ ବର୍ଷ ଶେଷ ସୁଦ୍ଧା ପ୍ରାୟ ୧୮ ହଜାର ଅଗ୍ନିବୀରଙ୍କ ୪ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ ଏହି ଘୋଷଣା ଯୁବ ଯବାନଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି । ୨୦୨୨ ଜୁନ୍ ୧୪ରେ ଲାଗୁ ହୋଇଥିବା ପ୍ରାରମ୍ଭିକ ଯୋଜନା

◆◆ପୃଷ୍ଠା ୭

ବାତ୍ୟା, ବନ୍ୟାରେ ଉଜୁଡ଼ିଛି ଚାଷ : ଗଞ୍ଜାମ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି କଲା ଚାଷୀ ସଂଗଠନ

ଗଞ୍ଜାମ,୪/୧୧ (ନି.ପ୍ର): ବାତ୍ୟା, ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର କୃଷି କ୍ଷେତ୍ର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହାର ପ୍ରଭାବରେ ହଜାର ହଜାର କୃଷକ ପରିବାର ଆର୍ଥିକ ଦୁର୍ଦ୍ଦଶା ଓ ଜୀବିକା ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଏଭଳି ପରିସ୍ଥିତିରେ କ୍ଷତିଗ୍ରସ୍ତ କୃଷକଙ୍କ ପୁନର୍ବାସ ଓ କୃଷିର ପୁନରୁଦ୍ଧାର ପାଇଁ ଗଞ୍ଜାମ ଜିଲ୍ଲା ନିମନ୍ତେ ଏକ ସ୍ୱତନ୍ତ୍ର କୃଷି ପ୍ୟାକେଜ୍ ଘୋଷଣା କରିବାକୁ ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ଓ ରୁଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଚଂଳ ନାହାକ ଏବଂ ସଞ୍ଜିବ ରେଡ୍ଡୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । କୃଷକଙ୍କ ଦୁର୍ଦ୍ଦଶାକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ସହାୟତା ପ୍ରଦାନ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗଞ୍ଜାମ ଜିଲ୍ଲାର ହଜାର ହଜାର ପରିବାର କୃଷି ଉପରେ ନିର୍ଭରଶୀଳ। ଲଗାତାର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଧାନ, ପନିପରିବା, ଡାଲିଜାତୀୟ ଫସଲ, ତୈଳବୀଜ, ଫୁଲଚାଷ ଓ ଉଦ୍ୟାନ କୃଷି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏପରିକି ଅମଳ ହେବାକୁ ଥିବା ଫସଲ ମଧ୍ୟ ନଷ୍ଟ ହୋଇଛି। ମତ୍ସ୍ୟଚାଷ, ଜଳସେଚନ ବ୍ୟବସ୍ଥା ଓ କୃଷି ଉପକରଣ ମଧ୍ୟ କ୍ଷତିରୁ ବାଦ୍ ପଡ଼ିନାହିଁ। ଚାଷ ପାଇଁ ବିହନ, ସାର, ଶ୍ରମିକ ଓ ଜଳସେଚନରେ ନିଜର ସଂଚିତ ଅର୍ଥ ବିନିଯୋଗ କରିଥିବା କୃଷକମାନେ ଏବେ ଫସଲ ହରାଇ ଋଣଭାରରେ ବୁଡ଼ିବାକୁ ବସିଛନ୍ତି। ଫସଲ ନଷ୍ଟ ହେବା ସହ ଆୟର ଉତ୍ସ ବନ୍ଦ ହୋଇଯାଇଥିବାରୁ ପରିବାର ପ୍ରତିପୋଷଣ ମଧ୍ୟ ଚିନ୍ତାଜନକ ହୋଇପଡ଼ିଛି। ଏଭଳି ସ୍ଥିତିରେ ସରକାରୀ ସହାୟତା ବିଳମ୍ବ ହେଲେ ଅନେକ କୃଷକ ଚାଷ ଛାଡ଼ିବାକୁ ବାଧ୍ୟ ହେବାର ଆଶଙ୍କା ରହିଛି। କୃଷକଙ୍କୁ ତୁରନ୍ତ ଆର୍ଥିକ ସହାୟତା, କ୍ଷତିପୂରଣ ଓ ପୁନଃଚାଷ ପାଇଁ ଅଧିକ କୃଷି ଇନପୁଟ୍ ସବ୍‌ସିଡି ପ୍ରଦାନ କରିବାକୁ ଦାବି କରାଯାଇଛି। ଏଥିସହ ଫସଲ ଋଣ ପୁନର୍ଗଠନ, ଋଣ ପରିଶୋଧ ସମୟସୀମା ବୃଦ୍ଧି, ସୁଧ ସହାୟତାଯୁକ୍ତ ନୂତନ ଋଣ ଏବଂ ଯୋଗ୍ୟ କୃଷକଙ୍କୁ ଫସଲ ବୀମା ସହାୟତା ଯୋଗାଇଦେବାକୁ ନିବେଦନ କରାଯାଇଛି।

ବିଶେଷକରି ଫୁଲଚାଷୀ, ପନିପରିବା ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସମେତ ଭାଗଚାଷୀ ଓ ବଟାଇ ଚାଷୀଙ୍କୁ ରିଲିଫ୍ ପ୍ରକ୍ରିୟାରେ ସାମିଲ କରିବାକୁ ଦାବି ହୋଇଛି। କ୍ଷତିଗ୍ରସ୍ତ କୃଷକଙ୍କୁ ମାଗଣା କିମ୍ବା ରିହାତି ଦରରେ ବିହନ, ସାର, ଜୈବିକ ଖତ ଓ ଫସଲ ସୁରକ୍ଷା ସାମଗ୍ରୀ ଯୋଗାଇବା ସହ ନଷ୍ଟ ହୋଇଥିବା ଜଳସେଚନ ଓ ଜଳ ନିଷ୍କାସନ ବ୍ୟବସ୍ଥାର ମରାମତି ପାଇଁ ସହାୟତା ଦେବାକୁ ମଧ୍ୟ ଅନୁରୋଧ କରାଯାଇଛି। କେବଳ କ୍ଷତିପୂରଣ ନୁହେଁ, କୃଷକଙ୍କ ଦୀର୍ଘକାଳୀନ ଜୀବିକା ସୁରକ୍ଷା ପାଇଁ ବଜାର ସଂଯୋଗ, କୃଷିଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି, ଶୀତଳ ଭଣ୍ଡାର, ପରିବହନ ଓ ସଂଗ୍ରହ କେନ୍ଦ୍ର ପ୍ରତିଷ୍ଠା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। କୃଷକ ଉତ୍ପାଦକ ସଂଗଠନ ଗଠନ, ଖାଦ୍ୟ ପ୍ରକ୍ରିୟାକରଣ ଓ ଗ୍ରାମୀଣ ଉଦ୍ୟୋଗୀକରଣ ମାଧ୍ୟମରେ ବିକଳ୍ପ ଜୀବିକା ସୃଷ୍ଟି କରିବାକୁ ପ୍ରସ୍ତାବ ରହିଛି। ଏହା ସହିତ ଗଞ୍ଜାମ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ 'ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର କୃଷି ପୁନର୍ବାସ ମିଶନ' ଗଠନ କରିବାକୁ ଦାବି କରାଯାଇଛି।

ଏହି ମିଶନ ମାଧ୍ୟମରେ ବ୍ଲକ୍ ଓ ଗ୍ରାମ ସ୍ତରରେ ଫସଲ କ୍ଷୟକ୍ଷତି ଆକଳନ, କ୍ଷତିଗ୍ରସ୍ତ କୃଷକଙ୍କ ଚିହ୍ନଟ, ସ୍ୱଚ୍ଛ ଓ ସମୟବଦ୍ଧ କ୍ଷତିପୂରଣ ବଂଟନ ଏବଂ କୃଷି ପୁନରୁଦ୍ଧାର ଯୋଜନା ପ୍ରସ୍ତୁତି କରାଯିବାକୁ ପ୍ରସ୍ତାବ ରହିଛି। କୃଷକଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ରୁଷିକୁଲ୍ୟା ରୟତ ମହାସଭା ଓ କୃଷି ବିପଣନ, ପ୍ରାକୃତିକ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ କାର୍ଯ୍ୟରତ ହାପିଡୁକାନ୍ ପକ୍ଷରୁ ଏହି ପୁନର୍ବାସ ପ୍ରକ୍ରିୟାରେ ପ୍ରଶାସନକୁ ସହଯୋଗ କରିବାର ପ୍ରତିଶ୍ରୁତି ଦିଆଯାଇଛି। କୃଷକଙ୍କ ଆର୍ଥିକ ସ୍ଥିରତା, ଆତ୍ମବିଶ୍ୱାସ ଓ କୃଷିର ଦୀର୍ଘକାଳୀନ ସ୍ଥାୟିତ୍ୱ ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଆବାହକ ଶ୍ରୀ ରଥ ଓ ରୟତ ମହାସଭାର ସମ୍ପାଦକ ଶ୍ରୀ ନାୟକ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ସୁବର୍ଣ୍ଣପୁର,୪/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ଆଜି ପି ଏମ୍ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ପୂର୍ବାହ୍ନ ୧୦ ଘଂଟ । ସମୟରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ସଭାପତି,ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ଅଶ୍ୱିନୀ କୁମାରଙ୍କୁ ମେହେର ମୁଖ୍ୟ ଅତିଥି,ସମ୍ମାନନୀୟ ଅତିଥି ଭାବେ ଗୋରେଖନାଥ ସାହୁ, ବରିଷ୍ଠ ସାମ୍ବାଦିକ ତଥା ସଭାପତି, ପୂରାତନ ଛାତ୍ର ସଂସଦ,ବିଇଓ ବିନିକା ଲକ୍ଷ୍ମଣ ମିଶ୍ର ,ବିଇଓ ବୀର ମହାରାଜପୁର ଅଭିଷେକ ଭୁଏ ଓ ବିଇଓ ଉଲୁଣ୍ଡା ଅଜୟ କୁମାର ଲୁହା ମଂଚାସୀନ ଥିଲେ । ମୁଖ୍ୟ ଅତିଥି ଶ୍ରୀ ମେହେର ଛାତ୍ର ଛାତ୍ରୀ ମାନେ ନିଜେ ନିଜେ ସହ ପ୍ରତିଯୋଗିତା କରି ଉତ୍କର୍ଷ ର ପ୍ରମାଣ ଦେବାକୁ ଆହ୍ୱାନ ଦେଇଥିଲେ। ବିଇଓ ବୀରମହାରାଜପୁର ଶ୍ରୀ ଭୁଏ ପ୍ରତିଭା ବିକାଶ ର ମହାମଂଚ ହେଉଛି ସୁରଭି । ବିଇଓ ବିନିକା ଶ୍ରୀ ମିଶ୍ର କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତଥା ବିଇଓ ଉଲୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉଦଘାଟନ ଉତ୍ସବର ପରିସମାପ୍ତି ସହ ପ୍ରତିଯୋଗିତା ପର୍ଯ୍ୟାୟରେ ବିତର୍କ , ବକ୍ତୃତା , ପ୍ରବନ୍ଧ ଲିଖନ ସୃଜନାତ୍ମକ ଲିଖନ,ଶୃତଲିଖନ ଓ ହସ୍ତାକ୍ଷର ଲିଖନ, ଚିତ୍ରାଙ୍କନ, ମଧ୍ୟାହ୍ନ ଭୋଜନ ଆର୍ଟ ଓ କ୍ରାଫ୍ଟ,ଗୀତ ,ଆଦି ପ୍ରତିଯୋଗିତା ଉଭୟ ମହାରାଜା ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା ।ଏହି ସହିତ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସମାନ୍ତରାଳ ତଥା ଅଭିନବ କାର୍ଯ୍ୟକ୍ରମ ମୋଡେଲ ପାର୍ଲିଆମେଂଟ ର ଆୟୋଜନ କରାଯାଇଥିଲା ଯେଉଁ ଦିଗରେ ଛାତ୍ର ଛାତ୍ରୀ ମାନେ ଆମ ସାଂସଦୀୟ ପ୍ରକ୍ରିୟା ର ପ୍ରତୀକ ରୁପାୟନ ରେ ଅଂଶଗ୍ରହଣ କରିଥିଲେ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ ।ଅପରାହ୍ନ ରେ ଅନୁଷ୍ଠିତ ପରବର୍ତ୍ତୀ ପର୍ଯ୍ୟାୟରେ ଦଳଗତ ନୃତ୍ୟ ପରିବେଷଣ କରିବା ବେଳେ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ , ସାଂସଦ ପ୍ରତିନିଧି ନଳିନୀ ପଣ୍ଡା , ରାଧାକାନ୍ତ ମହାକୁର,ଗଦାଧର ବାରିକ, ଯୋଗଦେଇ ଶିଶୁ ପ୍ରତିଭା ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ପହଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ମାନେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭା ରେ ମୁଖ୍ୟ ଅତିଥି ରୁପେ ଜିଲ୍ଲାପାଳ ଦେବାଶିଷ ସିଂହ,ତଥା ସମ୍ମାନିତ ଅତିଥି ରୂପେ ବିଇଓ, ଡୁଙ୍ଗୁରିପାଲି ଗଣେଶ କିଶାନ, ସମାଜସେବୀ ବେଣୁଧର ଦାଶ ଯୋଗଦେଇଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର ସଭାପତିତ୍ୱ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ବିଇଓ ଉଲୁଣ୍ଡା ଅଜୟ କୁମାର ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।

ବାଲୁକା ଚିତ୍ରକଳା ମାଧ୍ୟମରେ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି

ପୁରୀ,୪/୧୧ (ନି.ପ୍ର):ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବାଲୁକା ଶିଳ୍ପୀ ତଥା ସ୍ୟାଣ୍ଡ ଆନିମେଟର ମାନସ କୁମାର ସାହୁ ଓଡ଼ିଶାର ଗର୍ବ ତଥା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଡା. ଅଶୋକ କୁମାର ମହାପାତ୍ରଙ୍କୁ ବାଲୁକା ଆନିମେସନ ମାଧ୍ୟମରେ ଏକ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ସ୍ୱତନ୍ତ୍ର ବାଲୁକା ଆନିମେସନଟି ପୁରୀସ୍ଥିତ ମାନସ କୁମାର ସାହୁଙ୍କ ନିଜସ୍ୱ ଷ୍ଟୁଡିଓରେ ପ୍ରସ୍ତୁତ କରାଯାଇଛି। ଏହି କଳାକୃତିକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରାୟ ଏକ ଘଂଟା ସମୟ ଲାଗିଥିଲା। ଏହା ମାଧ୍ୟମରେ ମାନସ ସାହୁ ନିଜର କଳାତ୍ମକ ଦକ୍ଷତା, ସୃଜନଶୀଳତା ଏବଂ ଡା. ମହାପାତ୍ରଙ୍କ ପ୍ରତି ଗଭୀର ସମ୍ମାନ ଓ ଶ୍ରଦ୍ଧାଭାବକୁ ପ୍ରକାଶ କରିଛନ୍ତି। ଏହି ଅନନ୍ୟ କଳାତ୍ମକ ଉପସ୍ଥାପନା ମାଧ୍ୟମରେ ମାନସ ଡା. ମହାପାତ୍ରଙ୍କ ଉଲ୍ଲେଖନୀୟ ଅବଦାନ, ସଫଳତା ଓ ଗୌରବମୟ ଯାତ୍ରାକୁ ସମ୍ମାନ ଜଣାଇଛନ୍ତି।

ବଲାଙ୍ଗିର ପବ୍ଲିକ୍ ସ୍କୁଲରେ ଯୁଧିଷ୍ଠିର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ

ବଲାଙ୍ଗିର,୪/୧୧ (ନି.ପ୍ର): ବଲାଙ୍ଗିର ପବ୍ଲିକ୍ ସ୍କୁଲ୍ ପରିସରରେ ସ୍ୱାଧିନତା ସଂଗ୍ରାମୀ, ପୂର୍ବତନ ସାଂସଦ ତଥା ସମାଜସେବୀ ଯୁଧିଷ୍ଠିର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ବିରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅତିଥି ଭାବର ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ଅଧ୍ୟାପକ ସନ୍ଦିପ କୁଅଁର ଓ ଧରିତ୍ରୀର ଜିଲ୍ଲା ପ୍ରତିନିଧି ସାମ୍ବାଦିକ ବିରେନ୍ଦ୍ର ଝାଙ୍କର ଯୋଗଦେଇ ଯୁଧିଷ୍ଠିର ମିଶ୍ରଙ୍କ ଫଟୋଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ଜ୍ୱଳନ କରିଥିଲେ । ସମସ୍ତ ଅତିଥି ତାଙ୍କର ଅଭିଭାଷଣରେ ଶ୍ରୀଯୁକ୍ତ ଯୁଧିଷ୍ଠିର ମିଶ୍ରଙ୍କ ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରିଥିଲେ। ସମାଜପ୍ରତି ଅବଦାନ ସଂପର୍କରେ ବର୍ଣ୍ଣନା କରିଥିଲେ ଓ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ ।ପୂର୍ବ ରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀ ସରକାରୀ ବାଳିକା ବିଦ୍ୟାଳୟ ବଲାଙ୍ଗିର ଛାତ୍ରୀ ଶୁଶ୍ରୀ ଦମୟନ୍ତୀ ଖୁଆସ ପ୍ରଥମ ବଲାଙ୍ଗିର ପବ୍ଲିକ ସ୍କୁଲ ର ଛାତ୍ରୀ ପ୍ରିୟାଶିଂ ସାହୁ ଦ୍ୱିତୀୟ ଓ ଅଦୈତା ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରଥିବାରୁ ପୁରସ୍କୃତ କରା ଯାଇଥିଲା ।ଅଧକ୍ଷ ଶ୍ରୀ ସତିଶ ପଧାନ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର କୋଷାଧକ୍ଷ ଆଲୋକ ରଂଜନ ବେଦବାକ୍, ସଭ୍ୟ ଶିରିଶ ଚନ୍ଦ୍ର ହୋତା,ବାଦଲ ମହାକୁର ଯୋଗଦେଇଥିଲେ ।

ଝାଡୁ ଧରି ସଫେଇ କଲେ ଜିଲ୍ଲାପାଳ: ସ୍ୱଚ୍ଛତାର ବାର୍ତ୍ତା ଦେଲେ

କେନ୍ଦ୍ରାପଡ଼ା,୪/୧୧ (ନି.ପ୍ର): କେନ୍ଦ୍ରାପଡ଼ା ମୁନିସିପାଲିଟି ତରଫରୁ ଆୟୋଜିତ ଗଣସଫେଇ ଅଭିଯାନରେ ନିଜକୁ ସାମିଲ କଲେ ସ୍ୱଚ୍ଛତା କେବଳ କଥାରେ ନୁହେଁ, ବରଂ ନିଜ କାର୍ଯ୍ୟରେ ପ୍ରତିଫଳିତ ହେବା ଉଚିତ। ଏଭଳି ଏକ ସକାରାତ୍ମକ ବାର୍ତ୍ତା ଦେଇ ଆଜି କେନ୍ଦ୍ରାପଡ଼ା ସହରରେ ଆୟୋଜିତ ଗଣସଫେଇ ଅଭିଯାନରେ ନିଜେ ଝାଡୁ ଧରି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ ଜିଲ୍ଲାପାଳ ରଘୁରାମ ଆର. ଆୟର। ଜିଲ୍ଲାପାଳଙ୍କ ଏହି ପ୍ରତ୍ୟକ୍ଷ ଅଂଶଗ୍ରହଣ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଅନ୍ୟ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବା ସହ ସହରବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତାର ବାର୍ତ୍ତା ପ୍ରସାର କରିଥିଲା ।କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ଆୟୋଜିତ ଏହି ବ୍ୟାପକ ଗଣସଫେଇ ଅଭିଯାନରେ ସହରର ପୁରୁଣା ବସଷ୍ଟାଣ୍ଡ, କୋର୍ଟ ପରିସର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମେତ ଅନ୍ୟାନ୍ୟ ପ୍ରମୁଖ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ସଫେଇ କାର୍ଯ୍ୟ କରାଯାଇଥିଲା। ଜିଲ୍ଲାପାଳ ନିଜେ ସଫେଇ କାର୍ଯ୍ୟରେ ହାତ ମିଳାଇବା ସହ ସ୍ୱଚ୍ଛତା ରକ୍ଷା ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ପ୍ରେରଣା ଦେଇଥିଲେ।ଏହି ଅଭିଯାନରେ ପୌରପାଳିକାର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରାଙ୍କ ସମେତ ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ପୌରପାଳିକାର ଅଧିକାରୀ ଓ କର୍ମଚାରୀ, ସଫେଇ କର୍ମଚାରୀ ଏବଂ ଅନ୍ୟାନ୍ୟ ସହଯୋଗୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ସମସ୍ତଙ୍କ ସାମୂହିକ ପ୍ରୟାସରେ ସହରର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ସ୍ୱଚ୍ଛତା କେବଳ ପୌରପାଳିକା କିମ୍ବା ସଫେଇ କର୍ମଚାରୀଙ୍କ ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କର ସାମୂହିକ ଦାୟିତ୍ୱ। ନିଜ ଘର, ରାସ୍ତାଘାଟ ଓ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା ସହ ସର୍ବସାଧାରଣ ସ୍ଥାନରେ ଅଳିଆ ଆବର୍ଜନା ନ ପକାଇବା ଦିଗରେ ସମସ୍ତେ ସଚେତନ ହେବା ଆବଶ୍ୟକ। ସଫେଇ କାର୍ଯ୍ୟରେ ସାମିଲ ହୋଇଥିବା ସମସ୍ତ ଜନପ୍ରତିନିଧି, କର୍ମଚାରୀ ଓ ସଫେଇ କର୍ମଚାରୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଜିଲ୍ଲାପାଳଙ୍କ ନିଜେ ସଫେଇ କାର୍ଯ୍ୟରେ ସାମିଲ ହେବା ଏହି ଅଭିଯାନକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା ।କେନ୍ଦ୍ରାପଡ଼ାକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ସହର ଭାବେ ଗଢ଼ି ତୋଳିବା ପାଇଁ ଏଭଳି ସଫେଇ ଅଭିଯାନରେ ନିରନ୍ତର ସାମିଲ ହେବା ସହ ପ୍ରତ୍ୟେକ ନାଗରିକ ନିଜ ନିଜ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

ଚନ୍ଦନ ଶ୍ରୀକ୍ଷେତ୍ରରେ କଳାକନା ବୁଲାଇଲେ ଲୁଟେରା

ଜୟପୁର,୪/୧୧ (ନି.ପ୍ର): ପବିତ୍ର କାର୍ତ୍ତିକ ମାସରେ ଜଗନ୍ନାଥ ମନ୍ଦିରରୁ ଲୁଟ୍। ଯେଉଁ ମନ୍ଦିର ଭକ୍ତଙ୍କ ଆସ୍ଥା, ବିଶ୍ୱାସ ଆଉ ଭାବାବେଗ ସହିତ ଜଡ଼ିତ, ସେହି ପବିତ୍ର ଚନ୍ଦନ ଶ୍ରୀକ୍ଷେତ୍ରକୁ ବି ଛାଡ଼ିଲେନି ଲୁଟେରା। ଠାକୁରଙ୍କ ମୁକୁଟ ଠାରୁ ଆରମ୍ଭ କରି ମା' ଲକ୍ଷ୍ମୀଙ୍କ ସୁନା ଅଳଙ୍କାର, ଏପରିକି ହୁଣ୍ଡିରେ ଥିବା ଭକ୍ତଙ୍କ ଦାନ ଟଙ୍କାକୁ ବି ଲୁଟି ନେଲେ ଦୁର୍ବୃତ। ମନ୍ଦିର ଲୁଟ୍ ର ମାଷ୍ଟରମାଇଣ୍ଡ ଟୁନା ହରିଜନ ଗିରଫ ହେବା ପରେ ବି ଥମୁନି ମନ୍ଦିର ଲୁଟ୍। ପୁଣି ଥରେ ଚୋରଙ୍କ ଟାର୍ଗେଟରେ ଚନ୍ଦନ ଶ୍ରୀକ୍ଷେତ୍ର। ବୋରିଗୁମ୍ମା ପୂଜାରିପୁଟ ଜଗନ୍ନାଥ ମନ୍ଦିରରେ ଲକ୍ଷାଧିକ ଟଙ୍କା ସହ ସୁନା ଓ ରୁପା ଅଳଙ୍କାର ଲୁଟ୍। ଠାକୁରଙ୍କ ଅଳଙ୍କାର ବି ସୁରକ୍ଷିତ ନୁହେଁ, ତେବେ ମନ୍ଦିରର ସୁରକ୍ଷା କାହା ଭରସାରେ । ପବିତ୍ର ମନ୍ଦିର ପରିସରରେ ଲୁଟେରାଙ୍କ ଆତଙ୍କ। ରାତିର ଅନ୍ଧାରରେ ମନ୍ଦିର ଭିତରକୁ ପଶିଲେ, ଆଉ ଠାକୁରଙ୍କ ଅଳଙ୍କାର ସହ ହୁଣ୍ଡି ଟଙ୍କା ଲୁଟି ଛୁ ମାରିଲେ। ଏ ଦୃଶ୍ୟ ହେଉଛି ବୋରିଗୁମ୍ମା ବ୍ଲକ ପୂଜାରିପୁଟ ଗାଁର ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର।

ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଜଗନ୍ନାଥ ମନ୍ଦିର ସମେତ ମା' ଲକ୍ଷ୍ମୀ, ମା' ବିମଳା ଓ ଗଣେଶ ମନ୍ଦିରକୁ ଟାର୍ଗେଟ କରିଥିଲେ ଦୁର୍ବୃତ। ମନ୍ଦିରରୁ ସୁନା ଓ ରୁପା ଅଳଙ୍କାର ସହ ହୁଣ୍ଡିରେ ଥିବା ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ମା' ଲକ୍ଷ୍ମୀଙ୍କ ସୁନା ଅଳଙ୍କାର ଠାରୁ ଆରମ୍ଭ କରି ଜଗନ୍ନାଥଙ୍କ ମୁକୁଟ ପର୍ଯ୍ୟନ୍ତ କିଛି ବି ଛାଡ଼ିନାହାନ୍ତି ଲୁଟେରା। ସବୁଠାରୁ ଚିନ୍ତାଜନକ କଥା ହେଉଛି, ରାତିରେ କିଛି ସନ୍ଦିଗ୍ଧ ବ୍ୟକ୍ତି ମନ୍ଦିର ଡେଇଁ ବାହାରକୁ ଯାଉଥିବା ଦେଖିଥିଲେ ଜଣେ ବ୍ୟକ୍ତି। ସନ୍ଦେହ ହେବାରୁ ତୁରନ୍ତ ମନ୍ଦିର ଦ୍ୱାର ଖୋଲି ଦେଖିବା ବେଳକୁ ସବୁକିଛି ଲୁଟ୍ ହୋଇସାରିଥିଲା। ଠାକୁରଙ୍କ ଅଳଙ୍କାର ନାହିଁ, ହୁଣ୍ଡିରେ ଟଙ୍କା ନାହିଁ। ଖାଲି ପଡ଼ିଥିଲା ମନ୍ଦିରର ଭଣ୍ଡାର। ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ଲୁଟ୍ ହେବା ପରେ ଭାଙ୍ଗିପଡ଼ିଛନ୍ତି ମନ୍ଦିର କମିଟି ସଦସ୍ୟ ଓ ଭକ୍ତ। ଏହା କେବଳ ସୁନା ରୁପା କିମ୍ବା ଟଙ୍କାର କ୍ଷତି ନୁହେଁ, ବରଂ ହଜାର ହଜାର ଭକ୍ତଙ୍କ ଆସ୍ଥା ଉପରେ ଶକ୍ତ ଆଘାତ।

ଘଟଣା ଜଣାପଡ଼ିବା ପରେ ବୋରିଗୁମ୍ମା ପୋଲିସ ମନ୍ଦିରରେ ପହଂଚି ତଦନ୍ତ ଆରମ୍ଭ କରିଛି। କିଏ ଏହି ଲୁଟ୍ ରେ ସାମିଲ, କେଉଁ ରାସ୍ତାରେ ଆସିଥିଲେ ଲୁଟେରା, ଏହା ପଛରେ କୌଣସି ଯୋଜନାବଦ୍ଧ ଗ୍ୟାଙ୍ଗ୍ କାମ କରୁଛି କି ଏବେ ତାହାର ଖୋଳତାଡ଼ ଚାଲିଛି ।ଗୋଟିଏ ପଟେ ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ଲୁଟ୍, ଅନ୍ୟପଟେ ଭକ୍ତଙ୍କ ଦାନ ଟଙ୍କା ଉପରେ ଲୁଟେରାଙ୍କ ନଜର। ଏହି ଘଟଣା ପରେ ଚନ୍ଦନ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ମନରେ ଗଭୀର ଆଘାତ ଲାଗିଛି। ଏବେ ସମସ୍ତଙ୍କ ଗୋଟିଏ ଦାବି, ଲୁଟେରାଙ୍କୁ ତୁରନ୍ତ ଗିରଫ ଏବଂ ଠାକୁରଙ୍କ ଲୁଟ୍ ଅଳଙ୍କାର ତୁରନ୍ତ ଉଦ୍ଧାର କରାଯାଉ ।

ବଲାଙ୍ଗିର ସହରରେ ଆଧୁନିକ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ନିକଟରେ ବିଭିନ୍ନ କ୍ରୀଡ଼ା ସଂଘ ଓ କ୍ରୀଡ଼ାପ୍ରେମୀଙ୍କ ଦାବି

ବଲାଙ୍ଗିର,୪/୧୧ (ନି.ପ୍ର): କ୍ରୀଡ଼ା କ୍ଷେତ୍ରରେ ବଲାଙ୍ଗୀର ଜିଲ୍ଲାର ଏକ ସମୃଦ୍ଧ ଐତିହ୍ୟ ଓ ପରମ୍ପରା ରହିଛି। ଜିଲ୍ଲାର ଅନେକ ପ୍ରତିଭାବାନ ଖେଳାଳି ନିଜର ଦକ୍ଷତା ବଳରେ ରାଜ୍ୟ ଓ ଜାତୀୟସ୍ତରରେ ସଫଳତା ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣୁଛନ୍ତି। ତେବେ ଖେଳାଳିଙ୍କ ପ୍ରତିଭା ଓ ଆଗ୍ରହ ଅନୁଯାୟୀ ଆବଶ୍ୟକ କ୍ରୀଡ଼ା ଭିତିଭୂମିର ଅଭାବ ରହିଥିବାରୁ ବଲାଙ୍ଗୀର ସହର ମଧ୍ୟରେ ଏକ ଅତ୍ୟାଧୁନିକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ ପାଇଁ ଦାବି ଉଠିଛି। ଏ ସମ୍ପର୍କରେ ମଧୁସୂଦନ କ୍ରୀଡ଼ା ଏବଂ ସାଂସ୍କୃତିକ ସଂଘ, ବଲାଙ୍ଗୀର ସମେତ ବିଭିନ୍ନ କ୍ରୀଡ଼ା ସଂଘ ଓ କ୍ରୀଡ଼ାପ୍ରେମୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବଲାଙ୍ଗୀର ବ୍ଲକ୍ ର ଦୁଡୁକାଶିରା ମୌଜାରେ ୧୦ ଏକର ଜମିରେ ଏକ ବ୍ଲକ୍ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିବାରୁ ଏହାକୁ ସମସ୍ତେ ସ୍ୱାଗତ କରିଛନ୍ତି। ତେବେ ଦୁଡୁକାଶିରା ସହରଠାରୁ ଦୂରରେ ଥିବାରୁ ସହରର ବିଭିନ୍ନ କ୍ରୀଡ଼ା ସଂଘ ଓ ଖେଳାଳିମାନଙ୍କ ନିୟମିତ ଅଭ୍ୟାସ, ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଆୟୋଜନରେ ଯାତାୟାତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ବଲାଙ୍ଗୀର ସହରରେ ବିଭିନ୍ନ ଇଣ୍ଡୋର କ୍ରୀଡ଼ାର ଖେଳାଳି ଓ ସଂଘ ରହିଥିଲେ ମଧ୍ୟ ସେମାନଙ୍କ ପାଇଁ ଉପଯୁକ୍ତ ଅଭ୍ୟାସ କେନ୍ଦ୍ର ଓ ଆଧୁନିକ କ୍ରୀଡ଼ା ଭିତିଭୂମି ନାହିଁ। ଫଳରେ ଅନେକ ଖେଳାଳି ନିୟମିତ ଅଭ୍ୟାସ ଓ ଉଚ୍ଚସ୍ତରୀୟ ପ୍ରତିଯୋଗିତା ପାଇଁ ଆବଶ୍ୟକ ସୁବିଧାରୁ ବଂଚିତ ହେଉଛନ୍ତି। ତେଣୁ ବଲାଙ୍ଗୀର ସହର ମଧ୍ୟରେ ଉପଯୁକ୍ତ ସରକାରୀ ଜମି ଚିହ୍ନଟ କରି ଏକ ଆଧୁନିକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ କରିବାକୁ ଦାବି ହୋଇଛି। ଏହି ଷ୍ଟାଡିୟମ୍ ରେ ବିଭିନ୍ନ ଇଣ୍ଡୋର କ୍ରୀଡ଼ା ପାଇଁ ଅତ୍ୟାଧୁନିକ କୋର୍ଟ, ପ୍ରଶିକ୍ଷଣ କେନ୍ଦ୍ର, ଖେଳାଳିଙ୍କ ପାଇଁ ଆବଶ୍ୟକ ସୁବିଧା ସହ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନର ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଉପଯୁକ୍ତ ଜମି ଚିହ୍ନଟ କରିବା ସହ ଏକ ସବିଶେଷ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ ପଠାଇବାକୁ ଦାବି ହୋଇଛି। ଏହି ଦାବିକୁ ସମର୍ଥନ କରି ମଧୁସୂଦନ କ୍ରୀଡ଼ା ଏବଂ ସାଂସ୍କୃତିକ ସଂଘ, ବଲାଙ୍ଗୀରର ସମ୍ପାଦକ ଆଡଭୋକେଟ୍ ସୁମିତ ରଞ୍ଜନ ପୁରୋହିତ, ବଲାଙ୍ଗୀର ବାର୍ ଆସୋସିଏସନ୍ ର ସଭାପତି ବାସୁଦେବ ରଥ, ଚନ୍ଦ୍ରଶେଖର ମିଶ୍ର, ବିଶିଷ୍ଟ କ୍ରୀଡ଼ାବିତ୍ ଲଳିତ ଶର୍ମାଙ୍କ ସମେତ ଅନେକ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ବଲାଙ୍ଗୀର ସହରରେ ଏକ ଆଧୁନିକ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ ପାଇଁ ଦାବି ଜଣାଇଛନ୍ତି। ଦୁଡୁକାଶିରାରେ ବ୍ଲକ୍ ସ୍ତରୀୟ ଷ୍ଟାଡିୟମ୍ ସହ ବଲାଙ୍ଗୀର ସହରରେ ଆଧୁନିକ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ ହେଲେ ଜିଲ୍ଲାର କ୍ରୀଡ଼ା ଭିତିଭୂମି ଆହୁରି ସୁଦୃଢ଼ ହେବ। ଏହା ଖେଳାଳିଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଭା ବିକାଶର ସୁଯୋଗ ଦେବା ସହ ବଲାଙ୍ଗୀରକୁ ରାଜ୍ୟର ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ଗଢ଼ି ତୋଳିବାରେ ସହାୟକ ହେବ। ଏଥିପାଇଁ ଜିଲ୍ଲାପାଳ ଓ ରାଜ୍ୟ ସରକାର ଯଥାଶୀଘ୍ର ସକାରାତ୍ମକ ପଦକ୍ଷେପ ନେବାକୁ କ୍ରୀଡ଼ାପ୍ରେମୀମାନେ ଆଶା ପ୍ରକାଶ କରିଛନ୍ତି।

ଅଠରନଳାର ଉନ୍ନୟନ ଓ ସୌନ୍ଦର୍ଯ୍ୟ କରଣ ପାଇଁ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

ପୁରୀ,୪/୧୧ (ନି.ପ୍ର): ଅଠରନଳା ପୁରୀର ଏକ ଐତିହ୍ୟ ସମ୍ପର୍ଣ୍ଣ ସ୍ଥଳ। ଏହାର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ କରାଯିବା ସହ ଏହାକୁ ପର୍ଯ୍ୟଟକ ଉପଯୋଗୀ କରାଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା। ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ପରିଡା ଅଠରନଳା ସହ ହୁଳହୁଳିଆ ପୋଲ ନିକଟସ୍ଥ ଅଂଚଳ ଓ ପୁରୀ ଲେକ ଅଂଚଳ ପରିଦର୍ଶନ କରିଥିଲେ। ଏହି ପ୍ରକଳ୍ପର କାର୍ଯ୍ୟ ଓବିସିସି ପକ୍ଷରୁ କରାଯାଉଛି ବୋଲି ଜିଲ୍ଲାପାଳ କହିଛନ୍ତି। ଅଠରନଳାର ଜଳ ଉତ୍ସକୁ ସଫା ରଖିବା, ଦଳ ସଫା କରିବା, ଡ୍ରେଜିଂ, ଜଳ ନିଷ୍କାସନ ବ୍ୟବସ୍ଥା କରିବା, ସହରର ସମସ୍ତ ନଳା ଗୁଡିକର ଜଳ ପରିଚାଳନା ସହ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସମ୍ପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ। ସେହିପରି ପୁରୀରେ ବାଲୁକା କଳା ସଂଗ୍ରହାଳୟ ବା ସ୍ୟାଣ୍ଡ ଆର୍ଟ ମ୍ୟୁଜିୟମ ପ୍ରତିଷ୍ଠା କରାଯିବ। ଯାହା ଫଳରେ ପର୍ଯ୍ୟଟକ ଏହାକୁ ପରିଦର୍ଶନ କରିବା ସହ ବାଲୁକା କଳା ସମ୍ପର୍କରେ ଆଗ୍ରହୀ ବ୍ୟକ୍ତି ମାନେ ପ୍ରଶିକ୍ଷଣ ମଧ୍ୟ ନେଇପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ସୂଚନା ଦେଇଥିଲେ। ଏହାପରେ ଜିଲ୍ଲାପାଳ ହୁଳହୁଳିଆ ପୋଲ ନିକଟସ୍ଥ ଅଂଚଳ ପରିଦର୍ଶନ ସହ ତାହାର ଜଳ ନିଷ୍କାସନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ପରେ ଖଣ୍ଡିଆବନ୍ଧ ସ୍ଥିତ ପୁରୀ ଲେକ ପ୍ରକଳ୍ପକୁ ଜିଲ୍ଲାପାଳ ପରିଦର୍ଶନ କରି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସେଠାରେ ସାଇକ୍ଲିଂ, ୱାକିଂ, ବୋଟିଂ, ଜିମ୍ ଇତ୍ୟାଦି ର ବ୍ୟବସ୍ଥା କରାଯାଉଛି।

ଫୁଲରାଣୀର କବି କୈଳାସ ଚନ୍ଦ୍ର ଧଳ ସମ୍ବର୍ଦ୍ଧିତ

କନ୍ଧମାଳ,୪/୧୧ (ନି.ପ୍ର): ଶିଶୁ ପତ୍ରିକା ଫୁଲରାଣୀର ସମ୍ପାଦକ ଶ୍ରୀ କୈଳାସ ଚନ୍ଦ୍ର ଧଳଙ୍କୁ ପୁରୀର ୟୁଥ ହଷ୍ଟେଲରେ ଆୟୋଜିତ ଓଡିଶା ଶିଶୁ ସାହିତ୍ୟ ସମ୍ପାଦକ, ସଙ୍ଗଠନ , ଭୁବନେଶ୍ୱର, ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । କନ୍ଧମାଳ ଜିଲ୍ଲାରେ ଶିଶୁ ସାହିତ୍ୟ କ୍ଷେତ୍ରରେ ଶ୍ରୀଯୁକ୍ତ ଧଳଙ୍କ ଫୁଲରାଣୀ ଶିଶୁ ପତ୍ରିକା ମାଧ୍ୟମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସଂଗଠନ ତରଫରୁ ମାନପତ୍ର ଉପଢୋକନ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ଶିଶୁସାହିତ୍ୟିକ ଓ ଜାତୀୟ ବାଲ ପୁରସ୍କାର ବିଜେତା ଡ ରାଜକିଶୋର ପାଢ଼ୀ ସଭାପତିତ୍ୱ କରିଥିଲା ବେଳେ ନେସନେଲ ବୁକ ଟ୍ରଷ୍ଟର ପ୍ରାକ୍ତନ ପୂର୍ବାଞ୍ଚଳ ମୁଖ୍ୟ ତଥା ପୁରୀ ପାଠକମଞ୍ଚର ସମ୍ପାଦକ ଡ ମାନସ ମହାପାତ୍ର ମୁଖ୍ୟଅତିଥି, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ ଗୋବିନ୍ଦ ଚାନ୍ଦ ଓ ଡ ପ୍ରିୟଙ୍କା ମହାନ୍ତି ସମ୍ମାନିତ ଅତିଥି ଏବଂ ଡ ଶ୍ରୀକାନ୍ତ ଚରଣ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ସାହିତ୍ୟରେ ସମ୍ପାଦକମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ । ସଂଗଠନ ର ସଭାପତି ଡ ରାମଚନ୍ଦ୍ର ଦେଓ ଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନ ଓ ପୃଷ୍ଟପୋଷାକତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୁଶାନ୍ତ କୁମାର ସେନାପତି ସ୍ୱାଗତ ଭାଷଣ ଦେଇଥିଲା ବେଳେ ରମେଶ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ପରେ ରାଜ୍ୟସ୍ତରୀୟ ଏହି ନିଖିଳ ଓଡିଶା ଶିଶୁ ସାହିତ୍ୟ ସମ୍ପାଦକ ସଂଗଠନର କର୍ମକର୍ତ୍ତା ମନୋନୀତ କରାଯାଇଥିଲା । ଡ ରାମଚନ୍ଦ୍ର ଦେଓ ପୂର୍ବପରି ସଭାପତି ରହିଥିଲା ବେଳେ କନ୍ଧମାଳ ଜିଲ୍ଲା ସଂଯୋଜକ ଭାବେ ଶ୍ରୀ କୈଳାସ ଚନ୍ଦ୍ର ଧଳ ମନୋନୀତ ହୋଇଥିଲେ ।

ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ ବୁଦ୍ଧିଜୀବୀ ସମ୍ମିଳନୀ

ଝାରସୁଗୁଡା,୪/୧୧ (ନି.ପ୍ର): ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ ଅଭିଯାନ ଅନ୍ତର୍ଗତ ଏକ ବୁଦ୍ଧିଜୀବୀ ସମ୍ମିଳନୀ ସରବାହାଲ ସ୍ଥିତ ଏକ ଘରୋଇ ହୋଟେଲରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ସୁନୀଲ ପଣ୍ଡା, ବରିଷ୍ଠ ନାଗରିକ ସଂଘର ସଭାପତି ବାଳଗୋବିନ୍ଦ ମିଶ୍ର, ସୀତାରାମ ବିର୍ତିଆ, ପୁରୁଷୋତମ ତିବ୍ରିୱାଲ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ଚନ୍ଦନ ନିଖଣ୍ଡିଆ, ରାମତୁଲା ମୁନ୍ଦ୍ରା ପ୍ରମୁଖ ଯୋଗଦେଇଥିଲେ । ମଂଚରେ ଝାରସୁଗୁଡ଼ା ବିଧାୟକ ଶ୍ରୀ ତ୍ରିପାଠୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପୂର୍ବରୁ ଭାଷରେ ଶାଳୀନତା ଥିଲା ଓ ମାତ୍ର ବର୍ତମାନ ଜେନଜି ନାମରେ ଏବେ ପ୍ରଧାନମନ୍ତ୍ରୀଙ୍କୁ ଗାଳିଗୁଲଜ କରୁଛନ୍ତି ଓ ଜେନଜି ନାମରେ ଯୁବଗୋଷ୍ଠୀଙ୍କୁ ହାତେଇ ଆନ୍ଦୋଳନ କରିବା ସହ ଦେଶକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ଓ ସେହିପରି ବିରୋଧୀ ଦଳ ପକ୍ଷରୁ ଝାରସୁଗୁଡାରେ ଏସ ଆଇ ଆର ନାମରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛିଓ ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଓ ତେବେ ଝାରସୁଗୁଡ଼ାରେ ବିରୋଧୀ ଦଳ ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କୁ ନେଇ ହୋଟେଲରେ ନାଚ ଗୀତ କରିବା ଏବଂ ତାଙ୍କୁ ପ୍ରଲୋଭନ ଦେଖାଇବା ଭଳି କାର୍ଯ୍ୟକୁ କ'ଣ ଗଣତନ୍ତ୍ର କୁହାଯିବ ଓ ତେଣୁ ବିରୋଧୀ ଦଳର ଗଣତନ୍ତ୍ର ବିରୋଧୀ କାର୍ଯ୍ୟକୁ ସମାଜ କେବେ ଗ୍ରହଣ କରିବ ନାହିଁ ଓ ଏଣୁ ଗଣତନ୍ତ୍ରକୁ ଆମେ କେମିତି ବଂଚେଇ ରଖିବା ଏହା ଆମ ସମସ୍ତଙ୍କର କର୍ତ୍ତ୍ୱ୍ୟ ହେବା ଦରକାର ଓ ଆଗାମୀ ଦିନରେ ଦେଶର ବୁଦ୍ଧିଜୀବୀ ଏହାର ନିର୍ଣ୍ଣୟ ନିଶ୍ଚୟ କରିବେ ବୋଲି ବିଧାୟକ ଟଙ୍କଧର ତ୍ରିପାଠୀ ମତପ୍ରକାଶ କରିଥିଲେ ଓ ମୁଖ୍ୟବକ୍ତା ଭାବେ ଶ୍ରୀ ସାହୁ ତାଙ୍କ ଅଭିଭାଷଣରେ ବର୍ତମାନ ଦେଶ ଘଡ଼ିସନ୍ଧି ମୁହୂର୍ତ ଦେଇ ଗତି କରୁଛି ଓ କିଛି ବିଦେଶୀ ଶକ୍ତି ଦେଶର ପ୍ରଗତିକୁ ରୋକିବା ପାଇଁ ଚେଷ୍ଟା କରୁଛନ୍ତି ଓ ବିଗତ ଦିନରେ କିଛି ନିର୍ଦ୍ଦିଷ୍ଟ ଯୁବଗୋଷ୍ଠୀ ଭାରତରେ ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ଓ ଲୋକଙ୍କ ଆଗରେ ମିଥ୍ୟା ଓ ଭ୍ରମାତ୍ମକ ଖବର ପ୍ରଚାର କରି ଯୁବଗୋଷ୍ଠୀଙ୍କୁ ଉସୁକାଉଛନ୍ତି ଓ ଏପରିକି ଦେଶର ଅର୍ଥନୀତିକୁ ବରବାଦ କରିବା ପାଇଁ ବିଦେଶୀ ଶକ୍ତି ଭାରତର ଯୁବଗୋଷ୍ଠୀଙ୍କୁ ହାତ କରି ଆନ୍ଦୋଳନ କରୁଛନ୍ତି ଓ ଦୀର୍ଘ ୧୨ ବର୍ଷ ଧରି ଭାରତର ବୈଦେଶିକ ନୀତି ଯୋଗୁଁ ବହୁ ଦେଶ ସହିତ ଉତମ ସମ୍ପର୍କ ରହିଛି ଓ ଏହି ସମ୍ପର୍କ ପାଇଁ ଆଜି ଦେଶ ଆର୍ଥିକ ପ୍ରଗତି କରୁଛି ।

ବିଚିତ୍ରା

ଧ୍ୱନି ପ୍ରତିଧ୍ୱନି

ଓ ♣ ବାଲେଶ୍ୱର ♣ ୦୫ ନଭେମ୍ବର ୨୦୨୬ ଗୁରୁବାର

ଧାରାବାହିକ: ଭାଗ-୬୨

ସଂକ୍ଷିପ୍ତ ଭାଗବତ କଥାମୃତ

ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



୨୮ଶ ଅଧ୍ୟାୟ, ପରମାର୍ଥ ନିରୂପଣ

ଭଗବାନ କହିଲେ, ଉଦ୍ଧବ, ଜ୍ଞାନୀ ବ୍ୟକ୍ତିମାନେ ପ୍ରକୃତି ପୁରୁଷ ସଂଯୋଗରେ ସୃଷ୍ଟି ଏହି ବିଶ୍ୱକୁ ବ୍ରହ୍ମମୟ ଦର୍ଶନ କରି ପ୍ରାଣୀକୃତ ସକଳ କର୍ମର ସାକ୍ଷୀରୂପେ ରହିଥାନ୍ତି । ନିନ୍ଦା ବା ପ୍ରଶଂସା କରନ୍ତି ନାହିଁ । ଏମାନଙ୍କଠାରେ ଆପଣାପର ଭେଦଭାବ ନଥାଏ । ଭ୍ରମ ବଶତଃ ଯେଉଁମାନେ ଏହାର ବ୍ୟତିକ୍ରମ କରନ୍ତି ସେମାନେ ଅସତ୍ୟ, ନିଷ୍ଠୁରତା, ସ୍ୱାର୍ଥ ଓ ଅହଂକାରରେ ଜଡିତ ହୋଇଯାନ୍ତି । ସେମାନଙ୍କର ମାନସିକ ଶାନ୍ତି ନଷ୍ଟ ହୁଏ । ସେମାନେ ଜାଗ୍ରତ ଅବସ୍ଥାରେ ମଧ ଜଡବତ ପ୍ରତୀତ ହୋଇଥାନ୍ତି, ଦେଖି ଶୁଣି ସେମାନଙ୍କର କିଛି ହେଲେ ଶିକ୍ଷାଲାଭ ହୁଏନାହିଁ । ଅବାସ୍ତବ, ଦୈତବସ୍ତୁ ସମସ୍ତ ମିଥ୍ୟା । ତହିଁରେ ଉତ୍କୃଷ୍ଟ ବା ନିକୃଷ୍ଟ ବିଚାରର ବା ନିନ୍ଦାସ୍ତୁତିର ପ୍ରଶ୍ନନାହିଁ । ବାକ୍ୟ ଦ୍ୱାରା କଥିତ ଇନ୍ଦ୍ରିୟଗ୍ରାହ୍ୟ ବିଷୟ, ମନ ଦ୍ୱାରା ଚିନ୍ତିତ ସକଳ ବସ୍ତୁ ଅଳୀକ । ପ୍ରତିବିମ୍ବ, ପ୍ରତିଧ୍ୱନି ଏବଂ ଭ୍ରମଜ୍ଞାନ, ଏ ସମସ୍ତ ଅବାସ୍ତବ ହେଲେ ହେଁ ମନୁଷ୍ୟର ଭୟ ଓ ଲୋଭ ଉଦ୍ରେକ କରେ ଏବଂ ଜନ୍ମ ମୃତ୍ୟୁର କାରଣ ହୁଏ । ତେଣୁ ସକଳ ମାୟାପ୍ରତି ସତର୍କ ରହି କେବଳ ଆତ୍ମାକୁ ଅନୁଭବ କରିବା ଉଚିତ । ଆତ୍ମା ହିଁ ସ୍ରଷ୍ଟା ଓ ସୃଷ୍ଟିବସ୍ତୁ । ଆତ୍ମା ହିଁ ରକ୍ଷାକରେ ଓ ନିଜେ ରକ୍ଷିତ ହୁଏ, ସବୁକିଛି ବିନାଶ କରେ ଓ ନିଜେ ବିନିଷ୍ଟ ହୁଏ । ଆତ୍ମା ହିଁ କର୍ତ୍ତା, ହର୍ତ୍ତା, ଈଶ୍ୱର ଓ ପିତାମାତା ।ସୃଷ୍ଟି ପାଳନ, ସଂହାରଣ ସବୁ ତାହାରି ଭିଆଣ । ଆତ୍ମା ହିଁ ସତ୍ୟ, ଅନ୍ୟ ସମସ୍ତ ମିଥ୍ୟା । ସୁତରାଂ ଯାହା ମିଥ୍ୟା ତାହାର ନିନ୍ଦା, ସ୍ତୁତି ମଧ ନିରର୍ଥକ । ସେଥିପାଇଁ ମୁଁ କହୁଛି, ଜ୍ଞାନୀବ୍ୟକ୍ତି କେବଳ ସୂର୍ଯ୍ୟପରି ସକଳ ବିଷୟର ଦ୍ରଷ୍ଟା ହୋଇ ନିର୍ଲିପ୍ତ ଭାବ ପୋଷଣ କରିବେ । ଉଦ୍ଧବ ପଚାରିଲେ, ପ୍ରଭୁ ! ଏ ଅନିତ୍ୟ ସଂସାରରେ ଆତ୍ମା ବା ଜୀବ, ଚେତନ ଓ ଦ୍ରଷ୍ଟା ହେଲେ ହେଁ ସେ ତ ନିର୍ଲିପ୍ତ, ନିର୍ଗୁଣ, ନିର୍ବିକାର, ତାର ଜନ୍ମ ମରଣ ନାହିଁ । ପୁଣି ଏ ଯେଉଁ ପଞ୍ଚଭୂତର ଦେହ, ଏହା ଦୃଶ୍ୟ ହେଲେ ହେଁ କ୍ଷଣଭଙ୍ଗୁର ଏବଂ ତୁମର କହିବାମତେ ଅଳୀକ , ମିଥ୍ୟା । ଏପରି ସ୍ଥଳେ କିଏ ତେବେ ସଂସାରୀ ହୋଇ ସଂସାର ଦୁଃଖ ଅନୁଭବ କରେ ଓ ଜନ୍ମମରଣକୁ ଅନୁସରଣ କରି ସଂସାର ଚକ୍ରରେ ଘୁରିବୁଲେ । ଭଗବାନ କହିଲେ, ଆତ୍ମା ଅପରିଣାମୀ, ନିର୍ଗୁଣ, ପାପପୁଣ୍ୟ ରହିତ ଓ ଅଗ୍ନିତୁଲ୍ୟ ସ୍ୱପ୍ରକାଶ ହେଲେ ମଧ ଯେ ପର୍ଯ୍ୟନ୍ତ ଦେହ, ଇନ୍ଦ୍ରିୟ ଓ ପ୍ରାଣ ସହିତ ତାହାର ସମ୍ବନ୍ଧ ଥାଏ ସେ ପର୍ଯ୍ୟନ୍ତ ଜନ୍ମମରଣ ପ୍ରବାହ, ସାଂସାରିକ ଦୁଃଖସୁଖ ଅସତ୍ୟ ହେଲେ ହେଁ ସେ ତହିଁରେ ଜଡିତ ହେଲାପରି ସାଧାରଣ ଦୃଷ୍ଟିରେ ପ୍ରତୀତ ହୁଏ । ସ୍ୱପ୍ନ ଦର୍ଶନରେ ସୁଖ, ଦୁଃଖ, ଭୟ ବିଷୟାସକ୍ତ ବ୍ୟକ୍ତିର ସାଂସାରିକ ସୁଖଦୁଃଖ ଭୟାଦି ଅନୁଭୂତ ହୁଏ । ନିଦ୍ରାର ଅବସାନରେ ତାହା ମିଥ୍ୟାରେ ପରିଣତ ହେଲାପରି ଜ୍ଞାନୋଦୟ ହେଲେ ମନୁଷ୍ୟର ସଂସାର ସୁଖଦୁଃଖ ଅଳୀକ ଜ୍ଞାନକରେ । ହର୍ଷ, ବିଷାଦ, ଦୁଃଖଶୋକ, ଭୟକ୍ରୋଧ, ଲୋଭମୋହ ହୁଏ । ଶୁଦ୍ଧ ଆତ୍ମାକୁ ଏ ସକଳ ସ୍ପର୍ଶ କରିପାରେନାହିଁ , ଏହା ହିଁ ଜ୍ଞାନ । ଜ୍ଞାନ ହିଁ ବିବେକ ଓ ବିବେକ ହିଁ ଯଥାର୍ଥ ଜ୍ଞାନ । ବେଦ, ସ୍ୱଧର୍ମାଚରଣ, ଉପଦେଶ, ବିଚାର ଏବଂ ଅନୁଭବ ଏହିସବୁ ଜ୍ଞାନର ସାଧନ, ଜ୍ଞାନ ଦ୍ୱାରା ମୋର ଏକତ୍ୱର ଅନୁଭୂତି ଜନ୍ମେ । ସ୍ୱର୍ଣ୍ଣ ଓ ରୌପ୍ୟ ମଧବର୍ତ୍ତୀକାଳରେ ବିଭିନ୍ନ ଅଳଙ୍କାରରେ ରୂପାନ୍ତର ହୋଇ ବିଭିନ୍ନ ନାମ ଧାରଣ କରି ପୁନର୍ବାର ସେହି ମୌଳିକ ବସ୍ତୁରେ ପରିଣତ ହୁଏ, ମୁଁ ସେହିପରି ବିଭିନ୍ନ ନାମରେ ପରିଚିତ ହେଲେ ହେଁ ସର୍ବଦା, ସର୍ବତ୍ର, ସର୍ବଭୂତରେ, ବିଶ୍ୱର ଆଦି, ଅନ୍ତ ଓ ମଧରେ ସମ ଭାବରେ ବିଦ୍ୟମାନ ରହିଥାଏ । ଏହି ପ୍ରକାର ଅନୁଭୂତି ହିଁ ଜ୍ଞାନ ସିଦ୍ଧି ବା ଜ୍ଞାନଯୋଗ । ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସର ଆବଶ୍ୟକ ନାହିଁ । ଏହା ସ୍ୱଭାବିକ ଭାବେ ହିଁ ଆଚରଣୀୟ । ଦୈହିକ ସିଦ୍ଧି ବା ଦୀର୍ଘାୟୁ ଲାଭ ପାଇଁ ଯୋଗ ସାଧନା ଜ୍ଞାନୀ ବ୍ୟକ୍ତି ପକ୍ଷରେ ପରିହାର୍ଯ୍ୟ । କାରଣ ବୃକ୍ଷର ଫଳ ଯେପରି ଫଳି, ପାଚଳ ହୋଇ ଝରିପଡେ ସେହିପରି ଦେହର ମଧ ଗତି ହେବା ସ୍ୱାଭାବିକ । ଏଣୁ ଦେହକୁ ଦୀର୍ଘସ୍ଥାୟୀ କରିବାର ସାଧନ ନିରର୍ଥକ । ଏହା ଜ୍ଞାନଯୋଗର ପରିପନ୍ଥୀ ମାତ୍ର ନିତ୍ୟ ଯୋଗାଭ୍ୟାସ ଫଳରେ ଯଦିଓ ଦେହ ସ୍ୱତଃ ଦୀର୍ଘକାଳ ସ୍ଥାୟୀ ହୋଇପାରେ ତଥାପି ମୋର ଆରାଧନାରେ ରତ ଜ୍ଞାନୀ ବ୍ୟକ୍ତି ମୋର ଉପାସନା ତ୍ୟାଗକରି ଆୟୁ ବୃଦ୍ଧିକାରୀ ଯୋଗସାଧନରେ ଆଗ୍ରହ ପ୍ରକାଶ କରେନାହିଁ । ମୋର ଏକନିଷ୍ଠ ଆରାଧନା ହିଁ ତାଙ୍କର ସକଳ ବିଘ୍ନ ବିନାଶ କରି ସର୍ବ ଶକ୍ତିର ଉତ୍ସ, ଅନିଷ୍ଟ ଅମଙ୍ଗଳ ତାଙ୍କଠାରୁ ଦୂରେଇଯିବ । ଜ୍ଞାନୋପଦେଶ ପାଇ ଉଦ୍ଧବ କୃତକୃତ୍ୟ ହେଲେ, ତାଙ୍କ ଚକ୍ଷୁରୁ ଅଜ୍ଞାନ ଅନ୍ଧକାର ଦୂରେଇ ଯିବାରୁ ସମସ୍ତ କାମନା ବାସନା ଲୋପହେଲା ।

୨୯ ଶ ଅଧ୍ୟାୟ, ଭଗବତ୍ ପ୍ରାପ୍ତିର ସକଳ ମାର୍ଗ ଓ ଉଦ୍ଧବଙ୍କ ବଦରିକା ଗମନ

ଉଦ୍ଧବ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖରୁ ଯୋଗସାଧନର ତତ୍ୱବାଣୀ ଶ୍ରବଣ କରି ପୁଣି ସଂଶୟପୂର୍ଣ୍ଣ ଚିତ୍ତରେ କରଯୋଡି ପ୍ରଶ୍ନ କଲେ ପ୍ରଭୁ, ତୁମେ ଏ ଯେଉଁ ଯୋଗସାଧନର ବିଷୟ କହିଲ ଏହାତ ବଡ କଠିନ । ମନୁଷ୍ୟ ତାର ସ୍ୱଳ୍ପ ଜୀବନକାଳ ମଧରେ ଏହି କ୍ଷଣଭଙ୍ଗୁର ଦେହ ଧରି କିପରି ବା ଏହା ସାଧନ କରିପାରିବ ? ବିଶେଷତଃ ଅଜିତେନ୍ଦ୍ରିୟ ସାଧାରଣ ବ୍ୟକ୍ତି ପକ୍ଷରେ ଏହାତ ସମ୍ପୂର୍ଣ୍ଣ ଦୁଃସାଧ ବୋଲି ମନେହୁଏ । ତେଣୁ ଯଦି କୌଣସି ସାଧନା ବା ଉପାୟ ଅବଲମ୍ବନ କରି ଅଳ୍ପ ପ୍ରୟାସରେ ତୁମକୁ ଲାଭ କରାଯାଇପାରେ ତେବେ ତାହା ମୋତେ ଦୟାକରି ବୁଝାଇ କୁହ । ମନର ଏକାଗ୍ରତା ସାଧନ ଏକ ଦୁରୂହ କାର୍ଯ୍ୟ । ଏହା କରୁ କରୁ ସାଧାରଣ ମନୁଷ୍ୟ କ୍ଳାନ୍ତ ହୋଇପଡିବା ସ୍ୱାଭାବିକ ପୁଣି ସାଧନାରେ ସିଦ୍ଧିଲାଭ ନହେଲେ ଅତ୍ୟନ୍ତ ମାନସିକ ବିଷାଦ ଅନୁଭୂତ ହୁଏ । ହେ ପ୍ରଭୁ, କମଳଲୋଚନ, ତୁମର ଅଭୟ ପାଦପଦ୍ମ ଆଶ୍ରୟକରି ଜୀବ ସଂସାରରୁ ଭଲେ ଭଲେ ତରିଯାଏ । ତୁମକୁ ନେଇ ତର୍କ କଲେ ତୁମେ ଦୂରେଇଯାଅ । ସେହିପରି ଅହଂକାରୀ ବ୍ୟକ୍ତି ଉଦ୍ଭ୍ରାନ୍ତ ହୋଇବୁଲେ । ପ୍ରକୃତ ଜ୍ଞାନୀ ପଣ୍ଡିତ ବ୍ୟକ୍ତମାନେ ତୁମ ବିଷୟରେ ତର୍କ କରିବାକୁ ଭୟ କରନ୍ତି । କାରଣ ସେମାନେ ଏହି ଭବସିନ୍ଧୁ ଅକ୍ଳେଶରେ ତରି ଯାଆନ୍ତି । ପୂର୍ବରୁ ଦୁଷ୍ଟ, ପତିତ, ଦୁରାଚାର ଥିବା ଅନୁତପ୍ତ ବ୍ୟକ୍ତି ମଧ ଏହି ପନ୍ଥାରେ ମୁକ୍ତିଲାଭ କରନ୍ତି । ତେବେ ହେ ବାବୁ, କେବଳ ଶ୍ରଦ୍ଧାବାନ, ସାଧୁ, ସତଚରିତ୍ର ଶୁଚୀମନ୍ତ, ବ୍ରାହ୍ମଣ ସେବକ ଏବଂ ଦୁଃଖପାଇଁ ଯେ ପରକୁ ଦୋଷନଦିଏ ଏହିପରି ବ୍ୟକ୍ତି ଦେଖି ଯାହା ନିକଟରେ ଏହି ଧର୍ମ ପ୍ରକାଶ କରିବ । ଏଥିରେ ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ବା ବୟସ ବିଚାର ପ୍ରଶ୍ନନାହିଁ । ଶ୍ରଦ୍ଧାବାନ ଶୂଦ୍ର, ଚଣ୍ଡାଳ, ପତିତ, ସ୍ୱାମୀ ସହିତ ମୋତେ ଧ୍ୟାନ କରୁଥିବା ନାରୀ ସମସ୍ତେ ଏହି ସରଳ ଧର୍ମ ଉପଦେଶ ଗ୍ରହଣର ଅଧିକାରୀ । ମାତ୍ର ଅହଂକାରୀ, ଦାମ୍ଭିକ, ଅତିମାତ୍ରାରେ ସଂସାର ଆସକ୍ତ ନାସ୍ତିକ, କପଟୀ, ବିଷୟଲମ୍ପଟ, ଶ୍ରଦ୍ଧାଭକ୍ତି ଶୂନ୍ୟ, ରଜତାମସ ବ୍ୟକ୍ତି ଏମାନଙ୍କୁ ଏ ଧର୍ମୋପଦେଶ ପ୍ରଦାନ କରିବନାହିଁ । ଉଦ୍ଧବ ଏହା ଶ୍ରବଣ କରି ଅତ୍ୟନ୍ତ ପୁଲକିତ ହେଲେ, ତାଙ୍କ ମନରୁ ସଂଶୟ ଦୂର ହୋଇ ଅମୃତ ପାନରେ କ୍ଷୁଧାତୃଷ୍ଣା ପରିତୃପ୍ତ ହେଲାପରି ଶ୍ରୀକୃଷ୍ଣଙ୍କ ଉପଦେଶାମୃତ ପାନ କରି ଉଦ୍ଧବଙ୍କର ଜ୍ଞାନଲିପ୍ସା ସମ୍ପୂର୍ଣ୍ଣ ଭାବେ ପରିତୃପ୍ତ ହେଲା । ସେ ଗଭୀର କୃତଜ୍ଞତା ପ୍ରକାଶ କରି କର ଯୋଡି କହିଲେ, ହେ ପ୍ରଭୁ ! ଏ ଭୃତ୍ୟପ୍ରତି ବହୁତ ଅନୁଗ୍ରହ କଲ, ମୋର ଅଜ୍ଞାନ ଅନ୍ଧକାରକୁ ଜ୍ଞାନାଲୋକ ପ୍ରଦାନ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଦୂରକଲ । ମୋର ମାୟା ମୋହପାଶକୁ ଜ୍ଞାନଚକ୍ରରେ ଛେଦନ କଲ । ମାତ୍ର ମୋତେ ସମସ୍ତ ଉପଦେଶ ଦେଇ କୃତାର୍ଥ କରି ଶେଷରେ କିପରି କହୁଛ ମୋପାଖରେ ତୁ ଆଉ ରହନାହିଁ । ମୁଁ ଆଉ କୁଆଡେ ଯିବି ? ତୁମର ପବିତ୍ର ପାଦପଦ୍ମ ଦର୍ଶନ ନକରି ମୁଁ ବା କିପରି ପ୍ରାଣ ଧାରଣ କରିବି ? ଶ୍ରୀକୃଷ୍ଣ କହିଲେ ହେ ପ୍ରିୟ ଉଦ୍ଧବ, ତୁମେ ଶାନ୍ତ ଆଶ୍ୱସ୍ତ ହୁଅ ମୋର କହିବା ମତେ ତୁମେ ବର୍ତ୍ତମାନ ବଦ୍ରିନାରାୟଣଶ୍ରମ ଗମନ କର । ପଥ ମଧରେ ଗଙ୍ଗାସ୍ନାନ କରି ସକଳ ପାପରୁ ମୁକ୍ତ ହେବ । ବନରେ ଶାକ, କନ୍ଦମୂଳାଦି ଆନନ୍ଦମନରେ ଭକ୍ଷଣ କରି ବୃକ୍ଷର ବଳକଳ ପରିଧାନ କରି ଗ୍ରୀଷ୍ମ, ବର୍ଷା, ଶୀତ ଆଦି ସର୍ବଋତୁରେ ଯୋଗ ସମାଧିରେ ନିଶ୍ଚଳ ଚିତ୍ତରେ ବସି ମୋର ଚରଣ ଧ୍ୟାନ କର । ଅନ୍ତଃକାଳରେ ମୋତେ ପ୍ରାପ୍ତହେବ । ଉଦ୍ଧବ ଶ୍ରୀକୃଷ୍ଣଙ୍କୁ ପଦକ୍ଷିଣ କରି ଚରଣ ବନ୍ଦନା କଲେ ମାତ୍ର ପ୍ରଭୁଙ୍କୁ ସବୁଦିନ ପାଇଁ ମୂର୍ଚ୍ଛନପାରି ତାଙ୍କ ଚରଣରେ ପତିତ ହୋଇ ଶିଶୁ ପରି କ୍ରନ୍ଦନ କରିବାକୁ ଲାଗିଲେ । ଶୋକ ଗଦଗଦ ସ୍ୱରରେ କହିଲେ ହେ ପ୍ରଭୁ ! ତୁମେ କି ନିଷ୍ଠୁର, ମୋତେ କାହିଁକି ଭଲା ଭଣ୍ଡୁଛ ? ତୁମର ପବିତ୍ର ଶ୍ରୀଚରଣ କମଳରୁ ବଳି ଆଉ କେଉଁ ତୀର୍ଥ ଏ ସଂସାରରେ ଅଛି ଯେ, ମୋତେ ବଦ୍ରିକା ଯିବାକୁ କହୁଛ ? ହେ ନାଥ ! ମୁଁ ତୁମକୁ ନଦେଖି କ'ଣ ଜୀବନ ଧାରଣ କରିପାରିବି ? ଏହା କି ସମ୍ଭବ ! ଉଦ୍ଧବଙ୍କ ବ୍ୟାକୁଳତା ଦେଖି ଭଗବାନ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, ହେ ବାବୁ, ତୁମେ ଦୁଃଖ କରନାହିଁ, ତୁମେ ଯେ ମୋର ପରମ ଭକ୍ତ, ତୁମକୁ ମୋର ଅଦେୟ କିଛି ନାହିଁ ବା ତୁମ ନିକଟରେ ମୋର ଗୋପନୀୟ ହୋଇ କିଛିନାହିଁ । ମାତ୍ର ପ୍ରାଣୀ ମାୟା ଶରୀର ଧାରଣ କରି ଥରେ ଏ ସଂସାରରେ ଜନ୍ମଲାଭ କଲେ ସଂସାର ଅର୍ଗଳ ମଧରୁ ମୁକ୍ତିଲାଭ କରିବା ପାଇଁ ମୃତ୍ୟୁ ହେଉଛି ଏକମାତ୍ର ପଥ । ମୋତେ ମଧ ଅଚିରେ ସେହି ପଥଦେଇ ଗମନ କରିବାକୁ ହେବ ଏବଂ ଏ ମାୟା ଶରୀର ତ୍ୟାଗ କରିବାକୁ ହେବ । ତେଣୁ ତୁମେ ମୋର ରତ୍ନ ପାଦୁକାକୁ ନେଇ ଉତ୍ତର ଦିଗରେ ଗମନ କର । ମୋର ପ୍ରତୀକ ରୂପେ ଏହାକୁ ପୂଜା କରି ଦେହାନ୍ତେ ମୋତେ ନିଶ୍ଚିତ ପ୍ରାପ୍ତ ହେବ । ଉଦ୍ଧବ ଭଗବାନଙ୍କ ଅମୃତ ବାକ୍ୟ ଶ୍ରବଣ କରି ଶୋକ ସମ୍ବରଣ ପୂର୍ବକ ପ୍ରଭୁଙ୍କ ରତ୍ନ ପାଦୁକାକୁ ପରମ ଶ୍ରଦ୍ଧାରେ ମସ୍ତକରେ ଧାରଣ କରି ସଂସାର ମାୟା ଛେଦନ ପୂର୍ବକ ଭଗବାନଙ୍କୁ ହୃଦୟରେ ଧ୍ୟାନ କରି କରି ଶାସ୍ରୁଲୋଚନରେ ଧୀରେ ଧୀରେ ଉତ୍ତର ପଥରେ ଗମନ କଲେ । ବଦ୍ରିକା ତୀର୍ଥରେ ପହଞ୍ଚି ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ ମତେ କାୟା ଶୁଦ୍ଧି ପୂର୍ବକ ନିଶ୍ଚଳ ଚିତ୍ତରେ ଯୋଗଧ୍ୟାନରେ ନିମଗ୍ନ ହେଲେ । ଶ୍ରୀ ଶୁକଦେବ ପରୀକ୍ଷିତଙ୍କୁ କହିଲେ, ହେ ରାଜା ! ଭଗବାନ ଶ୍ରୀକୃଷ୍ଣ ନିଜର ପରମ ଭକ୍ତ ଉଦ୍ଧବଙ୍କୁ ଯେଉଁ ସବୁ ଉପଦେଶାମୃତ ପ୍ରଦାନ କଲେ ତାହା ଯେ ଶ୍ରଦ୍ଧାଭକ୍ତିର ସହ ଶ୍ରବଣ କରନ୍ତି ସେମାନେ ଏ ସଂସାର ଦୁଃଖରୁ ନିସ୍ତାର ଲାଭ କରନ୍ତି ।

୩୦ ଶ ଅଧ୍ୟାୟ, ଯଦୁବଂଶ ଧ୍ୱଂସ

ରାଜା ପରୀକ୍ଷିତ ପଚାରିଲେ ହେ ମୁନିଶ୍ରେଷ୍ଠ, ଉଦ୍ଧବଙ୍କ ବଦରିକାଶ୍ରମ ଗମନ ପରେ ଭଗବାନ ଶ୍ରୀକୃଷ୍ଣ କଣ କଲେ ଦୟାକରି ପ୍ରକାଶ କରନ୍ତୁ । ଯାହାଙ୍କର ଲୋମ ମୂଳରେ କୋଟି କୋଟି ବ୍ରହ୍ମାଣ୍ଡ, ଯିଏ ସୃଷ୍ଟି,ସ୍ଥିତି ଓ ପ୍ରଳୟକର୍ତ୍ତା ସେହି କାଳରୂପୀ ସ୍ୱୟଂ ଭଗବାନ ଭୂଭାରା ନିବାରଣ ରୂପକ ମହତ କର୍ତ୍ତବ୍ୟ ସମ୍ପାଦନ କରି ଲୋକଶିକ୍ଷା ଦାନ ନିମିତ୍ତ ନର ଶରୀର ଧାରଣ କରିଥିଲେ । ସେହି କୋଟି କନ୍ଦର୍ପ ଲାବଣ୍ୟ ଜିଣି ସୁନ୍ଦର, ଜନ ମନୋହର ରୂପ ମାଧୁରୀର ତ ପଟାନ୍ତର ନାହିଁ । ଭକ୍ତବୃନ୍ଦ ସେ ରୂପ ଦର୍ଶନ କରି ଭାବବିହ୍ୱଳ ହେଉଥିଲେ, ନାରୀ ବୃନ୍ଦ କାମବିହ୍ୱଳ ହେଉଥିଲେ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରାଙ୍ଗ

ଚିତ୍ରଗୁପ୍ତ କିଏ ?



ଶ୍ୱେତା ରାଉତ୍

କୋଟି କୋଟି ପ୍ରାଣୀଙ୍କର ଧର୍ମ, କର୍ମର ହିସାବ ଦେଇଥାଏ ।କେମିତି ଏତେ ଅସାଧ କାମକୁ ଜଣେ ସମ୍ଭବ କରିପାରେ ! ଯଦିଓ ଆମେ ଜାଣନ୍ତି ବ୍ରହ୍ମାଙ୍କ ଶରୀରରୁ ନିଶୃତ ଅଲୌକିକ ରଙ୍ଗରୁ ଜାତ ଦିବ୍ୟପୁରୁଷ ହେଉଛନ୍ତି ଚିତ୍ରଗୁପ୍ତ, କିନ୍ତୁ ସେ କାଣ ସବୁବେଳେ ଯମଙ୍କ ନ୍ୟାୟାଳୟରେ ରୁହନ୍ତି ! ବିଲକୁଲ୍ ନୁହେଁ । ସେ ପ୍ରକୃତିର ସବୁ ପ୍ରାନ୍ତରେ ଥାଆନ୍ତି । ଆମ ସମସ୍ତଙ୍କ ଭିତରେ ବିବେକ ଆତ୍ମା ରୂପରେ ଚିତ୍ରଗୁପ୍ତ ବିରାଜମାନ । ଆମ ଭିତରେ ରହି ସେ ଆମର କର୍ମ, ଧର୍ମର ହିସାବ କରନ୍ତି । କେମିତି ?

ଖୁବ୍ ସହଜ । ଚିତ୍ର ମାନେ ଭିଜୁଆଲ ଗୁପ୍ତ ମାନେ ସିକ୍ରେସି । ସିକ୍ରେଟ୍ ରେ ଆତ୍ମା ଯାହା ଭିଜୁଆଲ କରୁଥାଏ, ମାନେ ଗୁପ୍ତ ଭାବରେ ଆତ୍ମା ଯେଉଁ ଚିତ୍ର ସବୁବେଳେ ଦେଖୁଥାଏ ତାକୁ ଆମେ ଚିତ୍ରଗୁପ୍ତ ହିଁ କହିବା । ବେଳେବେଳେ କେହି କୋଉଠି ଚୋରି କରିଥାଏ, କାହାକୁ ନିର୍ଯାତନା ଦେଇଥାଏ, କାହାକୁ ଠକିଥାଏ ଏବଂ ସମସ୍ତଙ୍କ ସାମ୍ନାରେ ନିଜକୁ ସାଧୁ ଆଚରଣ ଦେଖେଇଥାଏ । ସେତେବେଳେ ସେ ବ୍ୟକ୍ତି ଭିତରର ଚିତ୍ରଗୁପ୍ତ ହିଁ ତା'ର କୁକର୍ମକୁ ଦେଖିଥାଏ ଏବଂ ଲେଖିଥାଏ । ସେ ନିଜେ ହିଁ ତା କୁକର୍ମର ସାକ୍ଷୀ ଥାଏ । ଚିତ୍ରଗୁପ୍ତ କେବଳ କର୍ମ ଲେଖେନାହିଁ ଅଥବା ଯମରଜ କେବେ କର୍ମ ଅନୁସାରେ ଫଳ କିମ୍ବା ଦଣ୍ଡ ଦିଅନ୍ତି ନାହିଁ । ବ୍ୟକ୍ତି କରିଥିବା କର୍ମ କେବେ, କାହିଁକି, କେଉଁ ପରିପ୍ରେକ୍ଷୀରେ,କେଉଁ ଉଦ୍ଦେଶ୍ୟରେ କରିଥାଏ ତାହାହିଁ ଚିତ୍ରଗୁପ୍ତ ଗଣନା କରିଥାଏ । ଯଦି କେବଳ କର୍ମ ଲେଖୁଥନ୍ତା ତାହେଲେ ସନ୍ତାନମାନଙ୍କୁ ଶାସନ କଲାବେଳେ ମାଡ଼ ଗାଳି ଦେଉଥିବା ସବୁ ମାଆମାନେ ବି ଅତ୍ୟାଚାର କରିବା ଦୋଷରେ ଦଣ୍ଡିତ ହେଉଥାନ୍ତେ । ଏ ସ୍ଥାନରେ ଚିତ୍ରଗୁପ୍ତ ମାଆ ଭିତରର ମମତାକୁ ଆକଟ ବା ଶାସନ ରୂପରେ ଦେଖେ, ଏଠି ମାଆର ଉଦ୍ଦେଶ୍ୟ ପିଲାକୁ ଭଲ ବାଟକୁ ନେବା ହୋଇଥାଏ ତେଣୁ ମାଆ ପୂଜନୀୟା ହୋଇଯାଏ । ଅନେକ କୁହନ୍ତି ମିଛ କହିଲେ ମହାପାପ,କିନ୍ତୁ ଯେତେବେଳେ ଜଣେ ନିର୍ଦ୍ଦୋଷକୁ କେଉଁଠି ବଞ୍ଚେଇବାକୁ ମିଛ କହିବାକୁ ପଡ଼େ, ସେତେବେଳେ ସେ ମିଛ କୋଟି ପୁଣ୍ୟର ଫଳ ଦେଇଥାଏ । ଚିତ୍ରଗୁପ୍ତ ସେଠି ମିଛକୁ ପାପ ନୁହେଁ ବରଂ ମିଛ କହିବାର ଉଦ୍ଦେଶ୍ୟକୁ ବିବେଚନା କରି ମହତ କାର୍ଯ୍ୟ ଭାବେ ଗଣନା କରିଥାଏ ।

ଚିତ୍ରଗୁପ୍ତକୁ ବିଷୟବସ୍ତୁ ଭାବେ ନେଇ ମୋର କହିବାର ଉଦ୍ଦେଶ୍ୟ ଆମେ ଯାହା କର୍ମ କରନ୍ତି, ପାପ କରନ୍ତି, ପୁଣ୍ୟ କରନ୍ତି, ଧର୍ମ କରନ୍ତି, ସବୁ କାର୍ଯ୍ୟର ଉଦ୍ଦେଶ୍ୟ ଯଦି ଭଲ ଥାଏ, ଶୁଭ ଥାଏ, ଉପଯୋଗୀ ଥାଏ ତେବେ ଈଶ୍ୱର ଆମକୁ କର୍ମ ନୁହେଁ କର୍ମର ଉଦ୍ଦେଶ୍ୟ ଦେଖି ଫଳାପ୍ରାପ୍ତି କରାଇଥାନ୍ତି । ଆମ ସମ୍ପର୍କ ମାନଙ୍କ ପାଇଁ ଆମେ କଣ କରୁଛନ୍ତି ବଡ଼ କଥା ନୁହେଁ,ସେମାନଙ୍କ ପ୍ରତି ଆମର ବିଚାର ଏବଂ ଉଦ୍ଦେଶ୍ୟ ଯଦି ମହତ ହୋଇଥାଏ, ସେ କର୍ମ ଦିବ୍ୟ କର୍ମ ହୋଇଯାଏ । ତେଣୁ ଆମେ ସବୁବେଳେ ଆମ ବିଚାର ପ୍ରତି ଗୁରୁତ୍ୱ ଦେବା ଜରୁରୀ, ଯେମିତି ଆମ ଭିତରର ଚିତ୍ରଗୁପ୍ତ ସବୁବେଳେ ଆମ କର୍ମର ମହତ ଗଣନା କରେ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

ପ୍ରତିଦିନ ସକାଳେ ଗୋଟିଏ ପ୍ରକାରର ଜଳଖିଆ ଖାଇ ଯଦି ବିରକ୍ତ ହୋଇଯାଇଛନ୍ତି, ତେବେ ସୁଜି ଓ ଆଳୁରେ ତିଆରି କରନ୍ତୁ ଏହି ଚିଲ୍ଲା ଯାହା ଆପଣଙ୍କ ପାଟିକୁ ସୁଆଦିଅ କରିବା ସହ ଆପଣଙ୍କୁ ସୁସ୍ଥ ମଧ ରଖିବ । ସାଧାରଣ ଭାବେ ଘରେ ବେସନ ଚିଲ୍ଲା ଅଧିକ ତିଆରି କରାଯାଏ । କିନ୍ତୁ କେବେ ସୁଜି ରେ ବନେଇଛନ୍ତି ଚିଲ୍ଲା , ତେବେ ଆମେ କହୁଥିବା ପ୍ରଣାଳୀରେ ବନାନ୍ତୁ ଦେଖିବେ କେତେ ସୁଆଦିଆ ଲାଗିବ । କିନ୍ତୁ ସୁଜି, ଆଳୁ ଓ ଦହିର ମିଶ୍ରଣରେ ତିଆରି ଏହି ଚିଲ୍ଲା ସ୍ୱାଦରେ ଚଟପଟା, ବାହାରୁ ହାଲୁକା କ୍ରିସ୍ପି ଏବଂ ଭିତରୁ ନରମ ହୋଇଥାଏ । ଏହି ଜଳଖିଆ ବନେଇବା ପାଇଁ ବେଶି ସମୟ ବି ଲାଗେ ନାହିଁ ଏଥିସହ ପିଲାମାନେ ମଧ ଏହି ଚିଲ୍ଲାକୁ ଖୁସିରେ ଖାଆନ୍ତି । କାରଣ ଏବେ ସମସ୍ତଙ୍କ ପାଖରେ ସମୟର ଅଭାବ ବେଶି ରହିଛି ଏହାରି ଭିତରେ ନିଜ ଶରୀର ର ଚିନ୍ତା ମଧ କରିବାକୁ ପଡିଥାଏ ।



ଏବେ ଜାଣନ୍ତୁ ଆବଶ୍ୟକ ସାମଗ୍ରୀ ...

ଆବଶ୍ୟକ ସାମଗ୍ରୀ: ୧ କପ୍ ସୁଜି, ଅଧା କପ୍ ଦହି, ୨ଟି ଆଳୁ, ୧ଟି ପିଆଜ, ୧ ଛୋଟ ଚାମଚ କୋରା ଅଦା, ୨ଟି ବାରିକ କଟା କଞ୍ଚାଲଙ୍କା, ୨ ବଡ଼ ଚାମଚ କଟା ଧନିଆ ପତ୍ର, ଅଧା ଛୋଟ ଚାମଚ ଲାଲ ଲଙ୍କା ଗୁଣ୍ଡ, ଅଧା ଚାମଚ ଗରମ ମସଲା, ଅଧା ଚାମଚ ହଳଦୀ, ଅଧା ଚାମଚ ଧନିଆ ଗୁଣ୍ଡ, ସ୍ୱାଦ ଅନୁଯାୟୀ ଲୁଣ, ଆବଶ୍ୟକତା ଅନୁଯାୟୀ ପାଣି ଓ ତେଲ ଦରକାର ।

ତିଆରି ପ୍ରଣାଳୀ: ପ୍ରଥମେ ଆଳୁକୁ ଭଲଭାବେ ଧୋଇ ଚୋପା ଛଡ଼ାଇ ଏହାକୁ ଚପ୍ କରି ନିଅନ୍ତୁ । ଏହାକୁ ଏକ ବଡ଼ ପାତ୍ରରେ ନେଇ ସୁଜି ଓ ଦହି ମିଶାନ୍ତୁ । ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ମିଶାଇ ଏହି ଘୋଳକୁ ପ୍ରାୟ ୧୫ ମିନିଟ୍ ଘୋଡେଇ ରଖନ୍ତୁ, ଯାହାଦ୍ୱାରା ସୁଜି ଭଲଭାବେ ଫୁଲିଯିବ । ୧୫ ମିନିଟ୍ ପରେ ଏଥିରେ ଛୋଟ ଛୋଟ କରି କଟା ପିଆଜ, କଞ୍ଚାଲଙ୍କା, ଛେଚା ଅଦା ଓ ଧନିଆ ପତ୍ର ପକାନ୍ତୁ । ଏବେ ହଳଦୀ, ଲାଲ ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ଲୁଣ ଦେଇ ସବୁକୁ ଭଲଭାବେ ମିଶାନ୍ତୁ । ଘୋଳ ଅଧିକ ଗାଢ଼ ହୋଇଥିଲେ ଅଳ୍ପ ପାଣି ମିଶାଇପାରିବେ । ଏବେ ତାୱା ଗରମ କରି ଅଳ୍ପ ତେଲ ଦିଅନ୍ତୁ । ବଡ଼ ଚାମଚରେ ଘୋଳ ନେଇ ତାୱାରେ ପକାଇ ଗୋଲାକାରରେ କରନ୍ତୁ । ଅଳ୍ପ ତେଲ ଦେଇ ଧୀରରୁ ମଧମ ଆଞ୍ଚରେ ସେକନ୍ତୁ । ତଳ ପଟ ସୁନେଲି ରଙ୍ଗ ହେଲେ ଓଲଟାଇ ଅନ୍ୟ ପଟକୁ ମଧ ଭଲଭାବେ ସେକନ୍ତୁ । ଦୁଇ ପଟ ହାଲୁକା କ୍ରିସ୍ପି ହୋଇଗଲେ ଚିଲ୍ଲା ପ୍ରସ୍ତୁତ । ଗରମାଗରମ ଧନିଆ ଚଟଣି, ଟମାଟୋ ସସ୍ କିମ୍ବା ଦହି ସହ ପରିବେଷଣ କରନ୍ତୁ ।

ପ୍ରତିଦିନ ସଫା କରୁଛନ୍ତି କି କାନ ? ହୋଇପାରେ ବଡ଼ ଅସୁବିଧା

କାନର ମଇଳା ବା 'ଇୟରୱାକ୍ସ'କୁ ଆମେ ସାଧାରଣତଃ ଅଦରକାରୀ ମଇଳା ବୋଲି ଭାବିଥାଉ । ସେଥିପାଇଁ ଅନେକ ଲୋକ ପ୍ରତିଦିନ କିମ୍ବା ସପ୍ତାହକୁ ଥରେ କଟନ୍ ସ୍ୱାବ୍ ବା ଇୟରବଡ଼ସ୍ ସାହାଯ୍ୟରେ କାନ ସଫା କରିଥାନ୍ତି । କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଯେଉଁ ଇୟରୱାକ୍ସକୁ ଆମେ ବାହାର କରିବାକୁ ଚେଷ୍ଟା କରୁଛୁ, ତାହା ପ୍ରକୃତରେ ଆମ କାନର ସୁରକ୍ଷା କବଚ । ଇୟରୱାକ୍ସ କୌଣସି ବାହାର ଅଳିଆ ନୁହେଁ, ବରଂ ଏହା ଶରୀରର ଏକ ପ୍ରାକୃତିକ ନିର୍ଗତ ପଦାର୍ଥ । ଏହା କାନ ଭିତରର ସୂକ୍ଷ୍ମ ଚର୍ମକୁ ମଷ୍ଟରାଇଜ୍ କରିବା ସହ ଧୂଳି, ମଇଳା ଏବଂ ବ୍ୟାକ୍ଟେରିଆକୁ ଭିତରକୁ ଯିବାରୁ ରୋକିଥାଏ । ହାର୍ଭାର୍ଡ ହେଲଥ୍ ପବ୍ଲିଶିଂ ଅନୁଯାୟୀ, ଏହା କାନର ଏକ 'ନ୍ୟାଚୁରାଲ କ୍ଲିନର' ଭାବରେ କାମ କରେ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଆମେ କଥା କହିବା କିମ୍ବା ଖାଦ୍ୟ ଚୋବାଇବା ସମୟରେ କାନର ମଇଳା ପ୍ରାକୃତିକ ଭାବରେ ନିଜେ ନିଜେ ବାହାରକୁ ଚାଲିଆସିଥାଏ ।ଆମେରିକାନ୍ ଏକାଡେମୀ ଅଫ୍ ଓଟୋଲାରିଙ୍ଗୋଲୋଜି ଅନୁଯାୟୀ, କାନ ଭିତରେ କୌଣସି ବାହାର ଜିନିଷ ପୁରାଇବା ଅନୁଚିତ୍ । ବରିଷ୍ଠ ଇଏନଟି ବିଶେଷଜ୍ଞ ଡାକ୍ତର ଅମିତ ଶର୍ମା କୁହନ୍ତି, 'ଯେତେବେଳେ ଆମେ ଇୟରବଡ଼ସ୍ ବ୍ୟବହାର କରୁ, ତାହା ମଇଳାକୁ ବାହାର କରିବା ପରିବର୍ତ୍ତେ ଆହୁରି ଭିତରକୁ ଠେଲି ଦିଏ । ଏହା ଦ୍ୱାରା କାନର ପରଦା ଫାଟିଯିବାର ଆଶଙ୍କା ଥାଏ ଏବଂ ଶୁଣିବା ଶକ୍ତି ହ୍ରାସ ପାଇପାରେ ।' ଲଗାତାର ଇୟରବଡ଼ ବ୍ୟବହାର କରିବା ଦ୍ୱାରା କାନରେ ସଂକ୍ରମଣ ହୋଇପାରେ, ଯାହାକୁ 'ଓଟାଇଟିସ ଏକ୍ସଟର୍ନା' କୁହାଯାଏ । ଏହା ବ୍ୟତୀତ କାନରେ ଫଙ୍ଗଲ୍ ଇନଫେକ୍ସନ ହେବାର ଭୟ ମଧ ରହିଥାଏ ।ଯଦିଓ ଇୟରୱାକ୍ସ ଲାଭଦାୟକ, କିନ୍ତୁ କେତେକ କ୍ଷେତ୍ରରେ ଏହା କାନ ଭିତରେ ଜମା ହୋଇ ରହିଯାଏ, ଯାହାକୁ 'ଇମ୍ପାକସନ' କୁହାଯାଏ । ଏହା ହେଲେ କାନରେ ଯନ୍ତ୍ରଣା, ଭାରୀ ଅନୁଭବ ହେବା, କାନରେ ଘଣ୍ଟି ବାଜିବା ଭଳି ଶବ୍ଦ ଶୁଣାଯିବା କିମ୍ବା ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦେଖାଦିଏ ।

କେତେ ସବୁଜ ଏହି ‘ସବୁଜ ବାଣ’ ?

ପ୍ରତିବର୍ଷ ଦୀପାବଳି ଏବଂ ଶୀତଋତୁର ଆଗମନ ସହିତ ଭାରତର ବାୟୁମଣ୍ଡଳ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ଆଡ଼କୁ ଗତି କରିଥାଏ । ବିଶେଷକରି ଜାତୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀ ତଥା ଉତ୍ତର ଭାରତର ସହରଗୁଡ଼ିକରେ କୁହୁଡ଼ି ଓ ପ୍ରଦୂଷଣର ଏକ ବିଷାକ୍ତ ଚାଦର ଢାଙ୍କି ହୋଇଯାଏ । ଏହି ପରିପ୍ରେକ୍ଷୀରେ ପାରମ୍ପରିକ ବାଣ ଫୁଟାଇବା ଉପରେ କଟକଣା, ପରିବେଶ ସୁରକ୍ଷା ବନାମ ଧାର୍ମିକ ପରମ୍ପରା, ତଥା ବାଣ ଶିଳ୍ପ ସହ ଜଡ଼ିତ ଲକ୍ଷ ଲକ୍ଷ ଶ୍ରମିକଙ୍କ ଜୀବିକାର ପ୍ରଶ୍ନ ଏକ ତୀବ୍ର ବିତର୍କ ସୃଷ୍ଟି କରିଆସିଛି । ଏହି ସଙ୍କଟର ସମାଧାନ ଭାବେ କୋର୍ଟ ଏବଂ ସରକାରଙ୍କ ଦ୍ୱାରା ‘ସବୁଜ ବାଣ’ (ଗ୍ରୀନ୍ କ୍ରାକର୍ସ)ର ଅବଧାରଣାକୁ ପ୍ରୋତ୍ସାହିତ କରାଯାଉଛି । ତେବେ ଏହି ସବୁଜ ବାଣ ପ୍ରକୃତରେ କେତେ ପରିବେଶ ଅନୁକୂଳ, ଏହାର ବୈଜ୍ଞାନିକ ଭିତ୍ତିଭୂମି କ’ଣ, ଏବଂ ବାୟୁର ଗୁଣବତ୍ତା ସୁଧାରିବାରେ ଏହା କେତେଦୂର ସକ୍ଷମ, ତାହାର ଏକ ପୁଙ୍ଖାନୁପୁଙ୍ଖ ଓ ନିରପେକ୍ଷ ବିଶ୍ଳେଷଣ ଏକାନ୍ତ ଆବଶ୍ୟକ ।

ସାଧାରଣ ଲୋକଙ୍କ ଧାରଣାରେ ‘ସବୁଜ ବାଣ’ କହିଲେ ବୋଧହୁଏ ଏହା ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ଏକ ବସ୍ତୁ ବୋଲି ଭାବିନିଆଯାଏ, କିନ୍ତୁ ବାସ୍ତବତା ଏହାଠାରୁ ଯଥେଷ୍ଟ ଭିନ୍ନ । ବୈଜ୍ଞାନିକ ଦୃଷ୍ଟିକୋଣରୁ ସବୁଜ ବାଣ କୌଣସି ଅପ୍ରଦୂଷିତ ଉତ୍ପାଦ ନୁହେଁ, ବରଂ ଏହା ହେଉଛି କମ୍ ନିର୍ଗମନକାରୀ ବା ‘ରିଡ୍ୟୁସଡ୍ ଏମିସନ୍’ ବାଣ । କେନ୍ଦ୍ର ସରକାରଙ୍କ ବୈଜ୍ଞାନିକ ତଥା ଶିଳ୍ପ ଗବେଷଣା ପରିଷଦ ଅନ୍ତର୍ଗତ ଜାତୀୟ ପରିବେଶ ଇଞ୍ଜିନିୟରିଂ ଗବେଷଣା ପ୍ରତିଷ୍ଠାନ (ସିଏସ୍ଆଇଆର-ନିରୀ) ଦ୍ୱାରା ଏହି ବାଣଗୁଡ଼ିକର ରୂପରେଖ ପ୍ରସ୍ତୁତ କରାଯାଇଛି । ସିଏସ୍ଆଇଆର-ନିରୀର ପରୀକ୍ଷାଗାର ତଥ୍ୟ ଅନୁଯାୟୀ, ପାରମ୍ପରିକ ବାଣ ତୁଳନାରେ ଏହି ସବୁଜ ବାଣଗୁଡ଼ିକ ପ୍ରାୟ ୩୦ ପ୍ରତିଶତ କମ୍ ଧୂଳିକଣା ବା ପାର୍ଟିକ୍ୟୁଲେଟ୍ ମ୍ୟାଟର୍ (ପିଏମ୍) ନିର୍ଗମନ କରିଥାଏ । ଅଥବା ଏଗୁଡ଼ିକ ୨୦ ପ୍ରତିଶତ କମ୍ ଧୂଳିକଣା ଏବଂ ୧୦ ପ୍ରତିଶତ କମ୍ ବିଷାକ୍ତ ଗ୍ୟାସ୍ ନିର୍ଗତ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ବୈଜ୍ଞାନିକମାନେ ରାସାୟନିକ ଇନ୍ଧନ ଓ ଅକ୍ସିଡାଇଜରର ଅନୁପାତରେ ପରିବର୍ତ୍ତନ ଆଣିଛନ୍ତି, ଯାହା ଦ୍ୱାରା ବାଣର ଦହନ ପ୍ରକ୍ରିୟା ଅଧିକ ଦକ୍ଷ ହୋଇଥାଏ ଏବଂ ଧୂଳି ନିରୋଧକ ଉପାଦାନ ଯୋଡ଼ି ଧୂଆଁର ପରିମାଣ ହ୍ରାସ କରାଯାଇଥାଏ ।

ପାରମ୍ପରିକ ବାଣ ଏବଂ ସବୁଜ ବାଣ ମଧ୍ୟରେ ଥିବା ସବୁଠାରୁ ବଡ଼ ରାସାୟନିକ ପାର୍ଥକ୍ୟ ହେଉଛି କେତେକ ବିଷାକ୍ତ ଧାତବ ପଦାର୍ଥର ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିବା। ପାରମ୍ପରିକ ବାଣରେ ଉଜ୍ଜ୍ୱଳ ସବୁଜ ରଙ୍ଗର ଆଲୋକ ଏବଂ ଅଧିକ ଧମାକା ସୃଷ୍ଟି କରିବା ପାଇଁ ‘ବେରିୟମ୍ ନାଇଟ୍ରେଟ୍’ ନାମକ ବିଷାକ୍ତ ରାସାୟନିକ ଦ୍ରବ୍ୟ ବହୁଳ ଭାବରେ ବ୍ୟବହୃତ ହେଉଥିଲା, ଯାହା ମଣିଷର ଶ୍ୱାସକ୍ରିୟା ଉପରେ ମାରାତ୍ମକ ପ୍ରଭାବ ପକାଇଥାଏ । ସର୍ବୋଚ୍ଚ ନ୍ୟାୟାଳୟଙ୍କ କଡ଼ା ନିର୍ଦ୍ଦେଶ ପରେ ସବୁଜ ବାଣରେ ବେରିୟମର ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଏହା ସହିତ ସୀସା, ଆର୍ସେନିକ୍, କ୍ରୋମିୟମ୍, ପାରଦ ଏବଂ ଲିଥିୟମ୍ ଭଳି କର୍କଟରୋଗ ସୃଷ୍ଟିକାରୀ ଓ ସ୍ନାୟୁଗତ କ୍ଷତି ଘଟାଉଥିବା ଧାତୁଗୁଡ଼ିକୁ ମଧ୍ୟ ଏଥିରୁ ବାଦ୍ ଦିଆଯାଇଛି। ନିରୀ ପକ୍ଷରୁ ମୁଖ୍ୟତଃ ତିନୋଟି ବର୍ଗର ସବୁଜ ବାଣ ପ୍ରସ୍ତୁତ କରାଯାଇଛି, ଯଥା ‘ସ୍ୱାସ୍’ (ସେଫ୍ ୱାଟର୍ ରିଲିଜର), ‘ଷ୍ଟାର, (ସେଫ୍ ଥର୍ମାଇଟ୍ କ୍ରାକର) ଏବଂ ‘ସଫଳ’ (ସେଫ୍ ମିନିମାଲ୍ ଆଲୁମିନିୟମ୍)। ‘ସ୍ୱାସ୍’ ବାଣ ପ୍ରଜ୍ୱଳିତ ହେବା ସମୟରେ ଜଳୀୟବାଷ୍ପ ଛାଡ଼ିଥାଏ, ଯାହା ନିର୍ଗତ ଧୂଳିକଣାକୁ ବାୟୁମଣ୍ଡଳରେ ମିଶିବା ପୂର୍ବରୁ ଦବାଇ ଦିଏ । ‘ଷ୍ଟାର’ରେ ଏକ ନିର୍ଦ୍ଦିଷ୍ଟ ଥର୍ମାଇଟ୍ ମିଶ୍ରଣ ବ୍ୟବହୃତ ହୁଏ ଯାହା ଦହନକୁ ସମ୍ପୂର୍ଣ୍ଣ କରି କମ୍ ଗ୍ୟାସ୍ ବାହାର କରେ, ଏବଂ ‘ସଫଳ’ରେ ଆଲୁମିନିୟମର ମାତ୍ରାକୁ ଅତ୍ୟନ୍ତ ସୀମିତ କରି ତାର ସ୍ଥାନରେ ମ୍ୟାଗ୍ନେସିୟମ୍ ବ୍ୟବହାର କରାଯାଏ।

ପ୍ରଦୂଷଣ ହ୍ରାସ ବ୍ୟତୀତ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ସବୁଜ ବାଣ ଏକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଛି । ପାରମ୍ପରିକ ବାଣ ଫୁଟିବା ବେଳେ ପ୍ରାୟ ୧୬୦ ଡେସିବଲ୍ ପର୍ଯ୍ୟନ୍ତ କାନଫଟା ଶବ୍ଦ ତରଙ୍ଗ ସୃଷ୍ଟି ହୋଇଥାଏ, ଯାହା ଶିଶୁ, ବୃଦ୍ଧ ଏବଂ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ । ଏହାର ତୁଳନାରେ ସବୁଜ ବାଣର ଶବ୍ଦ ସୀମାକୁ ପ୍ରାୟ ୧୧୦ ରୁ ୧୨୫ ଡେସିବଲ୍ ମଧ୍ୟରେ ସୀମିତ ରଖାଯାଇଛି, ଯାହା ଶବ୍ଦ ପ୍ରଦୂଷଣକୁ ପ୍ରାୟ ୩୦ ପ୍ରତିଶତ କମାଇ ଦେଇଥାଏ। ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭ୍ସ ସେଫ୍ଟି ଅର୍ଗାନାଇଜେସନ୍ (ପେସୋ) ଦ୍ୱାରା ଅନୁମୋଦିତ ଏବଂ ନିରୀର ପ୍ରମାଣପତ୍ର ପ୍ରାପ୍ତ ଏହି ବାଣଗୁଡ଼ିକର ପ୍ୟାକେଟ୍ ଉପରେ ଏକ ସବୁଜ ଲୋଗୋ ଏବଂ କ୍ୟୁଆର୍ (ଛକ) କୋଡ୍ ରହିବା ବାଧ୍ୟତାମୂଳକ କରାଯାଇଛି, ଯାହା ଦ୍ୱାରା ଗ୍ରାହକମାନେ ଏହାର ପ୍ରାମାଣିକତା ଯାଞ୍ଚ କରିପାରିବେ।

ତଥାପି, ବୈଜ୍ଞାନିକ ଉଦ୍ଭାବନ ଏବଂ ପ୍ରୟୋଗଶାଳାର ଉଜ୍ଜ୍ୱଳ ପରିସଂଖ୍ୟାନ ମଧ୍ୟରେ ଏକ ବଡ଼ ବ୍ୟବଧାନ ରହିଯାଇଛି । ସବୁଜ ବାଣ ପାରମ୍ପରିକ ବାଣ ଅପେକ୍ଷା କମ୍ କ୍ଷତିକାରକ ହୋଇପାରେ, କିନ୍ତୁ ଏହା ନିରାପଦ ନୁହେଁ । ଯଦିଓ ଏହା ୩୦ ପ୍ରତିଶତ କମ୍ ପ୍ରଦୂଷଣ କରେ ବୋଲି ଦାବି କରାଯାଉଛି, କିନ୍ତୁ ବାସ୍ତବରେ ବାୟୁର ଶୁଦ୍ଧତା କେବଳ ବାଣର ଗୁଣବତ୍ତା ଉପରେ ନୁହେଁ, ବରଂ କେତେ ସଂଖ୍ୟାରେ ବାଣ ଫୁଟାଯାଉଛି ତାହା ଉପରେ ନିର୍ଭର କରେ । ଉଦାହରଣ ସ୍ୱରୂପ, ଯଦି ଜନସାଧାରଣ ‘ସବୁଜ ବାଣ’ ନାମରେ ନିର୍ଭୟ ହୋଇ ୩୦ ରୁ ୪୦ ପ୍ରତିଶତ ଅଧିକ ବାଣ ଫୁଟାଇବା ଆରମ୍ଭ କରନ୍ତି, ତେବେ ପରିବେଶରେ ପ୍ରଦୂଷଣର ପରିମାଣ ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇବ । ଦୀପାବଳି ପରବର୍ତ୍ତୀ ସମୟରେ ଦିଲ୍ଲୀ ତଥା ଅନ୍ୟ ମେଗାସିଟିଗୁଡ଼ିକରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ପ୍ରାୟତଃ ୪୦୦ ରୁ ୫୦୦ ଅତିକ୍ରମ କରି ‘ଗୁରୁତର’ (ସିଭିୟର) ବର୍ଗରେ ପହଞ୍ଚିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ ଦୈନିକ ହାରାହାରି ପିଏମ୍-୨.୫ ସ୍ତର ପ୍ରତି ଘନ ମିଟରରେ ୧୫ ମାଇକ୍ରୋଗ୍ରାମରୁ ଅଧିକ ହେବା ଅନୁଚିତ, ଅଥଚ ଉତ୍ସବ ରାତିରେ ଏହି ମାତ୍ରା ଅନେକ ସ୍ଥାନରେ ୬୦୦ ରୁ ୭୦୦ ମାଇକ୍ରୋଗ୍ରାମ ଟପିଯାଏ । ଏପରି ବିପଦପୂର୍ଣ୍ଣ ସ୍ଥିତିରେ ୩୦ ପ୍ରତିଶତ ନିର୍ଗମନ ହ୍ରାସ କୌଣସି ବଡ଼ ଆଶ୍ୱସ୍ତି ଆଣିଦେଇ ପାରିବ ନାହିଁ ।

ଅନ୍ୟ ଏକ ଗମ୍ଭୀର ସମସ୍ୟା ହେଉଛି ନିୟାମକ ବ୍ୟବସ୍ଥାର ଦୁର୍ବଳତା ଏବଂ ପ୍ରବର୍ତ୍ତନର ଅଭାବ । ଭାରତର ବାଣ ଶିଳ୍ପ ଏକ ବିଶାଳ ଅର୍ଥନୀତି, ଯାହାର ବାର୍ଷିକ କାରବାର ପ୍ରାୟ ୬,୦୦୦ କୋଟି ଟଙ୍କାରୁ ଅଧିକ ଏବଂ ତାମିଲନାଡୁର ଶିବକାଶୀ ସମେତ ସାରା ଦେଶରେ ପ୍ରାୟ ୫ ରୁ ୮ ଲକ୍ଷ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହା ଉପରେ ନିର୍ଭରଶୀଳ । ଅନେକ ବେଆଇନ ଉତ୍ପାଦନକାରୀ ନିରୀର ପ୍ରମାଣପତ୍ର ବିନା ନକଲି ସବୁଜ ଲୋଗୋ ଏବଂ ଜାଲ୍ କ୍ୟୁଆର୍ କୋଡ୍ ବ୍ୟବହାର କରି ବିଷାକ୍ତ ପାରମ୍ପରିକ ବାଣକୁ ବଜାରରେ ବିକ୍ରି କରୁଛନ୍ତି । ବଜାର ସର୍ଭେରୁ ଜଣାପଡ଼ିଛି ଯେ ଅନେକ ବ୍ୟବସାୟୀ କାଉଣ୍ଟର ଉପରେ ସବୁଜ ବାଣ ପ୍ରଦର୍ଶନ କରୁଥିବା ବେଳେ ତଳେ ଚୋରାରେ ଅଧିକ ଶବ୍ଦ କରୁଥିବା ନିଷିଦ୍ଧ ‘ବଡ଼ ପଟାକା’ ବିକ୍ରି କରୁଛନ୍ତି । ଏତେ ବଡ଼ ବଜାରରେ ପ୍ରତ୍ୟେକ ବାଣର ରାସାୟନିକ ପରୀକ୍ଷା କରିବା ପୁଲିସ କିମ୍ବା ପ୍ରଶାସନ ପକ୍ଷେ ଅସମ୍ଭବ ହୋଇପଡୁଛି । ଫଳସ୍ୱରୂପ, ସବୁଜ ବାଣର ଯୋଜନା କାଗଜପତ୍ରରେ ଉତ୍ସାହଜନକ ଜଣାପଡୁଥିଲେ ହେଁ କ୍ଷେତ୍ରସ୍ତରରେ ଏହା ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇପାରୁନାହିଁ ।

ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରତ୍ୟେକ ନାଗରିକଙ୍କ ସ୍ୱଚ୍ଛ ପରିବେଶରେ ବଞ୍ଚିବାର ମୌଳିକ ଅଧିକାର ରହିଛି । ତେଣୁ ସର୍ବୋଚ୍ଚ ନ୍ୟାୟାଳୟ ସମୟ ସମୟରେ ବାଣ ଫୁଟାଇବା ପାଇଁ ଦୁଇ ଘଣ୍ଟାର ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବା ସହ କେବଳ ସବୁଜ ବାଣ ବ୍ୟବହାର ପାଇଁ ଅନୁମତି ଦେଇଛନ୍ତି । ନ୍ୟାୟାଳୟଙ୍କ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଉତ୍ସବର ଖୁସି ଓ ଶ୍ରମିକଙ୍କ ଜୀବିକାକୁ ରକ୍ଷା କରିବା ସହିତ ପରିବେଶର ଭାରସାମ୍ୟ ବଜାୟ ରଖିବା । କିନ୍ତୁ ବାଣରୁ ନିର୍ଗତ ଅତି ସୂକ୍ଷ୍ମ କଣିକା (ପିଏମ୍-୨.୫) ଫୁସଫୁସ ମାଧ୍ୟମରେ ରକ୍ତ ପ୍ରବାହରେ ପ୍ରବେଶ କରି ହୃଦରୋଗ ଏବଂ ଆଜମା ଆକ୍ରାନ୍ତଙ୍କ ପାଇଁ ପ୍ରାଣଘାତୀ ପ୍ରମାଣିତ ହେଉଛି । ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ, ଧୂମପାନ ଶିଳ୍ପ ଯେପରି ‘ଲାଇଟ୍’ କିମ୍ବା ‘ଫିଲ୍ଟର’ ସିଗାରେଟ୍ ନାମରେ ଏକ ମିଥ୍ୟା ସୁରକ୍ଷାର ଆଶା ଦେଖାଇଥିଲା, ସବୁଜ ବାଣ ମଧ୍ୟ ଏକାଭଳି ବିପଦଜନକ ଭ୍ରାନ୍ତି ସୃଷ୍ଟି କରୁଛି ।

ପରିଶେଷରେ, ପରିବେଶ ସୁରକ୍ଷା କୌଣସି ଉପରଠାଉରିଆ ପଦକ୍ଷେପ ବା ଅଧାପନ୍ତରିଆ ଉଦ୍ୟମ ଦ୍ୱାରା ସମ୍ଭବ ନୁହେଁ । ଯଦିଓ ସିଏସ୍ଆଇଆର୍-ନିରୀର ପ୍ରୟାସ ବାଣ ଶିଳ୍ପରେ ସୁଧାର ଆଣିବା ଦିଗରେ ଏକ ପ୍ରଶଂସନୀୟ ବୈଜ୍ଞାନିକ ପଦକ୍ଷେପ, କିନ୍ତୁ ଏହାକୁ ସମଗ୍ର ବାୟୁ ପ୍ରଦୂଷଣ ସମସ୍ୟାର ଚରମ ସମାଧାନ ବୋଲି ଭାବିବା ଏକ ଭୁଲ୍ ହେବ । ନିରୀ ପକ୍ଷରୁ ଏବେ ‘ଜେନ-୨’ ବା ଦ୍ୱିତୀୟ ପିଢ଼ିର ସବୁଜ ବାଣ ବିକାଶ କରାଯାଉଛି ଯାହା ପିଏମ୍ ମାତ୍ରାକୁ ୪୫ ରୁ ୬୦ ପ୍ରତିଶତ ହ୍ରାସ କରିବ ବୋଲି ଦାବି ହେଉଛି, କିନ୍ତୁ ବାସ୍ତବ ପ୍ରୟୋଗ ବିନା ଏହାର ପ୍ରଭାବ ସ୍ପଷ୍ଟ ହୋଇପାରିବ ନାହିଁ । ସରକାର ଓ ପ୍ରଶାସନ କେବଳ ବାଣର ସବୁଜ ନାମକରଣରେ ସନ୍ତୁଷ୍ଟ ନ ରହି ଯୋଗାଣ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବା, ନକଲି ଉତ୍ପାଦନ ଉପରେ ଦଣ୍ଡବିଧାନ କରିବା ଏବଂ ଜନସଚେତନତା ବୃଦ୍ଧି କରିବା ଜରୁରୀ । ସେହିପରି ଦୀପାବଳିକୁ କେବଳ ବାରୁଦ ଓ ବିଷାକ୍ତ ଧୂଆଁରେ ସୀମିତ ନ ରଖି ଆଲୋକ, ସାମୂହିକ ଆନନ୍ଦ ଏବଂ ପ୍ରକୃତିର ସୁରକ୍ଷା ଭାବେ ପାଳନ କରିବା ପାଇଁ ନାଗରିକ ଦାୟିତ୍ୱବୋଧର ବିକାଶ ହିଁ ଆମକୁ ଏକ ସୁସ୍ଥ ଭବିଷ୍ୟତ ପ୍ରଦାନ କରିପାରିବ ।

ଓଡିଶାରେ ଶିକ୍ଷାର ସ୍ଥିତି ଓ ଗତି



ଅଧ୍ୟାପକ ଗୋପବନ୍ଧୁ

ଶିକ୍ଷା ସଭ୍ୟତାର ମାର୍ଗଦର୍ଶକ ଓ ବିକାଶର ବାହକ। ଉପଯୁକ୍ତ ଶିକ୍ଷା ମନୁଷ୍ୟକୁ ସୁସଭ୍ୟ କରାଏ। ବ୍ୟକ୍ତିତ୍ୱର ବିକାଶ ଘଟାଏ ଓ ଗୋଟିଏ ସମାଜକୁ ଆଗକୁ ବଢ଼ିବାରେ ସହାୟକ ହୁଏ। ଏହା ସମସ୍ତ ପ୍ରକାର ବିକାଶର ଭିତ୍ତିଭୂମି ତିଆରି କରେ। ତେଣୁ ଯୁଗେ ଯୁଗେ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦିଆହୋଇ ଆସିଛି। ପରିବାର ହେଉ, ଅଂଚଳ ହେଉ ଅଥବା ରାଷ୍ଟ୍ର ହେଉ ଶିକ୍ଷା ବିନା ବିକାଶର କଳ୍ପନା କରିବା ସମ୍ଭବପର ନୁହେଁ। ଯେ କୌଣସି ରାଷ୍ଟ୍ରର ବିକାଶ ଦିଗରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମାନଭାବେ ପଛୁଆ ରାଜ୍ୟ ଓଡ଼ିଶାର ବିକାଶ ପାଇଁ ଶିକ୍ଷାର ଭୂମିକାକୁ ଆଦୌ ଅଣଦେଖା କରିହେବ ନାହିଁ। ଏ ଦିଗରେ ଉଭୟ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। ଶିକ୍ଷା ମାଧ୍ୟମରେ ଆମକୁ ବିକାଶର ଭିତ୍ତିଭୂମି ତିଆରି କରିବାକୁ ପଡ଼ିବ। ଏହା ବୌଦ୍ଧିକ ଚେତନାର ବିକାଶ ଘଟାଇବା ସହିତ ଶ୍ରେଷ୍ଠତା ପ୍ରାପ୍ତିର ମାର୍ଗ ଅନ୍ୱେଷଣ ଦିଗରେ ସହାୟକ ହେବ। ଯାହା ବିକାଶକୁ ତ୍ୱରାନ୍ୱିତ କରିବ।

ଶିକ୍ଷାକୁ ନେଇ ଚୀନରେ ଏକ ସୁନ୍ଦର ଲୋକ କଥନ ରହିଛି। ତାହା ହେଉଛି ‘ତୁମେ ଯଦି ଗୋଟିଏ ବର୍ଷରେ ଫଳ ପାଇବାକୁ ଚାହୁଁଛ ତେବେ ଧାନ ଚାଷ କର, ତୁମେ ଯଦି ଗୋଟିଏ ଦଶକରେ ଫଳ ପାଇବାକୁ ଚାହୁଁଛ ତେବେ ଗଛ ଲଗାଅ, ତୁମେ ଯଦି ଜୀବନ ତମାମ ଫଳ ପାଇବାକୁ ଚାହୁଁଛ ତେବେ ପିଲାଙ୍କୁ ପାଠ ପଢାଅ।’ ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧି ଆନ୍ଦୋଳନର ନେତା ନେଲସନ ମଣ୍ଡେଲାଙ୍କ ମତରେ ‘ଶିକ୍ଷା ହେଉଛି ଏପରି ଶକ୍ତିଶାଳୀ ଅସ୍ତ୍ର ଯାହା ସାହାଯ୍ୟରେ ତୁମେ ସାରା ବିଶ୍ୱକୁ ବଦଳାଇ ଦେଇ ପାରିବ’। ଦାସତ୍ୱ ପ୍ରଥାର ଉଚ୍ଛେଦ କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାର ସୁପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ମତରେ ଗୋଟିଏ ସୁଦୃଢ଼ ଦେଶର ସମସ୍ତ ନାଗରିକ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହେବା ଆବଶ୍ୟକ। ଚୀନରେ ସାମ୍ୟବାଦର ପ୍ରତିଷ୍ଠାତା ମାଓ-ସେ-ତୁଙ୍ଗ କହିଥିଲେ ଦେଶର କୋଟିକୋଟି ଶିଶୁରୂପକ କଢ଼ିକୁ ଶିକ୍ଷା ମାଧ୍ୟମରେ ପ୍ରସ୍ଫୁଟିତ କରାଯାଇ ପାରିବ। ସମ୍ବିଧାନର ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ମତରେ ଶିକ୍ଷା ପୂର୍ଣ୍ଣତା ଦିଏ, ଶିକ୍ଷା ସଚେତନ କରାଏ, ଶିକ୍ଷା ସମତା ଭାବକୁ ଜାଗ୍ରତ କରାଏ, ଶିକ୍ଷା ସଂଘର୍ଷର ବାଟ ବତାଏ। ତେଣୁ ଓଡିଶାରେ ଉଭୟ ସାମାଜିକ ଓ ଆର୍ଥିକ ବିକାଶପାଇଁ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଅତ୍ୟନ୍ତ ଜରୁରୀ।


ଓଡିଶାରେ ଶିକ୍ଷା ଆନ୍ଦୋଳନର ଆବଶ୍ୟକତା ରହିଛି। ଏଥିପାଇଁ ରାଜନୈତିକ ସଦିଚ୍ଛା ଲୋଡ଼ା। ଏହାର ଅଭାବ ଆମ ରାଜ୍ୟରେ ରହିଆସିଛି। ଯେଉଁମାନେ ଶାସନ ଓ ପ୍ରଶାସନରେ ରହି ଆସିଛନ୍ତି ସେମାନେ ଚାହିଁ ନାହାଁନ୍ତି ଓଡ଼ିଶାର ସମସ୍ତଙ୍କୁ ଶିକ୍ଷିତ କରିବା ସହିତ ଗୁଣାତ୍ମକ ଶିକ୍ଷାର ବିକାଶ କରାଯାଉ ବୋଲି। ଏଦିଗରେ ଉପାଦେୟ ଯୋଜନା ପ୍ରସ୍ତୁତ ହୋଇନାହିଁ। ରାଜ୍ୟରେ ସର୍ବଶିକ୍ଷା ଅଭିଯାନ ଅନେକାଂଶରେ କାଗଜ କଲମରେ ଚାଲିଛି। ଏଥିରେ ଆନ୍ତରିକତା ଥିବା ପରି ମନେହୁଏ ନାହିଁ। ରାଜ୍ୟ ସରକାର ଯଦି ଚାହାଁନ୍ତି ତେବେ ଶିକ୍ଷାର ବ୍ୟାପକ ପ୍ରସାର ସାମାଜିକ ସଂକଳ୍ପରେ ପରିଣତ ହୋଇପାରିବ। ଓଡ଼ିଶାରେ ଶିକ୍ଷା କ୍ରାନ୍ତି ଆସିପାରିବ। ତେଣୁ ରାଜ୍ୟରେ ଏପରି ଏକ ସରକାର ଦରକାର ଯିଏ ଶିକ୍ଷାକୁ ଏକ ମୌଳିକ ଆବଶ୍ୟକତା ରୂପେ ଅଗ୍ରାଧିକାର ଦେଉଥିବ। ଶିକ୍ଷାର ବିକାଶ ରାଜ୍ୟର ବିକାଶ, ଏହି ଅବଧାରଣାକୁ କାର୍ଯ୍ୟରେ ପ୍ରତିଫଳିତ କରୁଥିବ। ଏଦିଗରେ ଉଭୟ ଶାସନ ଓ ପ୍ରଶାସନରେ ଶିକ୍ଷାନୁରାଗୀଙ୍କ ନେତୃତ୍ୱ ଲୋଡ଼ା। ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ। ବିଶେଷକରି ସରକାରୀ ସ୍କୁଲଗୁଡିକରେ ପାଠପଢାର ମାନ ଅତ୍ୟନ୍ତ ନିମ୍ନ। ଏଗୁଡିକରେ ପାଠପଢାଇ ପିଲାମାନଙ୍କୁ ଉଚ୍ଚ ପଦପଦବୀ ପାଇଁ ଯୋଗ୍ୟ କରିବା ଆଉ ସମ୍ଭବ ନୁହେଁ ବୋଲି ଅଭିଭାବକମାନେ ଅନୁଭବ କରୁଛନ୍ତି। ତେଣୁ ଅନେକେ ତାଙ୍କ ପିଲାମାନଙ୍କୁ ବେସରକାରୀ ସ୍କୁଲରେ ଅଧିକ ଖର୍ଚ୍ଚକରି ପଢାଇବାକୁ ପସନ୍ଦ କରୁଛନ୍ତି। ଏବେ ସରକାରୀ ସ୍କୁଲରେ ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରର ପିଲାମାନେ ତଥା ଗାଁ ଗହଳିର ପିଲାମାନେ ପଢୁଛନ୍ତି ଯେଉଁମାନେ ଆର୍ଥିକଭାବେ ସ୍ୱଚ୍ଛଳ ନୁହନ୍ତି। ରାଜ୍ୟରେ ଅନେକ ଶିକ୍ଷକ ପଦ ଖାଲିପଡିଛି। ଉପଯୁକ୍ତ ପ୍ରଶିକ୍ଷିତ ଶିକ୍ଷକ ମଧ୍ୟ ନାହାଁନ୍ତି। ଅନେକ ସ୍କୁଲରେ ଏକାଧିକ ଶ୍ରେଣୀ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି। ଉଚ୍ଚଶିକ୍ଷାରେ ମାଫିଆମାନେ ସକ୍ରିୟ। କ୍ଲାସରେ ଠିକରେ ପାଠପଢା ହେଉନାହିଁ। ଅନେକ ସ୍ଥାନରେ ଠିକା ଶିକ୍ଷକ ଓ ଅଧ୍ୟାପକଙ୍କ ଦ୍ୱାରା କାମ ଚାଲିଛି। ଅନେକ ଛାତ୍ରଛାତ୍ରୀ ନକଲ ଉପରେ ନିର୍ଭର କରୁଛନ୍ତି। ପ୍ରଶ୍ନପତ୍ର ଲିକ୍ ମଧ୍ୟ ହେଉଛି। ଶିକ୍ଷିତଙ୍କ ହିସାବ କାଗଜ କଲମରେ ଠିକ ଅଛି। ଏହି ଶିକ୍ଷିତଙ୍କ ମଧ୍ୟରୁ ଅଧିକାଂଶ ଠିକରେ ପଢିଲେଖି ପାରିବେ ନାହିଁ। ପ୍ରକୃତ ପକ୍ଷେ ଉଭୟ ଗୁଣାତ୍ମକ ଓ ସଂଖ୍ୟାତ୍ମକ ଶିକ୍ଷାର ପ୍ରାସାର କ୍ଷେତ୍ରରେ ଓଡିଶା ବହୁ ପଛରେ ପଡିଯାଇଛି। ଏ ଦିଗରେ ଅନୁଶୀଳନ ଜରୁରୀ। ୨୦୧୧ ମସିହାର ଜନଗଣନା ଅନୁଯାୟୀ ଭରତବର୍ଷରେ ଶିକ୍ଷାର ହାର ଶତକଡା ୭୪ ଭାଗ ଓ ଓଡିଶାରେ ଏହି ହାରରୁ ସାମାନ୍ୟ କମ୍ ଶତକଡା ୭୨ ଭାଗ। ଏବେ ଏ ହାର ସାମାନ୍ୟ ବୃଦ୍ଧି ପାଇଥିବାର ସୂଚନା ମିଳୁଛି। ସଂଖ୍ୟାଧିକ ଅଶିକ୍ଷିତ ଲୋକ ପ୍ରାୟତଃ ଆଦିବାସୀ, ଦଳିତ ଓ ଓବିସି ବର୍ଗରେ ଅଛନ୍ତି। ନାରୀମାନେ ମଧ୍ୟ ତୁଳନାତ୍ମକ ଭାବେ ପଛରେ ଅଛନ୍ତି। ଶିକ୍ଷାଗତ ବିଷମତା ଯୋଗୁଁ ଦେଶରେ ତଥା ରାଜ୍ୟରେ ବିଷମ ସମାଜ ତିଆରି ହୋଇଛି। ଆମେ ୧୯୪୭ ମସିହାରେ ସ୍ୱାଧୀନ ହେଲୁ। ଆମର ଦୁଇବର୍ଷ ପରେ ଅର୍ଥାତ ୧୯୪୯ ମସିହାରେ ଚୀନରେ ବିପ୍ଳବ ମାଧ୍ୟମରେ କ୍ଷମତାର ପରିବର୍ତ୍ତନ ହେଲା ଓ ସାମ୍ୟବାଦୀ ଶାସନ ପ୍ରତିଷ୍ଠା ହେଲା। ମାତ୍ର ୩୦ ବର୍ଷ ମଧ୍ୟରେ ଚୀନ ନୂତନ ପିଢ଼ିକୁ ଶତପ୍ରତିଶତ ଶିକ୍ଷିତ କରାଇ ପାରିଥିଲା। ବିଶ୍ୱର ଅନେକ ଦେଶରେ ଶିକ୍ଷାର ହାର ଶତପ୍ରତିଶତ। ଓଡିଶାରେ ଶତ ପ୍ରତିଶତ ଶିକ୍ଷାହାର କିପରି ହାସଲ କରାଯାଇ ପାରିବ ସେଦିଗରେ ଯୋଜନା ଜରୁରୀ।

ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଆମେ ବହୁ ପଛରେ। ଗ୍ରାଜୁଏସନ ବା ସ୍ନାତକକୁ ସର୍ବନିମ୍ନ ଉଚ୍ଚଶିକ୍ଷା ବୋଲି ଗ୍ରହଣ କଲେ ବିକଶିତ ରାଷ୍ଟ୍ରମାନଙ୍କରେ ଏହା ପାଖାପାଖି ଶତକଡା ୫୦ ଭାଗ। କାନାଡାରେ ଗ୍ରାଜୁଏଟ୍ ମାନଙ୍କ ସଂଖ୍ୟା ସର୍ବାଧିକ ୫୬% ରହିଛି। ପ୍ରତିଦ୍ୱନ୍ଦୀ ଚୀନବି ବହୁ ଆଗରେ ଅଛି। ସେହି ତୁଳନାରେ ଆମ ଦେଶରେ ଏ ହାର ମାତ୍ର ଶତକଡା ୫ ଭାଗ। ଓଡ଼ିଶାରେ ଏ ହାର ଆହୁରି କମ୍ ହେବ। ବିକଶିତ ରାଷ୍ଟ୍ରଗୁଡ଼ିକ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ଯେଉଁ ଗୁରୁତ୍ୱ ଦିଅନ୍ତି ଆମେ ସେହି ଗୁରୁତ୍ୱ ଦେଉନା। କାରଣ ସେମାନେ ଜାଣିଛନ୍ତି ବିକାଶର ମୂଳଆଧାର ହେଉଛି ଶିକ୍ଷା। କେବଳ ଉଚ୍ଚ ଶିକ୍ଷିତମାନେ ଦେଶକୁ କ୍ଷୀପ୍ରଗତିରେ ଆଗକୁ ନେଇ ପାରିବେ। ଉଚ୍ଚଶିକ୍ଷା ବୌଦ୍ଧିକତାର ବିକାଶ ଘଟାଏ। ଏହା ପ୍ରଗତୀର ମାର୍ଗକୁ ଉନ୍ମୁକ୍ତ କରେ। ସମାଜରୁ ବିଭେଦତା ଦୂରକରେ। ସମାଜକୁ ଐକ୍ୟବଦ୍ଧ କରେ ଓ ଦେଶକୁ ଏକ ଉନ୍ନତ ସ୍ତରକୁ ନେଇଯିବାକୁ ଚେଷ୍ଟା କରେ। ଏକଥାକୁ ବୋଧହୁଏ ଆମ ରାଜ୍ୟର ରାଷ୍ଟ୍ରନୀତିଜ୍ଞମାନେ ଏଯାଏଁ ଉପଲବ୍ଧି କରିନାହାଁନ୍ତି। ତେଣୁ ସ୍ୱାଧୀନତା ପରଠାରୁ ଏହାକୁ ଏତେ ଗୁରୁତ୍ୱର ସହିତ ବିବେଚନା କରାଯାଇ ନାହିଁ। ଆମ ରାଜ୍ୟରେ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା କେବଳ ପ୍ରଗତିକୁ ତ୍ୱରାନ୍ୱିତ କରିବ ତାହା ନୁହେଁ, ଏହା ସହିତ ବହୁ ପୁରାତନ ସାମାଜିକ ବୈଷ୍ୟମକୁ ଦୂରକରିବା ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ମଧ୍ୟ ଲଗାମ ଲଗାଇବ। ଉଚ୍ଚଶିକ୍ଷା ବ୍ୟକ୍ତିତ୍ୱ ବିକାଶର ଅମୋଘ ଅସ୍ତ୍ର। ସମାଜରେ ଦେଖାଦେଉଥିବା ଜାତିଗତ ଭେଦଭାବ ଓ ଧାର୍ମିକ ବିଭେଦ ଅନେକାଂଶରେ ଉଚ୍ଚଶିକ୍ଷାର ପ୍ରସାର ମାଧ୍ୟମରେ ରୋକାଯାଇ ପାରିବ। ଉଚ୍ଚଶିକ୍ଷିତମାନେ ସମାଜରେ ନିଜ ପରିଚୟ ତିଆରି କରିବାକୁ ଚେଷ୍ଟା କରନ୍ତି। ଏହା ତାଙ୍କୁ ବିକଶିତ ହେବାକୁ ପ୍ରେରିତ କରେ। ଅନେକ ବ୍ୟକ୍ତିଙ୍କ ଏତାଦୃଶ୍ୟ ପ୍ରୟାସ ରାଜ୍ୟକୁ ଆଗେଇ ନେବାରେ ସହାୟକ ହେବ। ଶିକ୍ଷା ମନୁଷ୍ୟର ବିଚାରଶୀଳତାକୁ ବିକଶିତ କରିବ। ଅନ୍ୟ ପକ୍ଷରେ ଅଶିକ୍ଷିତଙ୍କ ମଧ୍ୟରେ ଅନ୍ଧଭକ୍ତଙ୍କ ସଂଖ୍ୟା ବୃଦ୍ଧିପାଏ, ଯେଉଁମାନେ ରାଷ୍ଟ୍ରକୁ ରସାତଳକୁ ନେଇଯିବାର କାମ କରନ୍ତି। ରାଜନୈତିକ ଦଳ ଓ ବ୍ୟକ୍ତିମାନେ ଏମାନଙ୍କୁ ସହଜରେ ବ୍ୟବହାର କରିପାରନ୍ତି। ଭିଡତନ୍ତ୍ର ସୃଷ୍ଟିପାଇଁ ଜାଣିଶୁଣି ଲୋକଙ୍କୁ ଅଶିକ୍ଷିତ ରଖିବାର ପ୍ରୟାସ ହୁଏ। ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକୁ ରାଜନୈତିକ ଆଖଡାରେ ପରିଣତ କରାଯାଏ। ଏଗୁଡ଼ିକୁ ଧ୍ୱଂସ କରିବାର ପ୍ରୟାସ ହୁଏ। ଶିକ୍ଷାର ଘୋରଇକରଣ ପରିସ୍ଥିତିକୁ ଆହୁରି ଜଟିଳ କରିଛି।

ରାଜ୍ୟରେ ଚାଲିଥିବା ସର୍ବଶିକ୍ଷା ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ପଡିବ। ଆଗାମୀ ଏକ ଦଶକ ମଧ୍ୟରେ ରାଜ୍ୟର ସମସ୍ତ ନାଗରୀକଙ୍କୁ ଶିକ୍ଷିତ କରିବାର ଯୋଜନା ତିଆରି କରିବାକୁ ପଡିବ। ଏତତ୍ ବ୍ୟତୀତ ଆମକୁ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। ଆଗାମୀ ଦୁଇ ଦଶକ ମଧ୍ୟରେ ଅନ୍ୟୁନ ୫୦% ଲୋକଙ୍କୁ ସର୍ବନିମ୍ନ ଗ୍ରାଜୁଏଟ ବନାଇବାର ଯୋଜନା ପ୍ରସ୍ତୁତ କରିବାକୁ ପଡିବ। ସର୍ବଶିକ୍ଷା ଓ ଉଚ୍ଚଶିକ୍ଷାର ଏ ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଭାଗୀତା ଓ ସଂକଳ୍ପ ଅତ୍ୟନ୍ତ ଜରୁରୀ। ଏବେ ଓଡ଼ିଶାରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି। ଜଣେ ଦଳିତ ବର୍ଗର ଉଚ୍ଚଶିକ୍ଷା ମନ୍ତ୍ରୀ। ଜଣେ ମହିଳା ଉପମୁଖ୍ୟମନ୍ତ୍ରୀ। ଏମାନେ ଚେଷ୍ଟା କଲେ ଓଡିଶାରେ ଶିକ୍ଷାକ୍ରାନ୍ତି ଆସିପାରିବ ଓ ପଛରେ ପଡ଼ିଥିବା ଅନଗ୍ରସର ବର୍ଗଙ୍କ ପାଇଁ ଆଗକୁ ବଢ଼ିବାର ମାର୍ଗ ଉନ୍ମୁକ୍ତ ହୋଇ ପାରିବ।

+ବାରିପଦା, ମୟୂରଭଞ୍ଜ,
ମୋ: ୯୪୩୮୨୪୮୮୫୪

ଆମେ ଓଡ଼ିଆ ଆଉ କେତେ ସହିବା



ପର୍ଶୁରାମ ଦାସ

ଓଡ଼ିଶା ପ୍ରକୃତିର ଅପୂର୍ବ ଦାନରେ ସମୃଦ୍ଧ ଏକ ରାଜ୍ୟ। ଏହାର ଦୀର୍ଘ ସମୁଦ୍ରତଟ, ବିସ୍ତୃତ ନଦୀ ଅବବାହିକା, ପାହାଡ଼ପର୍ବତ, ଅରଣ୍ୟ ଓ ଉର୍ବର ସମତଳ ଭୂମି ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଅର୍ଥନୈତିକ ସମୃଦ୍ଧିର ଆଧାର। କିନ୍ତୁ ଏହି ଭୌଗୋଳିକ ଅବସ୍ଥିତି ଓଡ଼ିଶାକୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ମଧ୍ୟ ସମ୍ବେଦନଶୀଳ କରିଛି। ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ ହେତୁ ରାଜ୍ୟ ପ୍ରାୟତଃ ବାତ୍ୟା, ସାମୁଦ୍ରିକ ଜୁଆର, ଅତିବୃଷ୍ଟି ଓ ବନ୍ୟାର ସମ୍ମୁଖୀନ ହୋଇଥାଏ। ଏହା ସହିତ ମରୁଡ଼ି, ବଜ୍ରପାତ, ଭୂସ୍ଖଳନ ଓ ତାପପ୍ରବାହ ମଧ୍ୟ ଓଡ଼ିଶାର ଜନଜୀବନ ଓ ଅର୍ଥନୀତିକୁ ପ୍ରଭାବିତ କରିଥାଏ। ତେଣୁ ଓଡ଼ିଶାର ବିକାଶ ଓ ସୁରକ୍ଷା ବିଷୟରେ ଆଲୋଚନା କଲାବେଳେ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ଓ ତାହାର ମୁକାବିଲାକୁ ଗୁରୁତ୍ୱ ଦେବା ଅପରିହାର୍ଯ୍ୟ।

ଓଡ଼ିଶାର ଇତିହାସ ପ୍ରାକୃତିକ ବିପର୍ଯ୍ୟୟର ଅନେକ ଦୁଃଖଦ ଅଧ୍ୟାୟରେ ପରିପୂର୍ଣ୍ଣ। ୧୯୯୯ ମସିହା ଅକ୍ଟୋବର ୨୯ ତାରିଖରେ ଘଟିଥିବା ମହାବାତ୍ୟା ରାଜ୍ୟର ଇତିହାସରେ ଏକ ଅଭୁଲା ଦୁର୍ଘଟଣା ଭାବେ ରହିଛି। ଘଣ୍ଟାପ୍ରତି ଅତ୍ୟଧିକ ବେଗରେ ବହିଥିବା ପବନ, ପ୍ରବଳ ବର୍ଷା ଓ ସାମୁଦ୍ରିକ ଜୁଆର ଉପକୂଳବର୍ତ୍ତୀ ଅଞ୍ଚଳକୁ ଛାରଖାର କରିଦେଇଥିଲା। ହଜାର ହଜାର ଲୋକଙ୍କ ଜୀବନ ହାନି ହେବା ସହ ଲକ୍ଷ ଲକ୍ଷ ଘର ଭାଙ୍ଗିଯାଇଥିଲା ଏବଂ ବ୍ୟାପକ ଚାଷଜମି ନଷ୍ଟ ହୋଇଥିଲା। ଏହି ମହାବାତ୍ୟା ଓଡ଼ିଶାକୁ ବିପର୍ଯ୍ୟୟ ପରିଚାଳନାର ଏକ ନୂତନ ଦିଗ ଦେଖାଇଥିଲା। ଏହାପରେ ରାଜ୍ୟରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଗଠନ, ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟବାହିନୀର ସୃଷ୍ଟି, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ, ଉଦ୍ଧାରକାରୀ ଦଳର ପ୍ରଶିକ୍ଷଣ ଓ ପୂର୍ବସତର୍କ ସୂଚନା ବ୍ୟବସ୍ଥାର ବିକାଶ ଉପରେ ଗୁରୁତ୍ୱ ଦିଆଗଲା।


ମହାବାତ୍ୟା ପରେ ମଧ୍ୟ ଓଡ଼ିଶା ଅନେକ ବଡ଼ ବାତ୍ୟାର ସମ୍ମୁଖୀନ ହୋଇଛି। ୨୦୧୩ ମସିହାର ଫାଇଲିନ୍ ବାତ୍ୟା, ୨୦୧୮ର ତିତିଲି, ୨୦୧୯ର ଫନି, ବୁଲବୁଲ୍, ୨୦୨୦ର ଅମ୍ଫାନ୍, ୨୦୨୧ର ୟାସ୍ ଏବଂ ୨୦୨୪ର ଦାନା ବାତ୍ୟା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଧନଜୀବନ ଓ ଭିତ୍ତିଭୂମିକୁ ପ୍ରଭାବିତ କରିଛି। ବିଶେଷକରି ଫନି ବାତ୍ୟା ପୁରୀ, ଖୋର୍ଦ୍ଧା ଓ ଅନ୍ୟାନ୍ୟ ଉପକୂଳ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ତଥାପି ପୂର୍ବସତର୍କ ସୂଚନା, ଲୋକଙ୍କ ସ୍ଥାନାନ୍ତରଣ ଓ ଉଦ୍ଧାରକାର୍ଯ୍ୟରେ ଉନ୍ନତି ହେତୁ ଜୀବନହାନିକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିଛି। ଏହା ରାଜ୍ୟର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନର ସୂଚନା ଦେଇଥାଏ। ତେବେ ପ୍ରତ୍ୟେକ ବାତ୍ୟା ପରେ ଘରବାଡ଼ି, କୃଷି, ମତ୍ସ୍ୟଜୀବୀଙ୍କ ଜୀବିକା ଓ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର ଏକ ବଡ଼ ଆହ୍ୱାନ ହୋଇ ରହିଛି।

ବାତ୍ୟା ବ୍ୟତୀତ ବନ୍ୟା ମଧ୍ୟ ଓଡ଼ିଶାର ଏକ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଋଷିକୁଲ୍ୟା ଓ ବଂଶଧାରା ଭଳି ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଲେ ଅନେକ ଜିଲ୍ଲାର ନିମ୍ନାଞ୍ଚଳ ଜଳମଗ୍ନ ହୋଇଥାଏ। ବିଭିନ୍ନ ସମୟରେ ଆସିଥିବା ବନ୍ୟା ରାଜ୍ୟର କୃଷି, ଗମନାଗମନ ଓ ଜନଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ଅତିବୃଷ୍ଟି, ନଦୀବନ୍ଧ ଦୁର୍ବଳତା, ନଦୀଶଯ୍ୟାରେ ପଟୁମାଟି ଜମା ଓ ଜଳନିଷ୍କାସନରେ ବାଧା ବନ୍ୟାର ତୀବ୍ରତା ବଢ଼ାଇଥାଏ। ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ଅନିୟମିତ ବର୍ଷା ଯୋଗୁଁ ମରୁଡ଼ି ପରିସ୍ଥିତି ଦେଖାଦେଇଥାଏ। ଏହା ଚାଷୀଙ୍କ ଜୀବିକା ଓ ଗ୍ରାମୀଣ ଅର୍ଥନୀତିକୁ ପ୍ରଭାବିତ କରେ। ଏହା ସହିତ ଗ୍ରୀଷ୍ମ ଋତୁରେ ତାପପ୍ରବାହ ଓ ବଜ୍ରପାତ ମଧ୍ୟ ଜୀବନହାନିର କାରଣ ହୋଇଥାଏ। ଦକ୍ଷିଣ ଓଡ଼ିଶାର ପାହାଡ଼ିଆ ଅଞ୍ଚଳରେ ଅତିବୃଷ୍ଟି ହେଲେ ଭୂସ୍ଖଳନ ଓ ଆକସ୍ମିକ ବନ୍ୟାର ଆଶଙ୍କା ବଢ଼ିଯାଏ। ୨୦୨୬ ମସିହା ଅକ୍ଟୋବର ଶେଷ ସପ୍ତାହରେ ଅର୍ଣ୍ଣବ ବାତ୍ୟାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ପୁଣିଥରେ ଏକ ଗୁରୁତର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବାତ୍ୟା ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ସମେତ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲା ପ୍ରଭାବିତ ହୋଇଥିଲା। ଗଞ୍ଜାମ ଜିଲ୍ଲାର ପାତ୍ରପୁରରେ ୨୪ ଘଣ୍ଟା ମଧ୍ୟରେ ୫୪୬ ମିଲିମିଟର ଏବଂ ସୋରଡ଼ାରେ ୫୦୩ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଥିଲା। ଏହି ଅତିବୃଷ୍ଟି ଯୋଗୁଁ ଋଷିକୁଲ୍ୟା, ବଂଶଧାରା ଓ ମହେନ୍ଦ୍ରତନୟା ନଦୀର ଜଳସ୍ତର ବୃଦ୍ଧି ପାଇ ଅନେକ ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇଥିଲା। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ, ରାସ୍ତା ଓ ପୋଲ ନଷ୍ଟ, ବିଦ୍ୟୁତ୍ ଯୋଗାଣ ବ୍ୟାହତ ଏବଂ ରେଳ ଚଳାଚଳରେ ବାଧା ଭଳି ପରିସ୍ଥିତି ଉପୁଜିଥିଲା। ଅକ୍ଟୋବର ୩୧ ତାରିଖର ରିପୋର୍ଟ ଅନୁସାରେ ଗଞ୍ଜାମ ଜିଲ୍ଲାରେ ଦେଢ଼ ଲକ୍ଷରୁ ଅଧିକ ଓ ଗଜପତି ଜିଲ୍ଲାରେ ୩୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। ହଜାର ହଜାର ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ଜଳବନ୍ଦୀ ଅଞ୍ଚଳରେ ଉଦ୍ଧାରକାରୀ ଦଳ ଡଙ୍ଗା ଓ ହେଲିକପ୍ଟର ସହାୟତାରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପହଞ୍ଚାଇଥିଲେ। ଏହି ବିପର୍ଯ୍ୟୟ ପୁଣିଥରେ ପ୍ରମାଣିତ କରିଛି ଯେ, କେବଳ ସମୁଦ୍ର ଉପକୂଳ ନୁହେଁ, ପାହାଡ଼ିଆ ଓ ଅଭ୍ୟନ୍ତରୀଣ ଅଞ୍ଚଳ ମଧ୍ୟ ଅତିବୃଷ୍ଟି, ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ପ୍ରତି ସମାନ ଭାବେ ସମ୍ବେଦନଶୀଳ। ପ୍ରାକୃତିକ ବିପର୍ଯ୍ୟୟର ତୀବ୍ରତା ବୃଦ୍ଧି ପଛରେ ଜଳବାୟୁ ପରିବର୍ତ୍ତନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ବିଶ୍ୱ ତାପମାତ୍ରା ବୃଦ୍ଧି, ସମୁଦ୍ରଜଳର ଉଷ୍ଣତା, ଅନିୟମିତ ବର୍ଷା, ଜଙ୍ଗଲ କ୍ଷୟ ଓ ଅନିୟନ୍ତ୍ରିତ ସହରୀକରଣ ବିପର୍ଯ୍ୟୟର ପ୍ରଭାବକୁ ଅଧିକ ଜଟିଳ କରୁଛି। ଉପକୂଳ ଅଞ୍ଚଳରେ ସମୁଦ୍ରପତ୍ତନ ବୃଦ୍ଧି ଓ ଲୁଣିପାଣିର ଅନୁପ୍ରବେଶ କୃଷି ଓ ପାନୀୟ ଜଳ ଉତ୍ସ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ବିପର୍ଯ୍ୟୟ ପରିଚାଳନା କେବଳ ବାତ୍ୟା କିମ୍ବା ବନ୍ୟା ସମୟରେ ଉଦ୍ଧାରକାର୍ଯ୍ୟରେ ସୀମିତ ରହିବା ଉଚିତ ନୁହେଁ। ବିପର୍ଯ୍ୟୟ ପୂର୍ବରୁ ଆଶଙ୍କା ଚିହ୍ନଟ, ପୂର୍ବସତର୍କ ସୂଚନା ପ୍ରସାର, ନିରାପଦ ସ୍ଥାନାନ୍ତରଣ, ତ୍ୱରିତ ଉଦ୍ଧାର ଓ ପରବର୍ତ୍ତୀ ସମୟରେ ପୁନର୍ବାସ ଏବଂ ପୁନର୍ନିର୍ମାଣକୁ ନେଇ ଏକ ସମନ୍ୱିତ ଯୋଜନା ଆବଶ୍ୟକ। ଏଥିପାଇଁ ପାଣିପାଗ ପୂର୍ବାନୁମାନ, ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର, ବର୍ଷାମାପକ ଯନ୍ତ୍ର ଓ ନଦୀଜଳସ୍ତର ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦରକାର।

ଓଡ଼ିଶାକୁ ବିପର୍ଯ୍ୟୟପ୍ରବଣ ରାଜ୍ୟରୁ ବିପର୍ଯ୍ୟୟ-ସହନଶୀଳ ରାଜ୍ୟରେ ପରିଣତ କରିବା ପାଇଁ ସରକାର, ପ୍ରଶାସନ, ସ୍ଥାନୀୟ ସଂସ୍ଥା ଓ ସାଧାରଣ ଜନତାଙ୍କ ସମନ୍ୱିତ ଉଦ୍ୟମ ଆବଶ୍ୟକ। ବାତ୍ୟା ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ, ନଦୀବନ୍ଧର ସୁଦୃଢ଼ୀକରଣ, ଜଳନିଷ୍କାସନ ବ୍ୟବସ୍ଥାର ଉନ୍ନତି, ଜଙ୍ଗଲ ସୁରକ୍ଷା ଓ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ନିରୂପଣ ଉପରେ ଗୁରୁତ୍ୱ ଦେବା ଦରକାର। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଗ୍ରାମସ୍ତରରେ ବିପର୍ଯ୍ୟୟ ସଚେତନତା ଓ ଅଭ୍ୟାସମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉଚିତ। ପିଲାମାନଙ୍କୁ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ରହିବାକୁ ହୁଏ, ତାହା ଶିକ୍ଷା ଦେବା ସହ ସାଧାରଣ ଲୋକଙ୍କୁ ମଧ୍ୟ ପ୍ରାଥମିକ ଉଦ୍ଧାର ଓ ସହାୟତା ସମ୍ପର୍କରେ ତାଲିମ ଦେବା ଆବଶ୍ୟକ। କୃଷି କ୍ଷେତ୍ରରେ ଜଳବାୟୁ ସହନଶୀଳ ଫସଲ, ଜଳ ସଂରକ୍ଷଣ ଓ ବିକଳ୍ପ ଜୀବିକାର ବ୍ୟବସ୍ଥା ଚାଷୀଙ୍କୁ ବିପର୍ଯ୍ୟୟର ଆଘାତରୁ ରକ୍ଷା କରିପାରିବ।

ପ୍ରକୃତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ମଣିଷ ପକ୍ଷେ ସମ୍ଭବ ନୁହେଁ; କିନ୍ତୁ ଦୂରଦୃଷ୍ଟି, ବୈଜ୍ଞାନିକ ଯୋଜନା, ସଚେତନତା ଓ ସାମୂହିକ ପ୍ରୟାସ ଦ୍ୱାରା ବିପର୍ଯ୍ୟୟର କ୍ଷୟକ୍ଷତିକୁ ନିଶ୍ଚିତ ଭାବେ ହ୍ରାସ କରାଯାଇ ପାରିବ। ୧୯୯୯ ମହାବାତ୍ୟାଠାରୁ ୨୦୨୬ର ଅର୍ଣ୍ଣବ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣା ଆମକୁ ଏକ ନୂତନ ଶିକ୍ଷା ଦେଇଛି। ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଯେଉଁ ଅଭିଜ୍ଞତା ଓ ସାମର୍ଥ୍ୟ ହାସଲ କରିଛି, ତାହାକୁ ଆହୁରି ସୁଦୃଢ଼ କରିବା ସମୟର ଆହ୍ୱାନ। ବିକାଶର ପ୍ରତ୍ୟେକ ଯୋଜନାରେ ପରିବେଶ ସୁରକ୍ଷା ଓ ବିପର୍ଯ୍ୟୟ ଆଶଙ୍କାକୁ ଗୁରୁତ୍ୱ ଦେଲେ ହିଁ ଏକ ସୁରକ୍ଷିତ, ସମୃଦ୍ଧ ଓ ସ୍ଥାୟୀ ଓଡ଼ିଶା ଗଠନ ସମ୍ଭବ ହେବ।

+ସା : ସୁଆସୁଣୀ ପୋ
ଦେଉଳହାଟ ଥାନା ଭୋଗରାଇ
ଜିଲ୍ଲା ବାଲେଶ୍ୱର
ପିନ- ୭୫୬୦୩୬
ମୋ:୯୩୪୮୬୯୭୪୦୪



ସତରେ ସେ ଚିର ସ୍ରୋତସ୍ୱିନୀ

ପ୍ରଶାନ୍ତ କୁମାର ନାୟକ



ସ୍ଥାନ କାଳ ପାତ୍ର କିଛି ନମାନି
ବେଳା ଅବେଳାରେ ଯଦି
ତା’ କଥା ମନେପଡ଼େ
ସତେକି ଧରା ଶିରାବଣ ସାଜି ଆଖିରୁ
ଲୋତକ ଝରିଯାଏ
କେଜାଣି କାହିଁକି ଏଭଳି ପରିସ୍ଥିତିରେ
ହୃଦୟର ସ୍ପନ୍ଦନ ବଢିଯାଏ ।
ଗଳାବାଟ ଖୋଜୁଥାଏ ତାକୁ ଭୁଲିଯିବାର
କିନ୍ତୁ ସଫଳ ହୁଏନାହିଁ ମୋର
ଏ ବ୍ୟର୍ଥ ପ୍ରୟାସ
ଭାବେ ଲୁହ ଧୋଇଦେବ ତା’ ସ୍ମୃତିସବୁ
ହେଲେ ଲୁହ ସିନା ଶୁଖିଯାଏ,
କିନ୍ତୁ ତା’ର କୋହଭରା ସ୍ମୃତି ସରେନା
ସେ ଦେଇଥିବା ଆଘାତର
ଘା’ ଜମା ଶୁଖେନା ।
ପୁରୁଣା ସ୍ମୃତି ସବୁ ସାଉଁଟି
କାଗଜ କଲମରେ
ଲେଖୁଲେଖୁ ହୋଇଯାଏ କବିତା,
ହେଲେ ବିରହଭରା ସେ କବିତା ଏବଂ
ଆଙ୍କୁ ଆଙ୍କୁ ଆଙ୍କିହୋଇଥିବା
ସେ ଚିତ୍ରରେ ବି ପ୍ରସ୍ଫୁଟିତ ହୁଏ
ମୋ ମନର ବ୍ୟଥା ।
ଭଲପାଇ ସର୍ବହରା ହୋଇ
ଏକା ହୋଇଗଲି
ତୁମେ ମୋ ସାଥି ଛାଡିଦେବାପରେ
ଲୁହ ମୋ ଆଖିର ଆଜୀବନ
ସାଥି ହୋଇଗଲା,
ହେଲେ ସେ ଲୁହ ବି ଖୁବ୍ ସ୍ୱାର୍ଥପର
ନିପଟ ନିର୍ବୋଧ ଅଥବା ଅଭିମାନିନୀ,
ଲକ୍ଷ୍ୟହୀନା ଅଜଣା ତଟିନୀ
ବୋହିବୋହି ଶୁଖିଯାଏ
ହେଲେବି ବୋହୁଥାଏ,
ସତରେ ସେ ଚିର ସ୍ରୋତସ୍ୱିନୀ ।

+ୟୁନିଟ୍-୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

ଗେଲ

ବିନୟ କୁମାର ମିଶ୍ର

ଖାସ୍ ତୁମରି ପାଇଁ କି ଲେଖୁଛି
ମନ କଥା କହିବାକୁ,
ତୁମେ କି ବୁଝିବ ମନ କଥା ମୋର
ବେଳ ନାହିଁ ଶୁଣିବାକୁ।


ତୁମ କଥା ଯେବେ ଭାବୁଛି ମୁଁ ବସି
ତୁମ ମନେ ପଡ଼ିଯାଏ,
ପବିତ୍ର ପ୍ରେମରେ ଅଦୃଶ୍ୟ ଡୋରିଟି
ସାଙ୍ଗେ ସାଙ୍ଗେ ବନ୍ଧା ହୁଏ।

ଯେବେ ମନେପଡେ ବେଶି ବେଶି ତୁମ
ଭାବନା ଗହୀର ହୁଏ,
ମାନ ଅଭିମାନ ପ୍ରୀତିର ବନ୍ଧନ
ସେତିକି ଗମ୍ଭୀର ଯାଏ।
ଆଜି କେହି କାହା ମନ କଥା ଖୋଲି
କାହାକୁ ପାରୁନେ କହି,
ଦିନଥିଲା ପାଖେ ବାସି ପୋଛୁଥିଲି
ତୁମ ଲୁହ ପ୍ରାଣ ସହି।
ତୁମ ରୁଷା ଦେଖି ଫିକା ପଡେ ଆଖି
ଛଳ ଛଳ ଯାଏ ହୋଇ,
ମନ ଭାଙ୍ଗିଦେଲେ ଆଉ କି ସରାଗ
ପାରିବ କି ବାନ୍ଧି ହୋଇ ?

ସ୍ୱାର୍ଥ ତ ନଥିଲା ତ୍ୟାଗ ପ୍ରେମ ଥିଲା
ଉନ୍ମୁକ୍ତ ଥିଲା ହୃଦୟ,
ଛିଡ଼ିଗଲା ଭାବ ପ୍ରୀତିର ପ୍ରଭାବ
ଆସିଲା ଯେଣୁ ସନ୍ଦେହ।

ଯେଝା ବାଟେ ଯିଏ ଚାଲିଛେ ଯାହାକୁ
ଯେମିତି ଲାଗୁଚି ଭଲ,
ଯେବେ ଚାଲିଯିବି ସଂସାର ଛାଡିକି
ଆଉ ନ ଥିବ ଏ ଗେଲ।

+ମଲ୍ଲୀପୁର
ନିଆଳ, ଖୋର୍ଦ୍ଧା



ଶେଷ ବସନ୍ତର ଅଶ୍ରୁ

ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ)





ସେ କହୁଥିଲେ...

ମୁଁ ଶୁଣୁଥିଲି...

ବେଳେବେଳେ ସେ କିଛି ନକହି ଚୁପ୍ ରହିଯାଉଥିଲେ। ହେଲେ ତାଙ୍କର ନୀରବତାର ଭାଷା ବି ସ୍ଫୁରିତ କଥାଠାରୁ ଥିଲା ଅଧିକ ପ୍ରଭାବଶାଳୀ। ମୁଁ କିଛି ବୁଝୁଥିଲି କିନ୍ତୁ ଅନେକ ଅବୁଝା ରହୁଥିଲା। ହେଲେ ଶୁଣୁଥିଲି ସବୁ। ମୁଁ ମଧ ମୋକଥା ତାଙ୍କୁ କହୁଥିଲି, ମୋକଥା ସହ ସେ ସହମତ ହୁଅନ୍ତୁ କି ନ ହୁଅନ୍ତୁ। ଏମିତି ପରସ୍ପରକୁ ଶୁଣିବା, ଶୁଣେଇବା, ବୁଝିବା, ବୁଝେଇବା ଭିତରେ ହିଁ ଆମେ କ୍ରମଶଃ ଘନିଷ୍ଠ ହେଇଥିଲୁ।

କେବେ ଥରେ ଚାନ୍ଦିପୁରର ବେଳା ଭୂମିରେ ଚନ୍ଦ୍ର ସହ ଗପର ଗଜଲ୍ ବୁଣିବାକୁ ଭାବିଭାବି ସେଇ ସିମେଣ୍ଟ ବେଞ୍ଚରେ ମୁଁ ଶୋଇ ଆକାଶକୁ ଚାହିଁ ବେଫିକର୍ ହେଇ ଗୀତ ପରେ ଗୀତ ଗାଇ ଚାଲିଥିଲି। ମଧରାତ୍ରୀର ନିଶୀଥ ପ୍ରହରରେ ମୁଁ ତାରାମାନଙ୍କ ପାଇଁ ଗାଉଥିଲି "ଛପିଛପି ବାସନ୍ତୀ ରାତି..." ଆଉ ମନେ ପଡୁ ନଥିଲା, ତେଣୁ ମୁଁ ହୁଁ ହୁଁ ହେଉଥିଲାବେଳେ ହିଁ ଝାଉଁଗଛର ସେପାଖରୁ ଖୁବ୍ ମଧୁର ସ୍ୱରରେ ଗୀତଟିର ଦ୍ୱିତୀୟ ପଦ 'ଝୁରେ ମୁଁ ତା'ଲାଗି' କିଏ ଗାଇବା ଆରମ୍ଭ କରିଦେଲା।

ମୁଁ ଚମକି ପଡ଼ି ବୁଲିପଡ଼ିଲାବେଳକୁ ସେ ମୋ ପାଖରେ ଧିରେଧିରେ ଆସୁଥିଲା। ପାଦଠୁ ମୁଣ୍ଡ ପର୍ଯ୍ୟନ୍ତ ଆଚ୍ଛାଦିତ କରିଥିବା ତା'ର ଧଳାଗାଉନ୍‌କୁ ଦୁଇ ହାତରେ ଟେକିଧରି ସେ ଆସୁଥିଲା। ଆଖି ମଳିମଳି ମୁଁ ଚାହିଁ ରହିଥିଲି... ଶୂନ୍‌ଶାନ୍ ବେଳା ଭୂମିରେ କ'ଣ ଭୂତ ବି ବାହାରେ କି? ମୁଁ ଶୋଇଛି ନା ଚାହିଁଛି? ଜାଣି ନପାରି ହାତକୁ ଚିମୁଟି ଥିଲି। କିଛି ସ୍ଥିର କରିପାରୁ ନଥିଲି। ଦୌଡ଼ିକି ଯିବି ନା ବସିକି ହନୁମାନ ଚାଳିଶା ପଢ଼ିବି। ହୃତସ୍ପନ୍ଦନ ଦ୍ରୁତରୁ ଦ୍ରୁତତର ହେଉଥିଲା। ନଭେମ୍ବରର ଶୀତରେ ବି ଦେହରୁ ଗମ୍‌ଗମ୍ ଝାଳ ବାହାରିବା ଆରମ୍ଭ ହେଇଗଲାଣି। ଯ ପଳାୟତି, ସ ଜୀବତି ନ୍ୟାୟରେ ଠିଆହେଇ ଚାଲିବାକୁ ଆରମ୍ଭ କରିଲାବେଳେ ହିଁ, କୋକିଳକଣ୍ଠୀ କହିଲେ, ଖୁବ୍ ସୁନ୍ଦର ଗାଉଛନ୍ତି ଆପଣ... 'ସାଗର ଦର୍ଶନ' ହୋଟେଲର ବାଲକୋନିରେ ମୁଁ ନିଃଶବ୍ଦ ନିଶୀଥରେ ସାଗର ଦେଖିବାପାଇଁ ବସିଥିଲାବେଳେ ହିଁ ଆପଣଙ୍କ ସୁମଧୁର ସଙ୍ଗୀତକୁ ଶୁଣୁଶୁଣୁ କେତେବେଳେ ଯେ ଏଠାରେ ପହଞ୍ଚି ଗଣିଲି, ଜାଣିପାରିନି। ପଛକୁ ବୁଲି ଚାହିଁଲାବେଳକୁ, ସେ ହାଲକା ହସଟିଏ ହସି କହିଲେ, ମୁଁ ଆନନ୍ଦିତା ପ୍ରିୟଦର୍ଶନୀ, ଆନୀ ବୋଲି ସମସ୍ତେ ଡାକନ୍ତି। ଆପଣ ଡରିଗଲେ କି..? ସେ ପଚାରିଲେ। ଝାଳକୁ ରୁମାଲରେ ପୋଛୁପୋଛୁ ମୁଁ କହିଲି, ନା ନା ଡରିବି କାହିଁକି? ହେଲେ ଏତେ ରାତିରେ ଆପଣଙ୍କୁ ଏଠାରେ ଦେଖି ମୁଁ ଆଶ୍ଚର୍ଯ୍ୟ। ଉତ୍ତରରେ ସେ କହିଲେ ସେମାନେ ଚାରିଜଣ ବାନ୍ଧବୀ ୱିକେଣ୍ଡରେ ଏଠାକୁ ଆସିଛନ୍ତି। ଚାନ୍ଦିପୁରରେ ସମୁଦ୍ର ମଝିରେ ଠିଆହେଇ ଚନ୍ଦ୍ରଦର୍ଶନର ଆନନ୍ଦ କୁଆଡ଼େ ବହୁତ ବେଶି ବୋଲି ସେ ଶୁଣିଥିଲେ, ତେଣୁ ତାଙ୍କ ଅନ୍ୟ ସାଙ୍ଗମାନେ ନ ଆସିଲେ ବି ସେ ଏକା ବାଲକୋନିରୁ ସମୁଦ୍ରକୁ ଦେଖୁଦେଖୁ ଏଠାରେ ପହଞ୍ଚିଗଲେ ବୋଲି କହିଲେ। ବୋଧହୁଏ ଏମିତି ଅଧାଜହ୍ନ ଅଧା ସମୁଦ୍ରରେ ଆପଣଙ୍କ ସହ ହିଁ ମୋର ଭେଟ ହବାର ଥିଲା କହି ସେ ମୋତେ ଚାହିଁଲେ।

ଆଖିରେ ଆଖିରେ ମିଶିଗଲେ ଏମିତି ସାରା ଶରୀରରେ ଶିହରଣ ସୃଷ୍ଟି ହୁଏ ବୋଲି।

ସେଦିନ ମୁଁ ପ୍ରଥମେ ଅନୁଭବ କଲି। ଅନାୟସରେ ମୋ ପାଟିରୁ ବାହାରି ଆସିଲା, ମୁଁ ଗାର୍ଗେୟ ହେଲେ ମୋତେ ସମସ୍ତେ ଗ୍ରେଗ୍ ବୋଲି ଡାକନ୍ତି। ସେ ହସିଦେଇ କହିଲେ, ବାଃ ଆମ ଦୁଇଜଣଙ୍କର ନାଁ ବି କଣ୍ଟିନେଣ୍ଟାଲ୍।

ହେଲେ ଆପଣଙ୍କ ସ୍ୱରରେ ଏତେ ଉଦାସପଣ କାହିଁକି...? କେହି ପ୍ରିୟଜନଙ୍କ ବିରହରେ ଏ ଗୀତ ଗାଉଥିଲେ କି? ମୁଁ ଅପ୍ରସ୍ତୁତ ହେଇ ପଡ଼ିଲି। ନା, ସେମିତି କିଛି ନୁହେଁ। ଅକ୍ଷୟ ମହାନ୍ତିଙ୍କର ସବୁ ଗୀତ ମୋତେ ଗାଇବାକୁ ଭଲଲାଗେ ତ ସେଥିପାଇଁ। ଆରେ ବାଃ, ସେ ମୋର ବି ପ୍ରିୟଗାୟକ। ତାଙ୍କଭଳି ଆଉ ଜଣେ କେହି ମିଳିବେନି ବୋଲି ମୁଁ ଭାବୁଥିଲି, ହେଲେ ଆଜି ଆପଣଙ୍କ ଗୀତ ଶୁଣିଲା ପରେ ଲାଗୁଛି ନିକଟ ଭବିଷ୍ୟତରେ ମୋ ଧାରଣା ଭୁଲ୍ ହେବ। ସତରେ ଆପଣଙ୍କ ସ୍ୱରରେ ବି ଅଜବ୍ ଗୋଟେ ଉଦାସପଣରେ ନିଶା ଅଛି।

ବାଲି ଉପରେ ପାଦ ଥାପିଥାପି ଆମେ ସମୁଦ୍ର ଭିତରକୁ ଚାଲିଥିଲୁ। ବହୁତ ପୁରୁଣାଦିନର ବନ୍ଧୁ ଭଳି ଅନେକ ବିଷୟରେ ଗପିଗପି ଆମେ ପ୍ରାୟ ପାଞ୍ଚ କି.ମି. ଚାଲିଆସିଥିଲୁ। ଆରେ କେତେବାଟ ଆସିଲେଣି, ସେ ହଠାତ୍ କହିଲେ, ଚାଲନ୍ତୁ ଏଇଠୁ ଫେରିବା। ସାଙ୍ଗମାନଙ୍କ ସହ ସେ କାଲି କୋଲକାତା ଫେରିଯିବେ ବୋଲି ଜଣାଇ ଫୋନ୍ ନମ୍ବର ନେଲେ। ମୁଁ ବି ସକାଳୁ ଭୁବନେଶ୍ୱର ଫେରିବି କହି ତାଙ୍କ ଫୋନ୍ ନମ୍ବର ଆଣିଲି।

ସତରେ କ'ଣ ଭଲପାଇବାର ରଙ୍ଗ ଲାଗିଲେ ମନ ପ୍ରଜାପତି ଭଳି ଉଡ଼ିବୁଲେ? ଝୁରିଝୁରି ଝରିଯିବା କ'ଣ ପ୍ରେମ.... ନା ଝରିଯାଉଥିବା ବେଳେ ଝୁରିହେବା ହିଁ ପ୍ରେମ? ଗାର୍ଗେୟ ଆଶ୍ଚର୍ଯ୍ୟ ହେଉଥିଲା। ସତରେ ପ୍ରେମ କ'ଣ? ଏ କ'ଣ ଏମିତି ଏକ ପରଶମଣି, ଯାହାକୁ ଛୁଇଁଦେଲେ ମାମୁଲି ବି ହୁଏ ମହାନ୍? ଏକା ଏକା ସେଇ ମହତ୍ତର ସାଧନା, ଯାହା କାହାକୁ ପଥଭ୍ରଷ୍ଟ ନୁହେଁ ବରଂ ସମାଧିସ୍ଥ କରେ। କ'ଣ ହେଉଛି କିଛି ନବୁଝିଲେ ବି ଏଣିକି ସବୁଦିନ ଆନୀ ଫୋନ୍ କରେ।

ପ୍ରଥମ ସାକ୍ଷାତ୍‌ର ଦିନକୁ ମନେ ପକେଇବା ପାଇଁ ତା' ପରବର୍ଷ 'ମେ ସତର'ରେ ଆସିଥିଲା ଆମ ସହରକୁ। କୃଷ୍ଣଚୂଡ଼ା ଗଛର ଛାଇରେ ଠିଆହୋଇ ଆମେ ଚାହା ପିଉଥିବାବେଳେ ହିଁ ମୁଁ ପ୍ରେମକୁ ପରିଣୟରେ ପରିଣତ କରିବାକୁ କହିଥିଲି। ଝିଅମାନେ ଲାଜେଇଗଲେ ଗୋଲାପୀ ଦିଶନ୍ତି ବୋଲି ସେଇଦିନ ଜାଣିଲି ମୁଁ। ସୁନାପାଣିଦିଆ ରୁପାର ପାଉଁଜି ହଳେ ତା' ହାତକୁ ବଢ଼େଇଦେଇ କହିଲି, ସବୁବେଳେ ପିନ୍ଧିଥିବ। ବାଲିରେ ଚାଲୁଥିବାବେଳେ ବି ଯେମିତି ତମ ପାଉଁଜିର ରୁଣୁଝୁଣୁକୁ ଶୁଣିଶୁଣି ମୁଁ ତମ ପଛରେ ଚାଲିଥିବି। ହସିହସି ସେ କହିଲା, ଯେମିତି ସେ ବ୍ରାହ୍ମଣ ସାକ୍ଷୀ ଗୋପୀନାଥଙ୍କ ଆଗେଆଗେ ଯାଉଥିଲେ ଆଉ ଯେମିତି ଗୋପୀନାଥଙ୍କ ରୁଣୁଝୁଣୁ ନ ଶୁଭିଲା, ପଛକୁ ବୁଲିପଡ଼ିଲେ ଯେ ଗୋପୀନାଥ ପ୍ରସ୍ତର ପ୍ରତିମା ହେଇ ସେଇଠି ରହିଗଲେ, ସେମିତି...!

ଆରେ ନା ମ! ତମକୁ ଭଲଲାଗେ ବୋଲି ଭାବିଲି ତ, ସେଇଥିପାଇଁ।

ସମସ୍ତେ ଖୁବ୍ ଖୁସି ଥିଲେ। ଆନୀର ଜିଦ୍ ହିଁ ରହିଲା। ଅଦ୍ଭୁତ ମନେଇ ଝିଅଟା... ବଦ୍ରିନାଥର ବ୍ରହ୍ମ କପାଳିରେ ବରଣମାଳା ପିନ୍ଧାପିନ୍ଧି ହବା ବୋଲି ଜିଦ୍ ଧରିଲା। କାହିଁକି ଏ ପିଲାଳିଆମୀ? ପଚାରିଲି। ସେଠି ସମସ୍ତେ ଶ୍ରାଦ୍ଧ ଦିଅନ୍ତି। ତମେ ସେଇଠି ଆରମ୍ଭ କରିବ? ଅସୁବିଧା କ'ଣ? ଅଳକାନନ୍ଦାର ଗଭୀର ଆଉ ପ୍ରଖର ସ୍ରୋତକୁ ସାମ୍ନାକରି ସେମିତି ଅଛି ସେ ପ୍ରସ୍ତର ଖଣ୍ଡ। ଆମେ ବି ସେମିତି ଜୀବନର ସବୁ ଝଡ଼ଝଞ୍ଜାକୁ ଅଦମ୍ୟ ସାହସ ଆଉ ଦମ୍ଭର ସହ ସାମ୍ନା କରିବା। ତୁମେ ଥିବ ମୋ ପାଖରେ, ମୁଁ ଥିବି ତୁମ ସହ। ତେଣୁ ତ ସେଇଠିକୁ ଯିବାକୁ ଇଚ୍ଛା ହେଲା। ଦୀପାବଳିଠାରୁ ତ ବଦ୍ରିନାଥ ବନ୍ଦ ହେଇଯିବ, ତେଣୁ ଏଇ ଅକ୍ଟୋବରରେ ହିଁ ଯିବାକଥା ହେଲା। ଦୁଇଦିନ ଆଗରୁ ଯାଇ ସେଠି ସମସ୍ତ ଆନୁସଙ୍ଗିକ ବନ୍ଦବୋସ୍ତ କରିସାରିଥିଲି ମୁଁ।

ହେଲେ ଅଚାନକ ଏ ବର୍ଷାଟା ଆରମ୍ଭ ହୋଇଯାଇଛି ଯେ, ବନ୍ଦ ହବାର ନା ବି ଧରୁନି। ବର୍ଷା ପାଇଁ ହେଲିକପ୍ଟର ବି ବନ୍ଦ, ହରିଦ୍ୱାର ପାଖରୁ ଭଡ଼ାକାରଟେ କରି ଆନୀ ଆସୁଛି ବୋଲି ଫୋନ୍‌ରେ କହିବା ପରଠୁ ମୁଁ ଚିନ୍ତାରେ ପଡ଼ିଯାଇଥିଲି। ଏଣେ ବର୍ଷାର ବେଗ ଭୀଷଣରୁ ଆହୁରି ଭୀଷଣ ହେଉଥିଲା। ଭାରି ବ୍ୟସ୍ତ ଲାଗୁଥିଲା। ମୁଁ ଜୋଷୀମଠ ଯାଏ ଆସିଯାଇଥିଲି। କେମିତି ତା'ପରେ ପହଞ୍ଚିବି, ସେଇ ଚିନ୍ତାରେ ବାଇକ୍ ଧରି ମୁଁ ବର୍ଷାକୁ ଖାତିର୍ ନକରି ଚାଲିଥାଏ। ଫୋନ୍ ବି ବେଳେବେଳେ ଲାଗୁଥାଏ ପୁଣି ଲାଗୁନଥା,। ରୁଦ୍ରପ୍ରୟାଗ ଆଉ ଦଶ କି.ମି. ଅଛି, ଫୋନ୍ ଲାଗିଲା ଆନୀକୁ। ସେ କ୍ଷୀଣ ସ୍ୱରରେ ହ୍ୟାଲୋ କହିଲା ମାତ୍ରେ ମୁଁ କହିଲି, ଆନୀ ଡରନି। ମୁଁ ଆସିଗଲିଣି। ଆଉ ଅଳ୍ପ ସମୟ ପରେ ତମ ପାଖରେ ପହଞ୍ଚି ଯିବି। ଆନୀ କାନ୍ଦୁଥିଲା.... ମୋ କଥାରେ ରାଜି ହେଇ ବଡ଼ ଅସୁବିଧା ହେଇଗଲା ନା.... ତମକୁ ହଇରାଣ କରୁଛି, ନୁହେଁ, ଗ୍ରେଗ୍...? ହଠାତ୍ ଧଡ଼ାସ୍ କରି ଗୋଟେ ଶବ୍ଦ ହେବା ସହ ଆନୀର ଆର୍ତ୍ତନାଦ ବାୟୁମଣ୍ଡଳକୁ ଥରେଇ ଦେଲା। ମୋ ପ୍ରାଣ ବାହାରିଗଲା କି?

ମୁଁ ପହଞ୍ଚି ସାରିଥିଲି ରୁଦ୍ରପ୍ରୟାଗରେ। ବର୍ଷାରେ ହଠାତ୍ ଭୂସ୍ଖଳନ ଯୋଗୁଁ ଆନୀ ଆସୁଥିବା କାର୍‌ର ବଡ଼ ଗୋଟେ ଆକ୍ସିଡେଣ୍ଟ ହେଇଯାଇଛି।

କେମିତି ଯେ ତାକୁ ଆଣି ହସ୍ପିଟାଲର ଆଇ.ସି.ୟୁରେ ଭର୍ତ୍ତି କରାଯାଇଛି, ସେ କଥା ଆଉ ଭାବି ବି ହେଉନି। ସମସ୍ତ ଘରଲୋକ ତଥା ହସ୍ପିଟାଲ୍ ଷ୍ଟାଫ୍‌ଙ୍କୁ ଚମକେଇ ଦେଇ ସେ କହିଲା, ଏବେ ଏଇଠି ହିଁ ସେ ଆନୀ ସହ ବିବାହ କରିବ। ଡାକ୍ତର କହୁଥିଲେ, ଆପଣ କ'ଣ କହୁଛନ୍ତି! ତାଙ୍କ ଜୀବନର ଗ୍ୟାରେଣ୍ଟି ନାହିଁ ଆଉ ଆପଣ ବିବାହ କଥା କ'ଣ କହୁଛନ୍ତି। ଡାକ୍ତର ସାହେବ, ଆପଣ ବୁଝିପାରିବେନି ଆମ କଥା,.. ସ୍ଥୂଳଶରୀରରେ ହୁଏତ ଆନୀ ରହିବେନି, ହେଲେ ସୂକ୍ଷ୍ମ ରୂପରେ ସେ ସବୁବେଳେ ମୋ ସହ ରହିଥିବେ। ମୁହୂର୍ତ୍ତରୁ ଆରମ୍ଭ ଆମ ପ୍ରେମ ଏବେ ମନ୍ୱନ୍ତରରେ ପହଞ୍ଚିଗଲାଣି। କାଳରୁ କାଳାନ୍ତର ହେଇସାରିଛି। ଖାଲି ଆନୀର ଖୁସି ମୁଁ ଦେଖିବାକୁ ଚାହେଁ। ମୃତ୍ୟୁର ଶୀତଳସ୍ପର୍ଶ ତାକୁ ଛୁଇଁବା ଆଗରୁ ତା' ମୁହଁରେ ଟେନାଏ ହସର ଚମକ ବି ଥାଉ।" 'Very brave' କହି ଡାକ୍ତର ତା' ପିଠି ଥାପୁଡ଼େଇ ଦେଲେ ଆଉ ସେ ଝରିଆସୁଥିବା ଲୁହକୁ ଦାନ୍ତ କାମୁଡ଼ି କି ଚାପି ରଖୁଥିଲା।

ଆନୀ ଆଖି ଖୋଲିଥିଲା। ଗ୍ରେଗ୍ ତା' ସିନ୍ଥିରେ ସିନ୍ଦୂର ଦେଇସାରି ତା' ହାତକୁ ଧିରେସେ ଧରିଥିଲା ଆଉ ତାକୁ ଚାହିଁ ରହିଥିଲା। ଆସ୍ତେ ଆସ୍ତେ ଆନୀର ହାତ ତଳକୁ ଖସିଗଲା। ଡାକ୍ତର ତା' ମୁହଁକୁ ଘୋଡ଼େଇ ଦେଲେ।

+ ଫକୀରମୋହନ ନଗର,
ଆଇଟିଆଇ ଛକ, ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨


ଦିବ୍ୟ ସମ୍ଭାଷଣ



ଅନୀତା ପଟ୍ଟନାୟକ

ଭଗବାନ ସତ୍ୟସାଇ ବାବାଙ୍କର ଆର୍ବିଭାବ ନଭେମ୍ବର ୨୩, ୧୯୨୬ ମସିହାରେ ହୋଇଥିଲା ଓ ତାଙ୍କର ତିରୋଧାନ ୨୦୧୧ ଏପ୍ରିଲ ୨୪ ତାରିଖରେ ହୋଇଥିଲା। ସତ୍ୟସାଇ ଆଶ୍ରିତମାନେ ଆର୍ବିଭାବ ଦିବସକୁ ଜନ୍ମ ଦିନ ଭାବେ ଓ ତିରୋଧାନ ଦିବସଟିକୁ ଆରାଧନା ମହୋତ୍ସବ ଭାବେ ପାଳନ କରନ୍ତି। ପୃଥିବୀର କୋଣ, ଅନୁକୋଣ ବିଭିନ୍ନ ଦେଶରେ ସତ୍ୟସାଇ ସେବା ସଂଗଠନ ଗଠିତ ହୋଇଛି। ତେଣୁ ମନରେ ସ୍ୱତଃ ପ୍ରଶ୍ନ ଆସେ ଏହା କିପରି ସମ୍ଭବ ହୋଇଛି। ଏହାର ମୁଁ ଏକ ଅନୁଧ୍ୟାନ କଲି। ୧୯୯୧ ମସିହାରେ ପ୍ରଥମଥର ପାଇଁ ତାଙ୍କର ଦର୍ଶନ ପାଦସ୍ପର୍ଶ ଓ ଦିବ୍ୟସମ୍ଭାଷଣ ଶୁଣିବାର ସୌଭାଗ୍ୟ ଲାଭ କରିଥିଲି।

ଗଭୀର ଅନୁଧ୍ୟାନ କରି ଜାଣିଲି ଭଗବାନ ସତ୍ୟସାଇ ବାବା ସାଧାରଣ ଭାଷାରେ ଯାହା କହୁଥିଲେ, ତାକୁ ଭାଷଣ କୁହାଯାଉନଥିଲା ତାକୁ ଦିବ୍ୟ ସମ୍ଭାଷଣ କୁହାଯାଉଥିଲା। ଉଚ୍ଚସ୍ୱରରେ ସେ କେବେ ସ୍ୱରତୋଳି ନଥିଲେ ଉତକ୍ଷିପ୍ତ ଜନତାଙ୍କ ମଧ୍ୟରେ। କିଛି କହିବା ପୂର୍ବରୁ ସେ ଦ୍ୱିଧା କରୁନଥିଲେ। ଗଣନା କରୁନଥିଲେ। ସେ କଥା କହିବା ବେଳେ ଗୁଞ୍ଜନ, ହାସ୍ୟରୋଳ, ବିରତି ଓ ଅନୁଧ୍ୟାନ କରିବାକୁ ସମୟ ଦେଉନଥିଲେ। ସେ ବିସ୍ମିତ କରୁନଥିଲେ ବା ପଚାରୁ ନଥିଲେ କୁଆଡ଼େ ଆସିଛ? ସେ ଭାଷଣ ଦେବା ଉଦ୍ଦେଶ୍ୟରେ କେବେ ସମୟ ଅପଚୟ କରୁନଥିଲେ। ସେ କେବେ ବି ବାଗ୍ମିତା କରତାଳି ପାଇଁ ଲାଳାୟିତ ନଥିଲେ। ପ୍ରଚାରକ୍ଷିପ୍ତ ହୋଇ ସେ ଚର୍ତୁଦିଗରେ ଭ୍ରମଣ କରୁନଥିଲେ କିମ୍ବା ଆଡ଼ମ୍ବର ବର୍ଣ୍ଣନା କରୁନଥିଲେ। ଭାଷଣରେ ଅନୁକରଣ ଓ ବ୍ୟର୍ଥ ତର୍କ ଥାଏ। ସେଥିପାଇଁ ତାଙ୍କର କଥାକୁ ଭାଷଣ ପରିବର୍ତ୍ତେ ଦିବ୍ୟ ସମ୍ଭାଷଣ କୁହାଯାଏ। ସେ କଥା କହୁଥିଲେ ଆମକୁ, ଏକତ୍ରିତ ପ୍ରତ୍ୟେକଙ୍କୁ କାରଣ ଅର୍ଜନ ପରି ଆମ ହୃଦୟ ବିଷାଦଗ୍ରସ୍ତ, ହସ୍ତରିକ୍ତ ଓ ଜୀବନ ଯୁଦ୍ଧ ଲଢ଼ିବା ପାଇଁ ଭୀତସ୍ତସ୍ତ ସେ ଜଳଦଭରା। ସେ ନିମ୍ନଭୂମିରେ ଶୁଷ୍କ ଜୀବନରେ ସମ୍ଭାଷଣ ମାଧ୍ୟମରେ ଜଳବର୍ଷା କରୁଥିଲେ।



ସେ ସମ୍ଭାଷଣ ଦେବା ପୂର୍ବରୁ ନୀରବରେ ମଞ୍ଚ ଚାରିପାଖେ ଲକ୍ଷ୍ୟ କରୁଥିଲେ ପୂର୍ଣ୍ଣ ବୃତ୍ତାକାରରେ, ଅନୁସନ୍ଧାନୀ ଆଲୋକଭରା ଆଖିରେ ଦେଖୁଥିଲେ। ସେ ସମୟରେ ଆମେ ଭାବୁଥିଲେ ସତେ ଆମେ କେତେ ଭାଗ୍ୟବାନ। ସେ ମୃଦୁ ହସୁଥିଲେ ଦରହସରେ ଆମକୁ କିଣି ନେଉଥିଲେ। ଆମେ ଆମର ଆଖିକୁ ସେହି ମୁଖମଣ୍ଡଳରୁ ହଟାଇ ପାରୁନଥିଲୁ। ଆମେ ବିମୋହିତ ହେଉଥିଲୁ ସେ ନୈସର୍ଗିକ ଚାହାଣୀରେ ନିଜର ହୃଦୟକୁ ତାଙ୍କର ମୁଷ୍ଟିବେଷ୍ଟନରୁ କାଢ଼ିପାରି ନଥିଲୁ। ତାଙ୍କର ଆଲିଙ୍ଗନ ଓ ପାଦସ୍ପର୍ଶ ଥିଲା ଶୀତଳ ଓ ଆରାମପ୍ରଦ। ସେ ସମ୍ଭାଷଣ ଦେଲାବେଳେ ନୀରବତା ଘନୀଭୂତ ହେଉଥିଲା। ହଜାର ହଜାର ଲୋକେ ଘଣ୍ଟା ଘଣ୍ଟା ଧରି ସେ ସମ୍ଭାଷଣ ପାଇଁ ପ୍ରତୀକ୍ଷା କରୁଥିଲେ। କାରଣ ଆଶ୍ରିତମାନେ ହୃଦୟଙ୍ଗମ କରିଥିଲେ ଦର୍ଶନଂ ପାପ ନାଶନମ୍, ସମ୍ଭାଷଣଂ ସଙ୍କଟ ହରଣଂ, ସ୍ପର୍ଶନଂ କର୍ମ ବିମୋଚନଂ।

ନୀରବତା ଭାଙ୍ଗି ସେ ଯେତେବେଳେ କହୁଥିଲେ 'ପ୍ରେମ ସ୍ୱରୂପଗଣ' 'ଆତ୍ମସ୍ୱରୂପଗଣ' ସେତେବେଳେ ଲାଗୁଥିଲା ସତେଯେପରି ସ୍ୱର୍ଗ୍ଗଲଗ୍ନ ଉପଗତ ଓ ସ୍ୱର୍ଗର ଦ୍ୱାର ଉନ୍ମୁକ୍ତ ହେଲା। କଣ୍ଠ ଥିଲା ମଧୁମୟ ଓ ମଧୁସମ। ପାରିଜାତ ବୃକ୍ଷରେ ସ୍ୱର୍ଗୀୟ ମଧୁପକ୍ଷୀମାନେ ଯେଉଁ ମହୁଫେଣା ସଞ୍ଚିତ କରିଥିଲେ ତାହା ଯେପରି ଭାଷି ଆସୁଛି। ସୂର୍ଯ୍ୟନାଦ ପରି ତାଙ୍କର ଆହ୍ୱାନ ଥିଲା ସୁସ୍ପଷ୍ଟ। ଶ୍ରୋତାର ଶିହରଣ ଆସୁଥିଲା। ତାଙ୍କର କଥା ଆମ ଭିତରେ ଭରି ଦେଉଥିଲା ଅସୀମ ଉଲ୍ଲାସ। ତାଙ୍କର କଥା ଗଙ୍ଗାସମ ବୋହି ଆସୁଥିଲା। ବନ୍ଧନଯୁକ୍ତ ମାନଙ୍କୁ ବନ୍ଧନମୁକ୍ତ କରୁଥିଲା। ସାମାନ୍ୟ ବର୍ଷଣ କରି ମହାର୍ଘ୍ୟ ଶସ୍ୟସମ୍ଭାର ଭରି ଦେଉଥିଲେ। ତାଙ୍କର ସମ୍ଭାଷଣ ଥିଲା ନିର୍ଝର, ନିର୍ମଳ ଓ ପବିତ୍ର। ସେ ଶିଖାଉଥିଲେ ଉପଦେଶ ଦେଉ ନଥିଲେ। ସନ୍ଦେହଗ୍ରନ୍ଥି ବିମୋଚନ କରୁଥିଲେ। ମାନସପଟରେ ପ୍ରଶ୍ନ ଉଦୟ ହେବା ପୂର୍ବରୁ ସେ ପ୍ରଶ୍ନ ଗୁଡ଼ିକରେ ଥିବା ଶବ୍ଦର ସଜ୍ଞା ନିରୂପଣ କରି ସେ ଶୁଦ୍ଧଭାଷାରେ ବୁଝାଇ ଦେଉଥିଲେ। ସେ ଆଶ୍ୱାସ ଓ ଆଦେଶ ଦେଉଥିଲେ। ବ୍ୟକ୍ତି ନିର୍ବିଶେଷରେ ଶାସକ ହେବ ବା ଶାସିତ ତାଙ୍କୁ ନୂଆଁଇ ଗର୍ବହରଣ କରି ଭର୍ତ୍ସନା କରି, ମୂର୍ଖ ଓ ଧର୍ମାନ୍ଧମାନଙ୍କୁ ଚେତାବନୀ ଓ ପରିହାସ କରୁଥିଲେ। ସେ ମନ କିଣି ନେଇ ବିଗତ ଯୁଗର କଥାରୁ କିରଣ ଉଦ୍ଧାର କରି ସେ ପୁନଃ ଅବତାର ନେବା କଥା ବର୍ଣ୍ଣନା କରିଥିଲେ। ତାଙ୍କର ମୁଖରୁ ନିର୍ଗତ ହେଉଥିଲା ସ୍ଫୁଲିଙ୍ଗସମ ଦୀପ୍ତିମୟୀ କବିତା, ମହନୀୟ ଶ୍ରେଷ୍ଠତମ ସତ୍ୟର ଚିତ୍ର। ମାନ ଓ ମନ ପରିବର୍ତ୍ତନ କରିବାର ବାକ୍ୟ, ଦୃଷ୍ଟାନ୍ତ ବାକ୍ୟ। ଉଜ୍ଜ୍ୱଳ ଚକ୍ଷୁ ପଲକପାତି ତେଲୁଗୁ ଗୀତର ମୂର୍ଚ୍ଛନା ତୋଳି ଦେଉଥିଲେ। ପ୍ରତି ମୁହୂର୍ତ୍ତର ପ୍ରତିଶବ୍ଦ ଥିଲା ଏକ ମନ୍ତ୍ରଂ, ସୂତ୍ର, ଏକ ଗାୟତ୍ରୀ, ଏକବାକ୍ୟ ଉପନିଷଦ, ସମ୍ଭାଷଣ ଓ ସ୍ୱର୍ଗୀୟଜ୍ଞାନର ମହାସାଗର।

ତାଙ୍କର କଥା ପ୍ରଭାତର ଶିଶିରସମ କରୁଣା ଝରାଉଥିଲା। ସେ ଆମକୁ ତାଙ୍କ କଥା ମାଧ୍ୟମରେ ସ୍ୱପ୍ନରୁ ଜାଗ୍ରତ କରିଥିଲେ। ତାଙ୍କର ସମ୍ଭାଷଣ ପ୍ରସ୍ତର ହୃଦୟକୁ ମଧ୍ୟ ଅଙ୍କୁରିତ କରୁଥିଲା ପଲ୍ଲବୀତ କରୁଥିଲା କଥାରେ ଥିଲା ଶୀତଳତା। ଦଗ୍ଧଶୀଳରୋପୀ ମନରେ ଭରୁଥିଲା ନୀରୋଗ ସ୍ୱାସ୍ଥ୍ୟପ୍ରଦ ଔଷଧର ପ୍ରଲେପ। ସେ ଆନନ୍ଦ ବିଚରଣ କରୁଥିଲେ। ଆଚରଣରେ ସମ୍ମତି ଭରୁଥିଲେ, ଆଳସ୍ୟ ଦୂର କରୁଥିଲେ। ଆକର୍ଷିତ କରୁଥିଲେ, ବନ୍ଧନମୁକ୍ତ କରୁଥିଲେ। ସାହାସ ଉଦ୍ରେକ କରୁଥିଲେ। ବିବାଦର ଅନ୍ତ କରାଉଥିଲେ। ଅନିଷ୍ଟ ଦୂର କରିପାରୁଥିଲେ। କର୍ମରେ, ବ୍ୟବହାରରେ ତଥା ବଞ୍ଚିବାରେ ତାଙ୍କ କଥା ସହାୟକ ହେଉଥିଲା। ବିଶ୍ୱାସ ଓ କର୍ମ କରିବା ପାଇଁ ସେ ଶ୍ରୋତାଗଣଙ୍କୁ ଆବାହନ କରିଥିଲେ।

ସତ୍ୟସାଇ ବାବା କେବେ ବି ଭାଷଣ ଦେଉନଥିଲେ। ବଂଶବୃକ୍ଷର ପ୍ରଶାଖା ମେଲାଇ ଅର୍ଥ ଉପାର୍ଜନ ଆସ୍ଫାଳନ ଶିକ୍ଷା ଦେଉନଥିଲେ। ତାଙ୍କର ବାଣୀଶୁଣି ଆମେ ଅନୁଭବ କରିଛୁ ଆମେ ସିଂହ, ମେଷ ନୁହେଁ। ତାଙ୍କର ଅମୃତବାଣୀ ଶୁଣି କଳହ, ଶତ୍ରୁତା, ରୁଷ୍ଟ ହେବା ଆଶ୍ରିତମାନେ ତ୍ୟାଗ କରିଛନ୍ତି। ତୃଷାର୍ତ୍ତ, କ୍ଷୁଧାର୍ତ୍ତ, ପୀଡ଼ିତ ଉଦ୍ଧାରରେ ବର୍ତ୍ତମାନ ତାଙ୍କର ଆଶ୍ରିତମାନେ ଉଦ୍ୟତ। ତାଙ୍କର ମଧୁରବାଣୀ ବ୍ୟଥାହରଣ କରିଛି। କୃପାବର୍ଷଣ କରି ହୁଡ଼ିଥିବା ପଥକୁ ସ୍ମରଣ କରାଇଛନ୍ତି। ଶେଷରେ ଆନନ୍ଦ ମିଳିବ ବୋଲି ଆଶ୍ୱାସନା ଭରିଛନ୍ତି।

ତାଙ୍କର ସମ୍ଭାଷଣ ଅଙ୍ଗେ ଭରୁଥିଲା ଶକ୍ତିର ପ୍ରବାହ। ଅନ୍ତରାତ୍ମାରେ ଉତ୍ସାହ, ଉପବେଶିତକୁ ଦଣ୍ଡାୟମାନ କରୁଥିଲା। ଦଣ୍ଡାୟମାନଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଗତିଶୀଳ କରୁଥିଲା। ସେ ଆମର ଭାର ବୋହି ପଥର ସନ୍ଧାନ କରାଉଥିଲେ। ପତିତକୁ ଉଦ୍ଧାର, ରୋଗୀକୁ ରୋଗମୁକ୍ତ ଓ ସତ୍ୟର ମହିମା ସ୍ଥାପନ କରୁଥିଲେ। ଅଶାନ୍ତକୁ ଶାନ୍ତ ଲୌହ କଠିନ ମନରେ ଶାନ୍ତି ଓ ଶକ୍ତି ଭରୁଥିଲା ତାଙ୍କର ବାଣୀ। କଥାରେ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସାର ବାର୍ତ୍ତା ତୋଳୁଥିଲା। ଭାଗ୍ୟଶାଳୀ ଯେଉଁମାନେ ଶୁଣିଛନ୍ତି ତାଙ୍କର ବାଣୀ ଓ ଦର୍ଶନ କରିବାରେ ସୌଭାଗ୍ୟ ଲାଭ କରିଛନ୍ତି।

ହେ ସାଇମାତା! ତୁମେ ଏ କ'ଣ କଲ 'କରିଷ୍ୟେ ବଚନ ତବ' କହିବାପରେ ମଧ୍ୟ ତୁମେ ଆମକୁ ଛାଡ଼ି ଚାଲିଗଲ। ତୁମେ ଦୟାକରି ଫେରି ଆସ। ତୁମର ପ୍ରେମସାଇ ରୂପକୁ ଦେଖିବା ପାଇଁ ଆମର ଚକ୍ଷୁ ତୃଷାର୍ତ୍ତ ପରି ଅପେକ୍ଷା କରି ରହିଛି।

+ଅବସରପ୍ରାପ୍ତ ପ୍ରଧାପିକା, କେଡିଏ, କଟକ,
ମୋ : ୯୬୯୨୯୮୦୦୨୬

ଆସିବ କି ମା'

ବିଜୟଲକ୍ଷ୍ମୀ ଚୌଧୁରୀ



କରାଳ ରୂପ ଛାଡ଼ି ମା' ଗୋ,
ଆସ ନା ଏ ଦୀପାଳୀରେ,
ମାଟି ମୂର୍ତ୍ତି ଛାଡ଼ି ଜୀବନ୍ତ ହୁଅ,
ଏ ଧରା ଧୂଳିରେ।
ରାବଣ ଏଠି ଗଳି ଗଳି,
ମଣିଷ ରୂପ ଧରିଛି,
ତୁମ ବିନା ଏ ପୃଥିବୀ ମା'
ପାପେ ଭରି ଯାଇଛି।

ମାଟି ଦୀପ ଲିଭି ଗଲା,
ଚାଇନା ଆଲୁଅ ଜଳେ,
ପରମ୍ପରା ବିକ୍ରି ହୁଏ,
ବଜାର ଭିଡ଼ ତଳେ।
ମଣିଷ ମନ ଭ୍ରମ ହେଲା,
ନୀତି ଗଲା ହଜି,
ସତ୍ୟ ମିଛ ଏକ ହେଲା,
ଧର୍ମ ପାଖେ ବାଜି।

ଦେବୀ ପୂଜା କରୁ ଆମେ,
ଢୋଲ ବାଜା ବାଜେ,
ଜୀବନ୍ତ ଦେବୀ ରାସ୍ତାରେ,
ଲାଜେ ମୁହଁ ଲଜ୍ଜାରେ ।
ନାରୀ ଯେଉଁଠି ଅସୁରକ୍ଷିତ,
କନ୍ୟା ଗର୍ଭେ ମରେ,
ସେଠି ମା' ତୁମ ପୂଜା,
ଶୋଭା ବର୍ଦ୍ଧନ କି କରେ ?

ଭୋଟ ପାଇଁ ବିକେ ମଣିଷ,
ବିବେକ ଓ ପ୍ରଜ୍ଞା
ସେ ଦେଶେ ତୁମ ଆରତୀ,
କି ଶୋଭା ଦେଖି ଆଭା
ବାଣ ଫୁଟାଇ ବିଷ ଭରୁ,
ପବନ ଓ ଆକାଶ,
ତୁମେ କି ଆସିବ ମା' ଗୋ,
ଏଠି ବିଷ ନିଃଶ୍ୱାସ ?

ଆଡ଼ମ୍ବର ପୂଜା ଏଠି,
ଭକ୍ତି ନାହିଁ ମୋଟେ,
ମିଛ ମନ୍ତ୍ର ପଢ଼ି ଆମେ,
ଡାକୁ ତୁମ କୁ ଓଠେ।
ଆସ ନାହିଁ, ଆସ ନାହିଁ ମା',
ଏ କଳି ଯୁଗକୁ,
କଳା ମଣିଷ କାଳି ବୋଳିବ
ତୁମ କଳା ମୁହଁକୁ।

+ ପୁରଣ ଶାସନ, ବାଳକାଟି
ଖୋର୍ଦ୍ଧା
(ମୋ) ୯୪୩୮୫୯୧୪୭୪

ପ୍ରେମ ଏକ ସ୍ମୃତି

ପ୍ରତିଭା ଦାଶ



ଖୋଜୁଛି ମୁଁ ତୁମକୁ
ବର୍ଷାର ବୁନ୍ଦା ବୁନ୍ଦା ଜଳରେ
ବସନ୍ତର ମଳୟ ପବନରେ
ଶରତର ଭିଜା ସକାଳରେ ।

ହଜିଯାଏ ତୁମ
ସ୍ନେହଭରା ସ୍ମୃତିରେ
ଗୀତ ଗାଏ ପୁଣି
ମନର ଆବେଗ ଭରା କଣ୍ଠରେ ।

ଜଗିବସି ଥାଏ
ଘର ଅଗଣାରେ
ଗଣୁ ଥାଏ ହୃଦୟର
ଅଦୃଶ୍ୟ ଘଣ୍ଟିକୁ
ନିଶବ୍ଦରେ ।

ଦେଖୁଥାଏ ନିତି
ଅତୀତର ଅଭୁଲା ଚିତ୍ରକୁ
ରଙ୍ଗ ଭରିଦିଏ
ରଙ୍ଗହୀନ ମନକୁ ।

ଶୁଣୁଥାଏ ତୁମ
ପ୍ରେମଭରା ଶବ୍ଦକୁ
ଆପେ ଆପେ ଝରି ପଡ଼େ
ମୁରୁକି ହସ
ମୋ ନାଲି ଅଧରରେ
ମୋ ନାଲି ଅଧରରେ ।

+ ନୂଆପଡ଼ା
ମୋ: ୭୮୯୪୫୨୮୪୯୩

ସନ୍ଧ୍ୟା ୭ ଟାରେ ଝରକା ଗ୍ରୀଲ ଭାଙ୍ଗି ଚୋରି ଉଦ୍ୟମ

ବୈଶିଙ୍ଗା ,୪/୧୧ (ନି.ପ୍ର): ବୈଶିଙ୍ଗା ଗ୍ରାମ ମଧ୍ୟରେ ଆଜି ମଙ୍ଗଳବାର ସନ୍ଧ୍ୟା ୭ ଘ. ସମୟରେ ଜନୈକ ବ୍ୟକ୍ତିଙ୍କ ଘର ର ଝରକା ଗ୍ରୀଲ ଭାଙ୍ଗି ଚୋରୀ କରିବାକୁ ଉଦ୍ୟମ କରୁଥିବା ବେଳେ ଘର ଲୋକ ଜାଗି ଉଠିବାରୁ ଚୋରୀ ବିଫଳ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଘରମାଲିକ ବୈଶିଙ୍ଗା ବଜାର ଯାଇଥିଲେ ମାର୍କେଟିଂ କରିବା ପାଇଁ । ଶ୍ରୀ ପ୍ରଧାନ ଉପର ଘରେ ରହୁଥିବା ବେଳେ ତଳ ଘରେ ଜଣେ ସ୍କୁଲ ଦିଦି ପୂର୍ଣ୍ଣମା କର ଭଡା ରେ ରହୁଥିଲେ । ରୋଷେଇ ଘର କାମ ସାରି ଦିଦି ପାଖ ରୁମରେ ଟିଭି ଦେଖୁଥିବା ସମୟରେ ଚୋରମାନେ ରୋଷେଇ ଘର ପଛପଟ ଝରକାର ଗ୍ରୀଲ ତାଡି ଭିତରକୁ ପ୍ରବେଶ କରିବା ସମୟରେ ପାଖ ରୁମ୍ ରୁ ଦିଦି ପୂର୍ଣ୍ଣମା ବାହାରି କିଏ କିଏ ବୋଲି ଡାକ ପକାଇବାରୁ ପାଖ ଲୋକେ ଦୌଡି ପଳାଇ ଆସିଥିଲେ , ଘର ମାଲିକ ଶ୍ରୀ ପ୍ରଧାନ ମଧ ଠିକ୍ ସେହି ସମୟରେ ପହଞ୍ଚି ଯାଇଥିଲେ । ସଙ୍ଗେ ସଙ୍ଗେ ପୋଲିସ କୁ ଖବର ଦେବା ସହିତ ଚାରି ପାଖ ଖୋଜା ଖୋଦି କରି ଥିଲେ । ଥାନାଧିକାରୀ ବାବା ଶଙ୍କର ସରାଫ୍ ପୋଲିସ ଟିମ୍ ସହ ପହଞ୍ଚି ବିଭିନ୍ନ ରାସ୍ତା ଜଗି ଯାଇଥିଲେ ମଧ କାହାରିକୁ ପାଇ ନା ଥିଲେ । ଅଧିକ ତଦନ୍ତ ଜରି ରହିଥିବାର ଜଣା ଯାଇଛି ।

ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ କାର୍ଯ୍ୟକ୍ରମ

ସମ୍ବଲପୁର,୪/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ସମ୍ବଲପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ ୨୦୨୭' ଅନ୍ତର୍ଗତ ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ୦୪ ନଭେମ୍ବର ୦୪ ତାରଖ ବୁଧବାର ଦିନ ସମ୍ବଲପୁରର ତପସ୍ୱିନୀ ହଲ୍ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଆୟୋଜିତ ହେଉଥିବା ଜାତୀୟ ଯୁବ ମହୋତ୍ସବକୁ ଚଳିତ ବର୍ଷ 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍' ନାମରେ ନାମିତ କରାଯାଇଛି, ଯେଉଁଥିରେ ସଫଳ ହେଉଥିବା ଯୁବ ପ୍ରତିଭାମାନେ ଆଗାମୀ ଦିନରେ ରାଜ୍ୟସ୍ତର ତଥା ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରର କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ଏଥିରେ ଲୋକନୃତ୍ୟ, ଲୋକଗୀତ, ଚିତ୍ରାଙ୍କନ, ନୁକଡ଼ ନାଟକ ଏବଂ କବିତା ଲିଖନ ଭଳି ପାଞ୍ଚୋଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୫ ରୁ ୨୯ ବର୍ଷ ବୟସସୀମା ମଧ୍ୟରେ ଥିବା ଇଚ୍ଛୁକ ପ୍ରତିଯୋଗୀମାନେ ଏଥିରେ ଭାଗ ନେଇପାରିବେ। ଏଥି ପାଇଁ ବୟସ ସୀମା ପ୍ରମାଣପତ୍ରର ଜେରକ୍ସ କପି ସାଙ୍ଗରେ ଆଣିବା ବାଧ୍ୟତାମୂଳକ କରାଯାଇଛି। ପ୍ରତିଯୋଗିତା ସ୍ଥଳରେ ହିଁ ଅନ-ଦି-ସ୍ପଟ୍ ମାଗଣା ପଞ୍ଜୀକରଣ ଏବଂ ପ୍ରବେଶ ଫର୍ମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି, ତେବେ ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀଙ୍କ ମାଇଁ ଭାରତ ପୋର୍ଟାଲ୍ ପଞ୍ଜୀକରଣ ମଧ୍ୟ ଆବଶ୍ୟକ। ଜଣେ ପ୍ରତିଯୋଗୀ କେବଳ ଗୋଟିଏ ବିଭାଗରେ ଅଂଶଗ୍ରହଣ କରିପାରିବେ ଏବଂ ପୂର୍ବ ବର୍ଷ ଜାତୀୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସମସ୍ତ ବିଭାଗରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରଶାସନ ତରଫରୁ ଆକର୍ଷଣୀୟ ପୁରସ୍କାର ରାଶି ପ୍ରଦାନ କରାଯିବା ସହ ଶ୍ରେଷ୍ଠ ଦୁଇଜଣଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯିବ। ତେଣୁ ସମ୍ବଲପୁର ଜିଲ୍ଲାର ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ଯୁବ କ୍ଲବ୍, ଏନ୍.ଏସ୍.ଏସ ଏବଂ ସାଂସ୍କୃତିକ ଅନୁଷ୍ଠାନର ଯୁବକ-ଯୁବତୀମାନେ ନିର୍ଦ୍ଧାରିତ ଦିନ ତଥା ନଭେମ୍ବର ୪ ତାରିଖ ସକାଳ ୮ ଟା ମଧ୍ୟରେ ସ୍ଥାନୀୟ ତପସ୍ୱିନୀ ହଲ୍ରେ ଉପସ୍ଥିତ ହୋଇ ନିଜ ନାମ ପଞ୍ଜୀକରଣ କରିବା ସହ ବହୁ ସଂଖ୍ୟାରେ ଏହି ମହୋତ୍ସବରେ ସାମିଲ ହେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

ବୋଲେରୋ ଗାଡ଼ି ଲଗାଇ ବଳଦ ଚୋରି ଅଭିଯୋଗ



ବୈଶିଙ୍ଗା ,୪/୧୧ (ନି.ପ୍ର): ବୈଶିଙ୍ଗା ଅଞ୍ଚଳରେ ଚୋରମାନେ ଏହି କିଛିଦିନ ଭିତରେ ଗୁହାଳରୁ ଛେଳି ଚୋରି କଲେଣି ତ କେତେ ବେଳେ ବିଦ୍ୟୁତ ଟ୍ରାନ୍ସଫରମାର ତ କେତେବେଳେ କାହାଘରୁ ତାଲା ଭାଙ୍ଗି ସୁନାରୂପା ଅଳଙ୍କାର ତ କେତେବେଳେ କାହା ଗୁହାଳରୁ ଗରୁଗାଈ ଚୋରି କଲେଣି। ପୁଲିସର ସତଚେଷ୍ଟା ପରେ ମଧ୍ୟ ଚୋରର ଟେର ପାଉନି ପୁଲିସ। ଗତକାଲି ବିଳମ୍ବିତ ରାତିରେ ଏମିତି ଏକ ଚୋରି ହୋଇଛି ଶୁଣିଲେ ଆପଣବି ତାଜୁବ୍ ହେବେ। ଏହି ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ନଡପୁର ପଞ୍ଚାୟତ କାର୍ଯ୍ୟାଳୟରେ। ସୂଚନା ମୁତାବକ ଏହି ପଞ୍ଚାୟତ କାର୍ଯ୍ୟାଳୟରେ ଦୀର୍ଘବର୍ଷରୁ ରାତ୍ରି ଜଗୁଆଳି ଭାବେ କାମ କରନ୍ତି ନାରାୟଣ ମୁର୍ମୁ। ନାରାୟଣଙ୍କ ଘରଟି କାର୍ଯ୍ୟାଳୟ ନିକଟରେ ହୋଇଥିବାରୁ ଏବଂ ତାର ଗୁହାଳଟି ବାତ୍ୟାରେ ଦୁର୍ବଳ ହୋଇଥିବା ହେତୁ କିଛିଦିନ ହେବ ତାର ନାଲି ରଙ୍ଗର ଦୁଇଟି ବଳଦକୁ ରାତ୍ରିରେ ପଞ୍ଚାୟତ କାର୍ଯ୍ୟାଳୟର ଆବଦ୍ଧ ପାଚେରୀ ଭିତରେ ଛାଡିଥାଏ। କିନ୍ତୁ ଗତକାଲି ନାରାୟଣଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ପ୍ରତିବଦଳରେ ତାର ପୁଅ ଅରୁଣ କୁମାର ମୁର୍ମୁ ଜଗିଥିଲେ। ତେବେ ଦୁଇଟି ବଳଦକୁ ପୂର୍ବପରି ପଞ୍ଚାୟତ କାର୍ଯ୍ୟାଳୟର ପାଚେରୀ ଭିତରେ ପୁରାଇ ଫାଟକରେ ତାଲା ପକାଇ ଶୋଇଥିଲେ ଅରୁଣ। ମାତ୍ର ସକାଳେ ଉଠି ଦେଖେତ ବଳଦ ଦୁଇଟି ଭିତରେ ନାହାନ୍ତି ଏବଂ ଫାଟକରେ ପଡିଥିବା ତାଲା ମଧ୍ୟ ନାହିଁ। ଆଖପାଖରେ ଚାରିଆଡେ ଖୋଜାଖୋଜି ପରେ ଶେଷରେ ପଞ୍ଚାୟତ କାର୍ଯ୍ୟାଳୟରେ ଲାଗିଥିବା ସିସି ଟିଭି ଫୁଟେଜ୍ ?କୁ ଦେଖିଥିଲେ। ସେତେବେଳ ଜାଣିବାକୁ ପାଇଥିଲେ ଯେ ଏକାଧିକ ଦୁର୍ବୃତ୍ତ ଏକ ବଲେରୋରେ ରାତି ପ୍ରାୟ ୧.୫ମି. ସମୟରେ ଆସି ଫାଟକର ତାଲାକାଟି ବଳଦ ଦୁଇଟିକୁ ବୋଲେର ଯୋଗେ ଚୋରିକରି ନେଇଛନ୍ତି। ଏହାପରେ ନାରାୟଣ ଆଜି ସନ୍ଧ୍ ସନ୍ଧ୍ୟାରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଏହାର ତଦନ୍ତ ଚଳାଇଛନ୍ତି।

ବ୍ରିକ୍ସ ସ୍ଥାୟୀ ଜୀବନଶୈଳୀ ସପ୍ତାହ ପାଳନ ଅବସରରେ ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ 'ଜଳ ସଂରକ୍ଷଣ' ସଚେତନତା କାର୍ଯ୍ୟକ୍ରମ

ଜୟପୁର,୪/୧୧ (ନି.ପ୍ର): ପୂର୍ବତଟ ରେଳପଥ ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ବ୍ରିକ୍ସ ସସଟେନେବଲ୍ ଲାଇଫଷ୍ଟାଇଲ୍ ଅଥବା ସ୍ଥାୟୀ ଜୀବନଶୈଳୀ ସପ୍ତାହ ପାଳନର ଅଂଶସ୍ୱରୂପ ଆଜି ରାୟଗଡ଼ା ରେଳ ମଣ୍ଡଳରେ ବିଭିନ୍ନ ଷ୍ଟେସନଠାରେ 'ଜଳ ସଂରକ୍ଷଣ' ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଳ କର୍ମଚାରୀ ଓ ଯାତ୍ରୀମାନଙ୍କୁ ଜଳ ସଂରକ୍ଷଣର ଗୁରୁତ୍ୱ, ଜଳର ଅଯଥା ଅପଚୟ ରୋକିବା ଏବଂ ଦୈନନ୍ଦିନ ଜୀବନରେ ଜଳର ସଠିକ୍ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଥିଲା। ରାୟଗଡ଼ା ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ) ଅମିତାଭ ସିଂହଲ ଜଳକୁ ଏକ ଅମୂଲ୍ୟ ପ୍ରାକୃତିକ ସମ୍ପଦ ଭାବେ ଅଭିହିତ କରି ଏହାର ସଂରକ୍ଷଣ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ସେ ରେଳ କର୍ମଚାରୀ ଓ ଯାତ୍ରୀମାନଙ୍କୁ ଜଳର ଅପଚୟ ରୋକିବା, ଏହାର ସୁବିନିଯୋଗ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଏହି ଅମୂଲ୍ୟ ସମ୍ପଦର ସୁରକ୍ଷା ନିମନ୍ତେ ଆହ୍ୱାନ ଜଣାଇଥିଲେ।ଏହି ଅଭିଯାନର ଅଂଶସ୍ୱରୂପ ବିଭିନ୍ନ ସ୍ଥାନ ଓ ଟ୍ରେନ୍ ଗୁଡ଼ିକରେ ପାନୀୟ ଜଳର ଗୁଣବତା ମଧ ପରୀକ୍ଷା କରାଯାଇଥିଲା। ଯାତ୍ରୀମାନଙ୍କୁ ସୁରକ୍ଷିତ ଓ ପାନୀୟ ଉପଯୋଗୀ ଜଳ ଯୋଗାଣ ସୁନିଶ୍ଚିତ କରିବା ଏବଂ ଜଳର ଗୁଣବତା ଓ ସ୍ୱଚ୍ଛତା ବଜାୟ ରଖିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସଚେତନତା, ସ୍ଥାୟୀ ଜୀବନଶୈଳୀ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ସମସ୍ତଙ୍କର ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରାଯାଇଥିଲା। ରାୟଗଡ଼ା ଡିଭିଜନ ପରିବେଶ ସୁରକ୍ଷା ସହିତ ରେଳ ଯାତ୍ରୀମାନଙ୍କୁ ସୁରକ୍ଷିତ ଓ ସ୍ୱଚ୍ଛ ସୁବିଧା ଯୋଗାଇବା ପାଇଁ ପ୍ରତିବଦ୍ଧ ରହିଛି।

ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଆୟୋଜିତ

ଝାରସୁଗୁଡ଼ା,୪/୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ -୨୦୨୬ ଝାରସୁଗୁଡ଼ା ଜିଲ୍ଲା ବିଜ୍ଞାନ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଝାରସୁଗୁଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ର ମୁଖ୍ୟ ବିଷୟ "ସ୍ଥାୟୀତ୍ୱ ପାଇଁ ବିଜ୍ଞାନ ଓ ନବସୃଜନ" ରହିଥିଲା। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୧୦ ରୁ ଅଧିକ ଛାତ୍ର ଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଝାରସୁଗଡା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା କିଶାନ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନୀରଜ କୁମାର ପଟେଲ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ ।ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ନବସୃଜନ, ସୃଜନଶୀଳତା ଓ ସମସ୍ୟା ସମାଧାନ କୌଶଳର ବିକାଶରେ ଶିଶୁ ବିଜ୍ଞାନ କଂଗ୍ରେସ ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମନୋନୀତ ଥିବା ୫୮ ପ୍ରୋଜେକ୍ଟ ମଧ୍ୟରୁ ୨୪ ଟି ଜୁନିଅର ଓ ୩୪ ଟି ସିନିୟର୍ ଲେଭେଲ୍ ରେ ଥିଲା। ମୋଟ ୪ ଟି ପ୍ରୋଜେକ୍ଟ ରାଜ୍ୟ ସ୍ତରକୁ ମୋନୋନିତ ହୋଇଛନ୍ତି ଓ ଆସନ୍ତା ୨୬ ନଭେମ୍ବର ରେ ଭୁବନେଶ୍ୱର ରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଜୁନିୟର ଓ ସିନିୟର ସ୍ତରରେ ଡିଏଭି ସ୍କୁଲ ଝାରସୁଗୁଡ଼ା ର ଦୁଇଜଣ ଛାତ୍ର ଓ ସିନିୟର ସ୍ତରରେ ଡିଏଭି ପବ୍ଲିକ ସ୍କୁଲ ଏସଓସିପି ଓ ଡିଏଭି ପବ୍ଲିକ ସ୍କୁଲ ଆଇଟିପିଏସ ର ଜଣେ ଲେଖାଏଁ ଛାତ୍ର ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି।

ବ୍ରହ୍ମପୁର ଆସିକା ରାସ୍ତା ଅବରୋଧ

ଗଂଜାମ,୪/୧୧ (ନି.ପ୍ର): ଅର୍ଣ୍ଣ ବାତ୍ୟା ଚାଲିଗଲା । ଏହା ମଧ୍ୟରେ ସପ୍ତାହକୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି ତଥାପି ଏପର୍ଯ୍ୟନ୍ତ ଆସିକାର ବିପନ୍ନ ଲୋକମାନଙ୍କୁ ରିଲିଫ୍ ମିଳିନଥିବାରୁ ଏଥିରେ କ୍ଷୁବ୍ଧ ହୋଇ ଏହାର ପ୍ରତିବାଦ କରି ଆଜି ସକାଳୁ ଶହଶହ ବିପନ୍ନ ବ୍ୟକ୍ତି ମାନେ ରାସ୍ତାରୋକ କରି ଧାରଣାରେ ବସିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଏଠାରେ ପହଞ୍ଚି ରିଲିଫ ଦେବାକୁ ପ୍ରତିଶ୍ରୁତି ନ ଦିଆଯିବା ଯାଏ ଧାରଣା ବସିବେ ବୋଲି ଆନ୍ଦୋଳନ କାରୀ ମାନେ ସୂଚନା ଦେଇଛନ୍ତି। ରାସ୍ତା ରୋକ ଯୋଗୁଁ ବ୍ରହ୍ମପୁର ଆସିକା ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ସୁବର୍ଣ୍ଣପୁର ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ କରିବା ପାଇଁ ସଚେତନତା ରଥର ଶୁଭାରମ୍ଭ

ସୁବର୍ଣ୍ଣପୁର,୪/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଂଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଲକ୍ଷ୍ୟରେ ଚାଲିଥିବା ୪୪ ଦିନିଆ ସଚେତନତା ଅଭିଯାନର ଅଂଶସ୍ୱରୂପ ଆଜି ସକାଳ ୧୦ଟାରେ ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଅଧିକରୁ ଅଧିକ ଜନସାଧାରଣଙ୍କ ନିକଟରେ ଶିଶୁ ଶ୍ରମିକ ନିରାକରଣର ବାର୍ତ୍ତା ପହଂଚାଇବା ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ। ଏହି ୪୪ ଦିନିଆ ଅଭିଯାନ ଗତ ଅକ୍ଟୋବର ୨ ତାରିଖରୁ ଆରମ୍ଭ ହୋଇ ଆସନ୍ତା ନଭେମ୍ବର ୧୪ ତାରିଖ ଶିଶୁ ଦିବସରେ ଶେଷ ହେବ। ଏହି ଅଭିଯାନ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମ ପଂଚାୟତରେ ଚାଲୁ ରହିଛି। ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗ ଓ ଶିଶୁ ମଙ୍ଗଳ କମିଟିର ମିଳିତ ଟିମ୍ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଛି। ଆଗାମୀ ଦିନରେ ମଧ ଏହି ଚଢ଼ଉ ଓ ଉଦ୍ଧାର କାର୍ଯ୍ୟ ଜାରି ରହିବ। ଏଥିସହ ଶିଶୁମାନଙ୍କୁ କୌଣସି ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ନକରିବା ଏବଂ ସେମାନଙ୍କ ଦ୍ୱାରା ଶ୍ରମ କରାଇବାରୁ ନିବୃତ୍ତ ରହିବା ପାଇଁ ଜନସାଧାରଣ ଓ ନିଯୁକ୍ତିଦାତାଙ୍କୁ ସଚେତନ କରାଯିବ। ୧୪ ବର୍ଷରୁ କମ୍ ବୟସର କୌଣସି ଶିଶୁଙ୍କୁ ଶ୍ରମ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ନାହିଁ। ସେହିପରି ୧୫ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ କୌଣସି ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ କରିବା ନିଷିଦ୍ଧ। ଶିଶୁ ଶ୍ରମିକ ନିୟୋଜନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଜିଲ୍ଲା ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟା କୁମାରୀ ସାହୁ କହିଛନ୍ତି ଯେ, ଏହି ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ସହ ଏକ ସୁସ୍ଥ ଓ ଶିଶୁ ଶ୍ରମମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ। ଏଥିପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହଯୋଗ ଓ ସକ୍ରିୟ ଭାଗୀଦାରି ଜରୁରୀ। ଯଦି କୌଣସି ସ୍ଥାନରେ ୧୪ ବର୍ଷରୁ କମ୍ ବୟସର ଶିଶୁ ଶ୍ରମ କରୁଥିବା କିମ୍ବା ୧୮ ବର୍ଷରୁ କମ୍ ବୟସର କିଶୋର ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ଥିବା ଦେଖାଯାଏ, ତେବେ ଜନସାଧାରଣ ଚାଇଲ୍ଡ ହେଲ୍ପଲାଇନ୍ ନମ୍ବର ୧୦୯୮କୁ ଫୋନ୍ କରି ସୂଚନା ଦେଇପାରିବେ। ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ଦିଲେଶ୍ୱର ଖାଖା, ଜିଲ୍ଲା ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟାକୁମାରୀ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବୀଣାପାଣି ମିଶ୍ର, କ୍ରୀଡ଼ା ଅଧିକାରୀ ଶ୍ରୀ ଚିତ୍ରରଞ୍ଜନ ମିଶ୍ର, ସହକାରୀ ଶ୍ରମ ଅଧିକାରୀ, ବିନିକା ଶ୍ରୀ ଚିନ୍ମୟ ମେହେର, ସହକାରୀ ଶ୍ରମ ଅଧିକାରୀ, ଉଲୁଣ୍ଡା, ଶ୍ରୀ ଲିପକରାଜ ନାୟକ, ସହକାରୀ ଶ୍ରମ ଅଧିକାରୀ, ବୀରମହାରାଜପୁର, ଶ୍ରୀ ଶାଶ୍ୱତ ସୌମ୍ୟକାନ୍ତ, ସହକାରୀ ଶ୍ରମ ଅଧିକାରୀ, ତରଭା, ଶ୍ରୀ ସପ୍ରତିଭ ପ୍ରଧାନଙ୍କ ସମେତ ଶ୍ରମ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ବ୍ଲକ ଓ ପୌରାଚଂଳସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ

ଜୟପୁର,୪/୧୧ (ନି.ପ୍ର): ରାଷ୍ଟ୍ରଦୀପ ପ୍ରସାର ସମିତି, ଦାମନଯୋଡି ତରଫରୁ ସେବା ସଂକଳ୍ପ ଅଭିଯାନ ଅବସରରେ ସ୍ଥାନୀୟ ଜୟପୁର ସିଟି ହାଇସ୍କୁଲ ଠାରେ ଯଥାକ୍ରମେ ଜୟପୁର ବ୍ଲକ ଓ ପୌରାଚଂଳ ସ୍ତରୀୟ 'ମୋ ସ୍ୱପ୍ନର ଭାରତବର୍ଷ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା; ଯେଉଁଥିରେକି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

ଶଶୀ ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାକାର୍ଯ୍ୟ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମନାଥ ଗାଦବା ମୁଖ୍ୟ ଅତିଥି ରୂପେ ଏବଂ ସ୍ଥାନୀୟ ବିଦ୍ୟାଳୟର ଅଧକ୍ଷ ସୁଧାକର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପୌରାଞ୍ଚଳ ସ୍ତରୀୟ ପ୍ରତିଯୋଗିତାରେ ଜାଭିୟର ହାଇସ୍କୁଲର ଏନ.ସାଇ ତୀକ୍ଷଣା, ସିଟି ହାଇସ୍କୁଲର ଜି. ପବନସାଇଦେବ, ମଡର୍ଣ୍ଣ ଇଂଲିଶ ସ୍କୁଲର ଉନ୍ନତି ତ୍ରିପାଠୀ, ଅରବିନ୍ଦ ନଗର ସରସ୍ୱତୀ ବିଦ୍ୟା ମନ୍ଦିରର ଅଲିଭା ଗମାଙ୍ଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ସାନ୍ତ୍ୱନାମୂଳକ ସ୍ଥାନ ଅଧିକାର କରିଥିଲେ। ବ୍ଲକ୍ ସ୍ତରୀୟ ପ୍ରତିଯୋଗିତାରେ ଡିମଳା ହାଇସ୍କୁଲର ଖୁସି ଗୌଡ଼ ଏବଂ ଗଡପଦର ହାଇସ୍କୁଲର ଜିତୁ ଟାକରି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସଂଯୋଜକ ପ୍ରତାପ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅମର ପାଳ, ପ୍ରିୟମ୍ବଦା ମହାରଣା, ରିତୁ ଦାସ, ଦିପ୍ତିମୟୀ ମିଶ୍ର, ଆଏସା ଗୌଡ଼ ଏବଂ ସଂଯୁକ୍ତା ବାଡତ୍ୟା ସମସ୍ତ କାର୍ଯ୍ୟକ୍ରମ ତଥା ପ୍ରତିଯୋଗିତାର ପରିଚାଳନା କରିଥିଲେ।ରାଷ୍ଟ୍ରଦୀପ ପ୍ରସାର ସମିତି କେବଳ ପ୍ରତିଯୋଗିତା କରେ ନାହିଁ ବରଂ ଶିକ୍ଷା, ସମାଜସେବା, ପରିବେଶ ସୁରକ୍ଷା, ରାଷ୍ଟ୍ରବାଦୀ ବୁଦ୍ଧିଜୀବୀ ସମ୍ମିଳନୀ କରି ଏ ଭାରତକୁ ବସୁଧୈବ କୁଟୁମ୍ବକମ୍ ରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରଖିଛି ବୋଲି ବନବାସୀ କଲ୍ୟାଣ ଆଶ୍ରମ ଯୁବା ଆୟାମ ବିଭାଗର ସହ-ପ୍ରାନ୍ତ ସଂଯୋଜକ ତଥା ଜିଲ୍ଲା କାର୍ଯ୍ୟକ୍ରମ ସମନ୍ୱୟ ସଂଯୋଜକ ସଦସ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରକାଶ କରିଥିଲେ। ପ୍ରତିଭାଗୀ ମାନଙ୍କୁ ମଣିଷ ପରି ମଣିଷଟିଏ ହେବାକୁ ଆଶ୍ରୀବଚନ ପ୍ରଦାନ କରିବା ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଭାଗୀ ମାନେ ଚଳିତ ମାସ ୧୧ ତାରିଖ ଦିନ କୋରାପୁଟ ଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

ଝାଲପଡା ପଂଚାୟତରେ ବୃକ୍ଷରୋପଣ ନାଁରେ ଲକ୍ଷାଧିକ ଟଙ୍କା ଚଳୁ : ଶ୍ରମ ଦିବସ ସୃଷ୍ଟି ପାଲଟିଛି ପ୍ରହସନ

ଧର୍ମଶାଳା,୪/୧୧ (ନି.ପ୍ର): ସରକାରଙ୍କ ପକ୍ଷରୁ ପରିବେଶ ସୁରକ୍ଷା , ସବୁଜ ବଳୟ ସୃଷ୍ଟି ଓ ସ୍ଥାନୀୟ ଲୋକଙ୍କ ରୋଜଗାରକୁ ଦୃଷ୍ଟିରେ ରଖି ବୃକ୍ଷରୋପଣ ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ନାଁରେ ଲକ୍ଷାଧିକ ଟଙ୍କା ବ୍ୟୟଅଟକଳ କରାଯାଉଛି । ମାତ୍ର ଏହି ଯୋଜନା ନାଁରେ ହାତ ଗଣତି କିଛି ଗଛ ଲଗାଇ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଯୋଜନାରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଥିବା ଦର୍ଶା ଯାଉଥିବା ବେଳେ ବାସ୍ତବ କ୍ଷେତ୍ରରେ ବୃକ୍ଷରୋପଣସ୍ଥିତିକୁ ନେଇ ଉଠିଛି ପ୍ରଶ୍ନ । ଏହି ଯୋଜନାରେ ହୋଇଥିବା ଖର୍ଚ୍ଚର ସ୍ୱଚ୍ଛତା ଓ କାର୍ଯ୍ୟର ବାସ୍ତବତା ଯାଂଚ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ସେପଟେ ପଂଚାୟତର କାର୍ଯ୍ୟ ନିର୍ବାହୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଉଠିଛି ପ୍ରଶ୍ନ । ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଅନିୟମିତତାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି ।

ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାଲପଡା ପଂଚାୟତରେ। ଏହି ପଂଚାୟତରେ ଷ୍ଟ୍ରିଟ୍ ଲାଇଟ ଦୁର୍ନୀତି ଘଟଣା ପଦାକୁ ଆସିଥିବା ବେଳେ ଗଛ ଲଗା ନାଁରେ ଲକ୍ଷାଧିକ ଟଙ୍କା ଚଳୁ କରିବା ଆଉ ଏକ ଘଟଣା ସାମ୍ନାକୁ ଆସିଛି । ପଂଚାୟତରେ ଗ୍ରାମୀଣ ରୋଜଗାର ଓ ଆଜିବିକା ମିଶନ ଗ୍ୟାରେଂଟି ୨୦୨୬-୨୭ ଯୋଜନାରେ ସେଗ୍ରିଗେସନ ସେଡ ନିକଟରେ ବୃକ୍ଷରୋପଣ ପ୍ରକଳ୍ପର କୋର୍ଡ ନଂ ୨୪୨୦୦୦୭୦୦୩/ଡିପି/ଭିବି/ ଓ୍ୱାଇଓ/୧୦୯୨୪୩୨ ଅଟକଳ ପରିମାଣ ୪ଲକ୍ଷ ୧୯ହଜାର୯୯୯ଟଙ୍କା ଓ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୫ରେ ତାରିଣୀ ମନ୍ଦିରଠାରୁ କେନାଲ ରୋଡ ନିକଟରେ ବୃକ୍ଷରୋପଣ କୋର୍ଡ ୨୪୨୦୦୦୭୦୦୩/ଡିପି/ ୧୦୯୦୧୬୨୩ରେ ୪ଲକ୍ଷ ୭୦ ହଜାର ଟଙ୍କାରେ ଗଛ ଲଗା ଯାଇଥିବା ସୂଚନା ଫଳକରୁ ଜଣାପଡିଛି। ତେବେ ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ ତାରିଖ ୩୧।୧୦।୨୦୨୫ହୋଇଥିବା ବେଳେ ଓ କାର ?୍ୟ ଶେଷ ତାରିଖ ୩୦।୧୦।୨୦୨୫ ଲେଖା ଯାଇଥିବା ଦେଖିବାକୁ ମିଳିଛି । ଏତେ ଟଙ୍କାରେ କେତୋଟି ଗଛ ଲଗାଇ ଯାଇଥିବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଦୁଇଟି ସ୍ଥାନରେ ହାତଗଣତି କିଛି ଗଛ ଲଗାଇ ଥିବା ବେଳେ ପାଖାପାଖି ୧୦୦ଟି ଗଛକୁ ଜରିରେ ଘେରା ଯାଇଥିବା ଦେଖିବାକୁ ମିଳିଛି । ସେପଟେ ପଂଚାୟତ କାର୍ଯ୍ୟ ନିର୍ବାହୀଙ୍କ କାର୍ଯ୍ୟ ତଦାରଖ ଦକ୍ଷତା ଓ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମିଳିଭଗତକୁ ନେଇ ମଧ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଅନିୟମିତତାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି । ପଂଚାୟତ ନିର୍ବାହୀ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ଘଟଣା ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳୁ ନ ଥିବାରୁ ଏହା ଏକ ବଡ ଦୁର୍ନିତୀ ବୋଲି କହିଛନ୍ତି ଗ୍ରାମବାସୀ । ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ କାରଣ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ପଂଚାୟତର ସେଗ୍ରିଗେସନ ସେଡ ନିକଟରେ ନିକଟରେ ୭ଶହ ଗଛ ଲଗା ଯାଇଛି । ପରବର୍ତୀ ସମୟରେ ଆଉ ଗଛ ଲାଗିବ । ଏହି ପ୍ରକଳ୍ପର ବିଲ୍ ସମ୍ପର୍କରେ ମୁଁ କିଛି କହି ପାରିବି ନାହିଁ ,ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଏ ସମ୍ପର୍କରେ କହି ପାରିବେ ବୋଲି ବିଭାଗୀୟ ଯନ୍ତ୍ରୀ ଗୀତାଶ୍ରୀ ବେହେରା ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ।

୨ ସପ୍ତାହ ପୂର୍ବରୁ ମୁଁ ଗଛ ଲଗା ଯାଇଥିବା ସ୍ଥାନକୁ ଯାଇଥିଲି । ସେଠାରେ ଗଛ ଲାଗି ଥିଲା । ବର୍ତମାନର ସ୍ଥିତି କଣ ଅଛି ପୁନଃର୍ବାର ଗଲେ ଜଣାଇବି । ପ୍ରଥମ ପର୍ଯ୍ୟାୟରେ ସେଗ୍ରିଗେସନ ନିକଟରେ ଲାଗି ଥିବା ଗଛ ପାଇଁ ୫୫ ହଜାର ଟଙ୍କାର ବିଲ ଦିଆ ଯାଇଛି ବୋଲି ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟଲକ୍ଷ୍ମୀ ସ୍ୱାଇଁ ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ।

ସମାସିଂହା-ସୋଡ଼ାମାଲ ରାସ୍ତାରେ ଲଟାବୁଦା ମାଡ଼ିଛି: ଦୁର୍ଘଟଣା ଆଶଙ୍କା ବୃଦ୍ଧି

ଝାରସୁଗୁଡ଼ା,୪/୧୧ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହାରୁ ସୋଡ଼ାମାଲ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଏବେ ଅବହେଳାର ଶିକାର ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଲଟାବୁଦା ଓ ଜଙ୍ଗଲୀ ଗଛଲତା ମାଡ଼ି ଯାଇଥିବାରୁ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏହା ଫଳରେ ଦୁର୍ଘଟଣା ଆଶଙ୍କା ବଢ଼ିବା ସହ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ରାସ୍ତାର ଦୁଇପାର୍ଶ୍ୱରେ ଘଂଚ ଲଟାବୁଦା ମାଡ଼ି ଯାଇଥିବାରୁ ଯାନବାହନ ଚାଳକମାନେ ସମ୍ମୁଖରୁ ଆସୁଥିବା ଗାଡ଼ିକୁ ଠିକ୍ ଭାବେ ଦେଖିପାରୁ ନାହାନ୍ତି। ବିଶେଷକରି ରାସ୍ତାର ବିଭିନ୍ନ ବୁଲାଣି ଓ ଅନ୍ଧାରିଆ ସ୍ଥାନରେ ଏହି ସମସ୍ୟା ଅଧିକ ଗୁରୁତର ହେଉଛି। ଫଳରେ ଦୁଇଚକିଆ ଯାନ ଚାଳକଙ୍କଠାରୁ ଆରମ୍ଭ କରି ଚାରିଚକିଆ ଯାନର ଚାଳକମାନେ ମଧ ଦୁର୍ଘଟଣାର ଆଶଙ୍କା ମଧ୍ୟରେ ଯାତାୟାତ କରୁଛନ୍ତି। ସ୍ଥାନୀୟ ଅଂଚଳରେ ପୂର୍ବରୁ ଏହି ରାସ୍ତାରେ ଏକାଧିକ ଛୋଟବଡ଼ ଦୁର୍ଘଟଣା ଘଟିଥିବା ବେଳେ ଲଟାବୁଦା ସଫା କରାନଗଲେ ଆଗାମୀ ଦିନରେ ଏକ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ଏଭଳି ସ୍ଥିତିରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

ଏହି ସମସ୍ୟାକୁ ନେଇ ସୋଡ଼ାମାଲ ଅଂଚଳର ପ୍ରେମ ସାଗର ଧୂରୁଆ, ଆଂଚଳିକ ବିକାଶ ପରିଷଦ ସଂଗଠନର ସଭାପତି ଜିତେନ୍ଦ୍ରୀୟ ଧୂରୁଆ, ସାଧାରଣ ସମ୍ପାଦକ ସମ୍ପିତ ନାଏକ ଓ ସ୍ୱରୂପ କିସାନ ପ୍ରମୁଖ ଉଦ୍ବେଗ ପ୍ରକାଶ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ମାଡ଼ିଥିବା ଲଟାବୁଦାକୁ ତୁରନ୍ତ ସଫା କରିବା ସହ ରାସ୍ତାକୁ ଯାତାୟାତ ଉପଯୋଗୀ କରିବା ପାଇଁ ସେମାନେ ପୂର୍ତ୍ତ ବିଭାଗ ନିକଟରେ ଦାବି ଜଣାଇଛନ୍ତି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜେ.କେ. ମେହେରଙ୍କ ସହ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ମଧ ସମ୍ଭବ ହୋଇପାରିନଥିଲା। ତେବେ ଜନସାଧାରଣଙ୍କ ସୁରକ୍ଷା ସହ ଜଡ଼ିତ ଏହି ସମସ୍ୟା ପ୍ରତି ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଲଟାବୁଦା ସଫେଇ କରାନଗଲେ ଆଗାମୀ ଦିନରେ ଅଂଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ଓଡ଼ିଆ ଅସ୍ମିତା ସମ୍ମାନ-୨୦୨୬ରେ ଡ. ଜ୍ଞାନରଞ୍ଜନ ପଣ୍ଡା ସମ୍ମାନିତ

ଶ୍ରୀଜଗନ୍ନାଥ ସଂସ୍କୃତି, ଗୀତଗୋବିନ୍ଦ ଓ ଶ୍ରୀଚୈତନ୍ୟ ଦର୍ଶନର ପ୍ରଚାର-ପ୍ରସାର ପାଇଁ ମିଳିଲା ସମ୍ମାନ



ଖଇରା, ୦୪/୧୧ (ନି.ପ୍ର): ଜାତୀୟ ସ୍ତରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ତଥା ପ୍ରଚାର-ପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଷ୍ଟ୍ରିୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି, ଆନ୍ଧ୍ରପ୍ରଦେଶର ପ୍ରତିଷ୍ଠିତ ସଂସ୍କୃତ ବିଦ୍ୱାନ ଡ. ଜ୍ଞାନରଞ୍ଜନ ପଣ୍ଡାଙ୍କୁ 'ଓଡ଼ିଆ ଅସ୍ମିତା ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ଅକ୍ଷର ଓଡିଶା ଦ୍ୱାରା ଆୟୋଜିତ ଭୁବନେଶ୍ୱର ଜୟଦେବ ଭବନରେ ଓଡ଼ିଶା ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ପାତ୍ର (ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ତଥା ଖାଦ୍ୟ ଯୋଗାଣ ବିଭାଗ) ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଗରିମାମୟ ଉତ୍ସବରେ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ ଏବଂ ଦୀନଦୟାଲ ମେଡିକାଲ ବିଶ୍ୱବିଦ୍ୟାଳୟ, ରାୟପୁରର କୁଳପତି ପ୍ରଫେସର ପ୍ରଦୀପ କୁମାର ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂସ୍କୃତିପ୍ରେମୀ, ଗବେଷକ, ଅଧ୍ୟାପକ, ପ୍ରଫେସର ଓ ଛାତ୍ରଛାତ୍ରୀ ଏହି ଓଡ଼ିଆ ଅସ୍ମିତା ସମ୍ମିଳନୀ-୨୦୨୬ରେ ଯୋଗଦେଇଥିଲେ। ଡ. ପଣ୍ଡା ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀଗୀତଗୋବିନ୍ଦ ସାହିତ୍ୟ ଏବଂ ଶ୍ରୀଚୈତନ୍ୟ ଦର୍ଶନର ଗଭୀର ଅଧ୍ୟୟନ, ଗବେଷଣା ଓ ପ୍ରଚାର-ପ୍ରସାର କ୍ଷେତ୍ରରେ ଦୀର୍ଘବର୍ଷ ଧରି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ଓଡ଼ିଶାର ଗୌରବମୟ ସାଂସ୍କୃତିକ ଐତିହ୍ୟକୁ ଦେଶର ବିଭିନ୍ନ ରାଜ୍ୟରେ ପରିଚିତ କରାଇବା ଏବଂ ଏହାର ସୁରକ୍ଷା ନିମନ୍ତେ ସେ ଅନେକ ଜାତୀୟ ସମ୍ମିଳନୀ, ଆଲୋଚନାଚକ୍ର ଓ ଗବେଷଣାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ତାଙ୍କ ସମ୍ପାଦନାରେ ଅନେକ ଗବେଷଣାମୂଳକ ପୁସ୍ତକ ଓ ପ୍ରକାଶନ ମଧ୍ୟ ପ୍ରକାଶିତ ହୋଇଛି, ଯାହା ଓଡ଼ିଆ ଅସ୍ମିତାର ପ୍ରଚାର ଓ ପ୍ରସାରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବରପଦା ଗ୍ରାମ ରେ ଜନ୍ମ ଗ୍ରହଣ କରି ସଂସ୍କୃତ ସାହିତ୍ୟ, କାବ୍ୟଶାସ୍ତ୍ର ଓ ନାଟ୍ୟଶାସ୍ତ୍ର ସହିତ ଶ୍ରୀଜଗନ୍ନାଥ ସଂସ୍କୃତିର ଜଣେ ପ୍ରବୀଣ ଗବେଷକ ଭାବେ ଡ. ପଣ୍ଡାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ସେ ୨୦୦୪ ମସିହାରୁ ରାଷ୍ଟ୍ରିୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି ସହିତ ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟରେ ଜଡ଼ିତ ରହି ଦୀର୍ଘ ୨୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷାକ୍ଷେତ୍ରରେ ଅବଦାନ ରଖିଆସୁଛନ୍ତି। ବର୍ତ୍ତମାନ ସେ ଉକ୍ତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ। ତାଙ୍କ ମାର୍ଗଦର୍ଶନରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉପକୃତ ହୋଇଛନ୍ତି। ଏହି ସମ୍ମାନ ଡ. ପଣ୍ଡାଙ୍କ ଦୀର୍ଘଦିନର ନିଷ୍ଠାପର ଗବେଷଣା, ଶିକ୍ଷାଦାନ ଓ ଓଡ଼ିଆ ସାଂସ୍କୃତିକ ଐତିହ୍ୟ ପ୍ରତି ସମର୍ପିତ ସେବାର ଏକ ଜାତୀୟ ସ୍ୱୀକୃତି ଭାବେ ବିବେଚିତ ହେଉଛି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

ହିନ୍ଦୀ ଭାଷା ସାହିତ୍ୟର ହୃଦୟସ୍ଥଳୀ: ଭୋପାଳଠାରେ 'ନନ୍ଦିତା ମହାନ୍ତି କି ଚୟନିତ କହାନିଆଁ' ଅନୁବାଦ ପୁସ୍ତକର ଉନ୍ମୋଚନ



, ୦୪/୧୧ (ନି.ପ୍ର): ଶାନ୍ତି-ଗୟା ସାହିତ୍ୟ , କଳା ଏବଂ ଖେଳ ସମ୍ବର୍ଦ୍ଧନା ସମିତିର ବାର୍ଷିକ ସମାରୋହରେ ଓଡିଶାର ବିଶିଷ୍ଟ ହିନ୍ଦୀ ଭାଷୀ ଲେଖକ ଓ ଅନୁବାଦକ ଶ୍ରୀଯୁକ୍ତ ଦିନେଶ କୁମାର ମାଲୀଙ୍କୁ " ହରିଶଙ୍କର ଶ୍ରୀବାସ୍ତବ ସ୍ମୃତି ସାହିତ୍ୟଶ୍ରୀ ସମ୍ମାନ ' ପ୍ରଦାନ କରାଯାଇଛି ।ସାହିତ୍ୟ , କଳା ଓ କ୍ରୀଡା କ୍ଷେତ୍ରରେ ଅବଦାନ ପାଇଁ ୧୭ ଜଣ ବିଶିଷ୍ଟ ବ୍ୟକ୍ତି ଏହି ସମାରୋହରେ ସମ୍ମାନିତ ହୋଇଛନ୍ତି । ଦୁଷ୍ୟନ୍ତ ପାଣ୍ଡୁଲିପି ସଂଗ୍ରହାଳୟ ସଭାଗୃହରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ରାଜେଶ ଯୋଶୀ ମୁଖ୍ୟଅତିଥି, ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଅନିଲ ବର୍ମା , ବିଶିଷ୍ଟ ଶିଶୁ ସାହିତ୍ୟିକ ସୁରେନ୍ଦ୍ର ବିକ୍ରମ ଓ ହକି ଖେଳାଳି ଅଶୋକ ଧ୍ୟାନଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜୟପୁରର ସାହିତ୍ୟିକ ପ୍ରବୋଧ ଗୋଭିଲଙ୍କୁ ' ଶାନ୍ତି-ଗୟା ସ୍ମୃତି ଶିଖର ସମ୍ମାନ ' ,ଅଶୋକ ଧ୍ୟାନଚାନ୍ଦଙ୍କୁ ଆଜୀବନ କ୍ରୀଡା ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମନୋରମା ପନ୍ତ, ଡ. ମାଲତୀ ବସନ୍ତ , ପଦ୍ମା ଚୌଗାଓଁକର , ସୁଧୀର ପାଣ୍ଡ୍ୟା ଉପସ୍ଥିତ ଥିଲେ । ଏହି ସମାରୋହରେ ବରିଷ୍ଠ ସାହିତ୍ୟିକ ଅରୁଣ ଅର୍ଣ୍ଣବ ଖାରେଙ୍କର ଦୋହା ସଂକଳନ ' ସାତ ସ୍ୱର ସ୍ନେହ କେ' ସହିତ ଦିନେଶ କୁମାର ମାଲୀଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା ।ତନ୍ମଧ୍ୟରେ ରହିଛି ସମାଲୋଚନା ପୁସ୍ତକ ' ବିମଳା ଭଣ୍ଡାରୀ କୀ ରଚନାଧର୍ମିତା ' ଏବଂ ଓଡିଆରୁ ହିନ୍ଦୀକୁ ଅନୁଦିତ ' ନନ୍ଦିତା ମୋହାନ୍ତି କୀ ଚୟନିତ କହାନିଆଁ ' । ' ନନ୍ଦିତା ମହାନ୍ତି କୀ ଚୟନିତ କହାନିଆଁ ' ରେ ସନ୍ନିବେଶିତ ହୋଇଛି ଓଡିଆ ଭାଷାର ବିଶିଷ୍ଟ ଲେଖିକା ଶ୍ରୀମତୀ ନନ୍ଦିତା ମହାନ୍ତିଙ୍କର ଅଠରଟି ପାଠକାଦୃତ ଗଳ୍ପ ଯାହାକୁ ଲେଖକ ଶ୍ରୀ ମାଲୀ ହିନ୍ଦୀ ଭାଷାରେ ଅନୁବାଦ କରିଛନ୍ତି ।ଉପସ୍ଥିତ ସମ୍ମାନିତ ଅତିଥିଗଣ ପୁସ୍ତକର ଲୋକାର୍ପଣ ଅବସରରେ ପୁସ୍ତକରେ ଥିବା ଗଳ୍ପଗୁଡିକର ଭୂୟସୀ ପ୍ରଶଂସା କରିଥିଲେ ଓ ଗଳ୍ପଗୁଡିକ ହିନ୍ଦୀ ଭାଷୀ ପାଠକମାନଙ୍କର ହୃଦୟଗ୍ରାହୀ ହେବ ବୋଲି ଆଶୀର୍ବଚନ ପ୍ରଦାନ କରିଥିଲେ । ପୁସ୍ତକଟି ବିକ୍ରମ ପ୍ରକାଶନ , ନୂଆଦିଲ୍ଲୀ ଦ୍ୱାରା ପ୍ରକାଶିତ ହୋଇଛି ।

ରାଜ୍ୟସ୍ତରୀୟ ଶିଶୁ ସାଂସ୍କୃତିକ ମହୋତ୍ସବ ମହକ ଉଦ୍‌ଯାପିତ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସାଂସ୍କୃତିକ ଶିଶୁ ମହୋତ୍ସବ 'ମହକ-୨୦୨୬' ର ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ସମାରୋହ ବୁଧବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମର ପ୍ରାକ୍ଟିସ୍ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ମହକ-୨୦୨୬ ପ୍ରତିଯୋଗିତାଗୁଡ଼ିକରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ କନ୍ଧମାଳ ଜିଲ୍ଲାକୁ ରାଜ୍ୟସ୍ତରୀୟ 'ଚାମ୍ପିଅନ୍' ଏବଂ ପୁରୀ ଜିଲ୍ଲାକୁ 'ରନର୍ସ-ଅପ୍' ଭାବେ ପୁରସ୍କୃତ କରାଯାଇଥିଲା। ଏହି ଭବ୍ୟ ସମାରୋହରେ ଏକାମ୍ର ଭୁବନେଶ୍ୱରର ବିଧାୟକ ଶ୍ରୀ ବାବୁ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଯୋଗଦେଇ ଶିଶୁମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶିବମୁନିଜୀଙ୍କର ୧୪୩ ତମ ଶୁଭ ଜନ୍ମଦିନ ପାଳନ

ରୂପସା , ୦୪/୧୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମ ରେ ଆଶ୍ରମର ସାପ୍ତାହିକ ସତ୍ସଙ୍ଗ ସହିତ ସଦ୍ ଗୁରୁଦେବ ଙ୍କ ୧୪୩ ତମ ଶୁଭ ଜନ୍ମଦିନ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ,ମୁନି ସମାଜର ଜ୍ଞ୍ୟୋତି,ଜିଲ୍ଲା ଅଧ୍ୟକ୍ଷ, ବ୍ରହ୍ମ ଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତମୁନିଜୀଙ୍କ କର କମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇ,ତାଙ୍କରି ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ମୁନି ରତ୍ନ ଯୋଗୀ ତ୍ରିଲୋଚନ ସାହୁ ମହୋଦୟ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ,ପ୍ରାନ୍ତୀୟ ସହ ସମ୍ପାଦକ,ଜୋନ୍ ସଙ୍ଗଠକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଶିବ ମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ, ଯୋଗୀ ସଚ୍ଚିଦାନନ୍ଦ (ଯାଜପୁର) ମୁନିଜୀ ମହୋଦୟ, ମୁନି ରାଜ ଅମୂଲ୍ୟ ମୁନିଜୀ ମହୋଦୟ,ଯୋଗୀ ରମେଶ ମୁନିଜୀ ମହୋଦୟ, ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିଶ୍ରୀ ମହୋଦୟା ପ୍ରମୁଖ ।ମଞ୍ଚାସୀନ ଥିଲେ, ଆଶ୍ରମର ପୂର୍ବତନ ସଭାପତି ମୁନି ରାଜ ସୁଧାକର ଗିରି,ନୂତନ ସଭାପତି ମୁନିରାଜ ନାରାୟଣ ମହାପାତ୍ର ମହୋଦୟ, ଉପାଧ୍ୟକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା ପ୍ରମୁଖ ।ପ୍ରଥମେ ଶିବମୁନିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗୁରୁବନ୍ଦନା କରାଯାଇଥିଲା । ଶ୍ରଦ୍ଧା ସୁମନ ଅର୍ପଣ ପରେ,ସମୂହ ପ୍ରଣବ ଶୁଭ ଭାବନା ବେଦ ପାଠ ଶାନ୍ତି ପାଠ କରାଯାଇ ଥିଲା ।ସତ୍ ସଙ୍ଗରେ ସଦ୍ ଗୁରୁଦେବଙ୍କ ସ୍ମୃତି ଚାରଣ କରାଯିବା ସହିତ ତାଙ୍କର ଜୀବନୀ, ଦର୍ଶନ ତଥା ମାନବ ସମାଜ ପ୍ରତି ତାଙ୍କର ଯେଉଁ ଅବଦାନ ଥିଲା ତାର ବାର୍ତ୍ତା। ଲୋକମାନଙ୍କୁ ଜଣାଇବା ସଙ୍ଗେସଙ୍ଗେ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜର ପ୍ରଚାର ଏବଂ ପ୍ରସାର କରାଯିବାର ଉଦ୍ୟମ କରାଯାଇ ଥିଲା ।ମୁନି ସଙ୍ଗୀତ ଗାନ କରିଥିଲେ ଆତ୍ମଜ୍ଞାନୀ ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା ମହୋଦୟା,ମୁନି ରାହାସ ବିହାରି ବାରିକ ପ୍ରମୁଖ । ଉପସ୍ଥିତ ଥିଲେ -ମୁନିରାଜ ଗ୍ଉରହରି ବାରିକ,ମୁନି ମନୋରଞ୍ଜନ ମହାପାତ୍ର, ଚିତ୍ତରଞ୍ଜନ ବର, ହୃଷିକେଶ ପରିଡା, ଜଗଦୀଶ ପରିଡା,ଶ୍ରୀନାଥ ବେହେରା, ପଞ୍ଚାନନ,ରମାକାନ୍ତ ବେହେରା, ଯୋଗେନ୍ଦ୍ର ବେହେରା, ସୁଦର୍ଶନ ବର,ସୁରେନ୍ଦ୍ର ମୁର୍ମୁ, ଜନ୍ମେଞ୍ଜୟ ପରିଡ଼ା,ନାରାୟଣ ସୋରେନ୍, ମୁନିମତୀ ଜାହ୍ନବୀ ଗିରି,ରମଣୀ ପାତ୍ର, ପାର୍ବତୀ ସେଠି, ଉର୍ମିଳା ରାଉଳ,ଯମୁନା ପାତ୍ର,ଆରତୀ ମଣ୍ଡଳ ,ପୂର୍ଣ୍ଣମା ବର, ମେଘମାଳା ଜେନା, ସଂଯୁକ୍ତା ପରିଡ଼ା, ମଞ୍ଜୁଳତା ବେହେରା, ବାସନ୍ତୀ ମହାଳିକ,ମୁନିରାଜ୍ଞୀ ବିମଳା ଲେଙ୍କା, ସୁମତୀ ଦଳାଇ ,ମୁନିମତୀ ସରସ୍ୱତୀ ନନ୍ଦ, ସୁଷମା ପରିଡ଼ା,ବାସନ୍ତୀ ବେହେରା, ଫୁଲମଣୀ ବେହେରା, ଆରତୀ ଗିରି,ମମତା ମହାପାତ୍ର, ମିନତୀ ବର,କାପୁରା ମୁର୍ମୁ, କାନ୍ଦୁଣୀ ହେମ୍ବ୍ରମ୍,ରାମ ହାଁସଦା, ମୁନିକୁମାରୀ ପ୍ରଭାସିନୀ ବର,ମୁନି କୁମାର ଓମ୍ ସିଂ ପ୍ରମୁଖ ଶିବମୁନିଜୀଙ୍କ ପରିବାରର ବହୁ ସଦସ୍ୟ ସଦସ୍ୟା ବୃନ୍ଦ।ଶେଷରେ, ଆଶ୍ରମର ବରିଷ୍ଠ ପୂର୍ବତନ କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାମ୍ର ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ପ୍ରକୃତିରାଣୀ କୁଳଡିହା: ପ୍ରଥମ ଦିବସରେ ୪୨ଜଣ ପର୍ଯ୍ୟଟକଙ୍କ ପରିଦର୍ଶନ

ନୀଳଗିରି , ୦୪/୧୧ (ନି.ପ୍ର): ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବା ବେଳେ ବହୁ ପ୍ରତୀକ୍ଷିତ କୁଳଡିହା ଅଭୟାରଣ୍ୟ ଦୀର୍ଘ ସାଢ଼େ ଚାରିମାସର ଅନ୍ତରାଳ ପରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ବୁଧବାର ସକାଳ ୧୦ଟା ସମୟରେ ଅଭୟାରଣ୍ୟର ବାଲିଆନାଳ ସ୍ଥିତ ମୁଖ୍ୟ ପ୍ରବେଶପଥ ଠାରେ ମୁଖ୍ୟଅତିଥି ବାଲେଶ୍ୱର ଡିଏଫ୍‌ଓ ପ୍ରତୀକ ପ୍ରକାଶ ଇନ୍ଦଲକର,ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏବଂ କୁଳଡିହା ରେଞ୍ଜର ମନୋରଞ୍ଜନ ନାୟକଙ୍କ ଉପସ୍ଥିତିରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଉଦ୍ଘାଟିତ ହୋଇଯାଇଛି। ଚଳିତବର୍ଷର ପ୍ରଥମ ପର୍ଯ୍ୟଟକ ଭାବେ ସୌରଭ ପାଲଙ୍କ ହସ୍ତରେ ଫିତା କଟାଯାଇ ଶୁଭାରମ୍ଭ କରାଯାଇଥିଲା। ପରେ ଶ୍ରୀଯୁକ୍ତ ପାଲ ଏବଂ ତାଙ୍କ ସ୍ତ୍ରୀ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିଲେ। ତତ୍ପରେ ୬ଟି ଚାରିଚକିଆରେ ଆସିଥିବା ପଶ୍ଚିମବଙ୍ଗର ମୋଟ ୪୨ଜଣ ପର୍ଯ୍ୟଟକ କୁଳଡ଼ିହା ମଧ୍ୟକୁ ପ୍ରବେଶ କରିଥିଲେ। ସେମାନଙ୍କୁ ବିଭାଗ ପକ୍ଷରୁ ଫୁଲ, ଚନ୍ଦନ,ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ତନ୍ମଧ୍ୟରୁ ୨୧ଜଣ ପୁରୁଷ ପର୍ଯ୍ୟଟକ ହୋଇଥିବା ବେଳେ ୨୧ଜଣ ମହିଳା ପର୍ଯ୍ୟଟକ ସାମିଲଥିଲେ। ବିଶେଷକରି କଲିକତା ଠାରେ ପ୍ରତିଷ୍ଠିତ ଜାତୀୟ ଫେଶନ ଟେକ୍ନୋଲୋଜିରେ ଅଧ୍ୟୟନ କରୁଥିବା ଦେଶର ବିଭିନ୍ନ ରାଜ୍ୟ ଏବଂ ବିଦେଶାଗତ ଛାତ୍ରଛାତ୍ରୀ ମାନେ ଅଭୟାରଣ୍ୟକୁ ଏକ୍ସପ୍ଲୋର କରିବା ଉଦ୍ଦେଶ୍ୟରେ ଆସିଥିବା ଜଣାଯାଇଛି। ସୂଚନାଯୋଗ୍ୟ ୨୭୨.୭୫ବର୍ଗକିଲୋମିଟର ପରିବ୍ୟାପ୍ତ ପ୍ରାକୃତିକ ବନରାଜିର ମନଲୋଭା ଦୃଶ୍ୟ, ପାହାଡ,ଝରଣା ସହିତ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ବିଭିନ୍ନ ବନ୍ୟପ୍ରାଣୀ, ଦେଶୀବିଦେଶୀ ପକ୍ଷୀଙ୍କ ସମାଗମ ଓ ସେମାନଙ୍କର କିଚିରି ମିଚିରି ଶବ୍ଦକୁ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବିଶେଷକରି ହାତୀ ଅଭୟାରଣ୍ୟର ମାନ୍ୟତା ପାଇଥିବା କୁଳଡିହାରେ ହାତୀ, ହରିଣ, କୁଟାରା, ଗୟଳ, ସମ୍ବର , ବଣକୁକୁଡ଼ା ମାନଙ୍କର ବିଚରଣ ଦେଖିବାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଏହି ଅଭୟାରଣ୍ୟରେ ୪ଟି ସଲ୍ଟ ପଏଣ୍ଟ , ୫ଟି ୱାଚଟାୱାର, ଗଡ ସିମୁଳିଆ ଓ ମୁଖଚଟୁରୀ ଠାରେ ଝରଣାର କୁଳୁକୁଳୁ ନାଦ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାଏ। ତତ୍ ସହିତ ପର୍ଯ୍ୟଟକଙ୍କ ରାତ୍ରିରହଣି ପାଇଁ ଯୋଡାଚୁଆ ଏବଂ ଗୋହିରାଭୋଳ ଠାରେ ନେଚର୍ସ କ୍ୟାମ୍ପ ଓ ତମ୍ବୁଘର ରହିଛି। ତେବେ ଚଳିତବର୍ଷ ବିଶେଷକାରଣ ପାଇଁ ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ରାତ୍ରିରହଣି ବନ୍ଦ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ବନପାଳ ସୌମ୍ୟରଞ୍ଜନ ମାଝୀ, ଦେବରାଜ ଲେଙ୍କା, ଫରେଷ୍ଟଗାର୍ଡ ଲିପିକା ପାଣିଗ୍ରାହୀଙ୍କ ସମେତ ବହୁ ବନକର୍ମଚାରୀ ଓ ପରିବେଶବିତ୍ ମନୋରଞ୍ଜନ ଦାସ ସହଯୋଗ କରିଥିବା ପରିଲକ୍ଷିତ ହୋଇଥିଲା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତଙ୍କୁ ...

ପରିବାର ପିଛା ୨୫୦୦ଟଙ୍କା ହାରରେ ଏହି ନଗଦ ସହାୟତା ପ୍ରଦାନ କରାଯିବ। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪ ଲକ୍ଷ ୨୯ ହଜାର ୭୮୨ଟି ପ୍ରଭାବିତ ପରିବାର ଓ କୋରାପୁଟ ଜିଲ୍ଲାର ୧୦୫୧ଟି ପରିବାର ବାତ୍ୟାରେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ଏହି ନଗଦ ଅର୍ଥରାଶି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ହସ୍ତାନ୍ତର କରାଯାଇଛି। ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଯୋଗ୍ୟ ପ୍ରଭାବିତ ପରିବାରଙ୍କୁ ତ୍ୱରିତ ଏହି ସହାୟତା ରାଶି ପ୍ରଦାନ କରିବାକୁ ଏହି ଅର୍ଥ ବିନିଯୋଗ କରାଯିବ । ବିପର୍ଯ୍ୟୟବେଳେ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ ଆର୍ଥିକ ସହାୟତା ଓ ରିଲିଫ୍ ଯୋଗାଇଦେବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଓ ବେସରକାରୀ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ଚଳିତମାସ ୭ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ବନ୍ଦ ରହିଲେ ମଧ୍ୟ ସ୍କୁଲର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟରେ ଉପସ୍ଥିତ ରହି ନିଜ ନିଜ ଦାୟିତ୍ୱ ତୁଲାଇବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିପର୍ଯ୍ୟୟର ଏହି କଠିନ ସମୟରେ ପ୍ରଭାବିତ ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇବା ଓ ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପ୍ରୟାସ ଜାରି ରଖିଛି।

ଲାଞ୍ଚ ନେଉଥିଲେ ପୁଲିସ ...

ଏହି ସମୟରେ ଥାନା ପରିସରରେ ଥିବା ତାଙ୍କ ରେଷ୍ଟ୍ ରୁମ୍‌ରୁ ୧ ଲକ୍ଷ ୫୫ ହଜାର ୭୦୦ ଟଙ୍କା ଜବତ କରିଥିଲା। ଏହି ଘଟଣାକୁ ନେଇ ସବ୍ ଇନ୍ସପେକ୍ଟର ଶ୍ରୀ ମହନ୍ତଙ୍କ ନାଁରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଛି। ଉଲ୍ଲେଖଯୋଗ୍ୟ, ସୁଜିତ କୁମାର ମହାନ୍ତ ୨୦୨୧ ମସିହାରେ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୁଲିସ ଏସଓ ଭାବେ ଚାକିରିରେ ଯୋଗ ଦେଇଥିଲେ।

କୋଟିଆରୁ ଫେରିଗଲା ...

ଏପରିକି ରାଜ୍ୟର ସ୍ୱାର୍ଥ ସବୁଦଳର ନେତା ଓ କର୍ମୀମାନେ କୋଟିଆରେ ଏକଜୁଟ ହୋଇ ସୀମା ଜଗିଛନ୍ତି ।ଏହାସହିତ କୋଟିଆରେ ଆସନ୍ତାକାଲି ନିର୍ବାଚନ ହେବାର ସମ୍ଭାବନା କ୍ଷୀଣ ଥିବା ସୂଚନା ମିଳିଛି। ଏପଟେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କୋଟିଆରେ ଆନ୍ଧ୍ରର ନିର୍ବାଚନ ପ୍ରହସନକୁ କୌଣସି ପରିସ୍ଥିତିରେ ବି ସଫଳ ହେବାକୁ ଦିଆଯିବ ନାହିଁ। ଆଇନ ଉଲ୍ଲଂଘନ କରୁଥିବା ଆନ୍ଧ୍ର ଅଧିକାରୀଙ୍କ ବିରୋଧରେ କୋର୍ଟ ଅବମାନନା ମାମଲା ଦାଏର କରାଯାଇଛି ଓ ଏ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। କୋଟିଆରେ ରାସ୍ତାଘାଟ, ସ୍କୁଲ ଓ ସମସ୍ତ ମୌଳିକ ଭିତ୍ତିଭୂମି ଓଡ଼ିଶା ହିଁ ନିର୍ମାଣ କରିଛି। ସେଠାରେ ଓଡ଼ିଶାର କାର୍ଯ୍ୟରତ ସରପଂଚ ତଥା ସମିତି ସଭ୍ୟ ରହିଛନ୍ତି। କୋଟିଆରେ ଆନ୍ଧ୍ରର ଗୋଟିଏ ହେଲେ ପ୍ରଶାସନିକ କାର୍ଯ୍ୟାଳୟ ନାହିଁ କିମ୍ବା ପୋଲିସ ଚେକପୋଷ୍ଟ ନାହିଁ। ଗତଥର ଏକ ଚର୍ଚ୍ଚ ଭିତରେ ବେଆଇନ ଭାବେ ପୋଲିଂ ଷ୍ଟେସନ କରି ନିର୍ବାଚନ କରିବାକୁ ଚେଷ୍ଟା କରାଯାଇଥିବାବେଳେ, ଏଥର କୋଟିଆ ଭିତରେ ଗୋଟିଏ ବି ପୋଲିଂ ଷ୍ଟେସନ କରିବାକୁ ସୁଯୋଗ ଦିଆଯାଇ ନାହିଁ। କେବଳ କୋଟିଆ ନୁହେଁ, ଅନ୍ୟ ସମସ୍ତ ସୀମାନ୍ତ ବିବାଦୀୟ ସ୍ଥାନ ଉପରେ ମଧ୍ୟ ସରକାର କଡ଼ା ନଜର ରଖିଛନ୍ତି। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୋଟିଆ ପ୍ରସଙ୍ଗରେ ଏବେ ରାଜ୍ୟର ସମସ୍ତ ରାଜନୀତିକ ଦଳ ଗୋଟିଏ ସ୍ୱରରେ ଏକାଠି ହୋଇ ସେମାନଙ୍କର ବିରୋଧ ଦର୍ଶାଉଛନ୍ତି। ଶ୍ରୀ ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ, କୋଟିଆ ବିବାଦ କୌଣସି ନୂଆ ଘଟଣା ନୁହେଁ। ୧୯୪୭ରେ ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହି ବିବାଦ ରହିଆସିଛି। ୧୯୩୬ ମସିହାରେ ଭାଷାଭିତ୍ତିରେ ଗଠିତ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଜନ୍ମ ନେବା ଦିନଠାରୁ ଏହି ପ୍ରସଙ୍ଗ ଅସମାହିତ ହୋଇ ପଡ଼ିରହିଛି। ୨୦୦୬ ମସିହାରେ ଉଭୟ ଆନ୍ଧ୍ର ଓ ଓଡ଼ିଶାକୁ ସେଠାରେ ସ୍ଥିତାବସ୍ଥା ବଜାୟ ରଖିବାକୁ ସୁପ୍ରିମକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଏବେ ଆନ୍ଧ୍ର ସରକାର ସୁପ୍ରିମକୋର୍ଟଙ୍କ ଆଦେଶକୁ ଅବମାନନା କରି ବଳପୂର୍ବକ ନିର୍ବାଚନ କରିବାକୁ ଚେଷ୍ଟା କରୁଥିବାରୁ ଏକ ଗମ୍ଭୀର ସାମ୍ବିଧାନିକ ସଙ୍କଟ ଉପୁଜିଛି। ଅନ୍ୟପକ୍ଷରେ କୋଟିଆ ସ୍ଥିତିକୁ ନେଇ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଆଜି ପୁଣି ଥରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଚିଠି ଲେଖି ଉଦବେଗ ଜଣାଇଛନ୍ତି। ଗତ ଅକ୍ଟୋବର ୧୯ରେ ସେ ଲେଖିଥିବା ପତ୍ରର ଉତ୍ତର ଅକ୍ଟୋବର ୨୭ରେ ମୁଖ୍ୟମନ୍ତ୍ରୀ ଦେଇଥିବାବେଳେ, ତୃଣମୂଳ ସ୍ତରରେ ଓଡ଼ିଶା ଓ ଆନ୍ଧ୍ର ଅଧିକାରୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଆହୁରି ଜଟିଳ ହେବାରେ ଲାଗିଛି ବୋଲି ନବୀନ ଦର୍ଶାଇଛନ୍ତି।

ଅଗ୍ନିବୀରଙ୍କ ପାଇଁ ...

ଅନୁଯାୟୀ, ଅଗ୍ନିବୀରମାନଙ୍କୁ କେବଳ ୪ ବର୍ଷ ପାଇଁ ନିଯୁକ୍ତି ମିଳୁଥିଲା ଏବଂ କାର୍ଯ୍ୟକାଳ ଶେଷରେ ମାତ୍ର ୨୫ ପ୍ରତିଶତ ଯବାନଙ୍କୁ ସ୍ଥାୟୀ କ୍ୟାଡରରେ ରଖାଯାଉଥିଲା । ବାକି ୭୫ ପ୍ରତିଶତ ଯବାନଙ୍କୁ ସେବାନିଧି ପ୍ୟାକେଜ୍ ଦେଇ ସେବାରୁ ମୁକ୍ତ କରାଯାଉଥିବାରୁ ଏହାକୁ ନେଇ ଚାକିରି ସୁରକ୍ଷା ଓ ଭବିଷ୍ୟତକୁ ନେଇ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଥିଲା । ନୂତନ ନିଷ୍ପତ୍ତି କ୍ରମେ, ସେହି ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ଆଉ ବାହାରେ ଚାକିରି ଖୋଜିବାକୁ ପଡ଼ିବ ନାହିଁ, ବରଂ ସେମାନଙ୍କୁ ସିଧାସଳଖ ଆଉ ୨ ବର୍ଷର ଅତିରିକ୍ତ ସେବା ଅବଧି ପ୍ରଦାନ କରାଯିବ । ଏହି ବର୍ଦ୍ଧିତ ୨ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଯବାନମାନଙ୍କ ଦରମା ଓ ଭତ୍ତାରେ ବୃଦ୍ଧି କରାଯିବା ସହ ଶେଷରେ ଏକ ମୋଟା ଅଙ୍କର ସେବାନିଧି ପ୍ୟାକେଜ୍ ମଧ୍ୟ ମିଳିବ । ଏହାଛଡ଼ା ୬ ବର୍ଷର କାର୍ଯ୍ୟ ସମାପ୍ତ ହେବା ପରେ ନିଜ ଇଚ୍ଛା ଓ ଉତ୍କୃଷ୍ଟ ପ୍ରଦର୍ଶନ ଆଧାରରେ ଯବାନମାନଙ୍କୁ ସ୍ଥାୟୀ ସେବାରେ ସାମିଲ କରାଯିବ । ସେନାରେ କାର୍ଯ୍ୟରତ ଥିବା ସମୟରେ ଅଗ୍ନିବୀରମାନଙ୍କ ଶାରୀରିକ ଦକ୍ଷତା, ବୈଷୟିକ ଜ୍ଞାନ ଓ ଉତ୍ସର୍ଗୀକୃତ ସେବାକୁ ଉଚ୍ଚ ପ୍ରଶଂସା କରାଯାଇ ଏହି ସୁଯୋଗ ସୃଷ୍ଟି କରାଯାଇଛି । ରାଜନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ଏହି ପଦକ୍ଷେପକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଆଗକୁ ଉତ୍ତରପ୍ରଦେଶ ଭଳି ପ୍ରମୁଖ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବା ବେଳେ ସେଠାରୁ ବହୁ ସଂଖ୍ୟାରେ ଗ୍ରାମୀଣ ଯୁବକ ସେନାରେ ଭର୍ତ୍ତି ହୋଇଛନ୍ତି । ବିରୋଧୀ ଦଳଗୁଡ଼ିକ ଅଗ୍ନିପଥ ଯୋଜନାକୁ ବେକାରୀ ସମସ୍ୟା ସହ ଯୋଡ଼ି ତୀବ୍ର ସମାଲୋଚନା କରୁଥିଲେ । ଏଭଳି ସ୍ଥିତିରେ କେନ୍ଦ୍ର ସରକାରଙ୍କ ଏହି ସଂଶୋଧନ ଯୁବବର୍ଗଙ୍କ ଅସନ୍ତୋଷ ଦୂର କରିବା ସହ ଦେଶର ପ୍ରତିରକ୍ଷା ବାହିନୀରେ ଅଭିଜ୍ଞ ଯବାନଙ୍କ ଉପସ୍ଥିତି ବଜାୟ ରଖିବାରେ ଏକ ବଡ଼ ସନ୍ତୁଳନ ଆଣିପାରିଛି ।

୨୦୨୭ ୟୁପି ...

ରାଜଭରଙ୍କୁ କଟାକ୍ଷ କରି ତାଙ୍କର ଓଟିପି ଅନ୍ୟ କେଉଁଠୁ ଆସୁଛି ବୋଲି କହିଛନ୍ତି । ମାଫିଆ ପ୍ରସଙ୍ଗରେ ମଧ୍ୟ ତାଙ୍କୁ ଘେରିଛନ୍ତି । କ୍ୟାବିନେଟ୍‌ରେ ଥିବା ମାଫିଆଙ୍କୁ ଡରାଇବା ପାଇଁ ସେ ଏଭଳି ଭୂମିକା ନିଭାଉଥିବା ଅଖିଳେଶ ମନ୍ତବ୍ୟ ଦେଇଛନ୍ତି । ଏଥର ବାରାଣସୀ ଓ ଆଜମଗଡ଼ ଉଭୟ ଆସନରେ ସମାଜବାଦୀ ପାର୍ଟି ବିଜୟୀ ହେବ ବୋଲି ଦୃଢ଼ୋକ୍ତି କରିଛନ୍ତି ସପା ମୁଖ୍ୟ । ବିଜେପି ସରକାରଙ୍କ ଉପରେ ଜନସାଧାରଣ ଅସନ୍ତୁଷ୍ଟ ଥିବାରୁ ସମାଜବାଦୀ ପାର୍ଟି କ୍ଷମତାକୁ ଫେରିବ ବୋଲି ସେ କହିଛନ୍ତି । ଏଥିସହ ୟୁପି ସରକାରଙ୍କ ସମସ୍ତ ମନ୍ତ୍ରୀଙ୍କ ଟିକେଟ୍ କଟିବ ଏବଂ ମୁଖ୍ୟମନ୍ତ୍ରୀ ନିଜେ ଏହା କରିବେ ବୋଲି ଦାବି କରିଛନ୍ତି । ଆରକ୍ଷଣ ଆଧାରରେ ୧୨ ହଜାର ଚାକିରି ଛଡ଼ାଇ ନିଆଯାଇଥିବା ଏବଂ ସ୍କୁଲରେ ମଦ ଦୋକାନ ଖୋଲାଯାଉଥିବା ଅଭିଯୋଗ ଆଣି ବିଜେପି ସରକାରକୁ ହଟାଇବାକୁ ଆହ୍ୱାନ ଦେଇଛନ୍ତି ।

ଜଳସମ୍ପଦ ଓ ଗୃହ...

କୋଟିଆ ପ୍ରସଙ୍ଗରେ ସେ କହିଛନ୍ତି, ବିଜେଡିର ୨୪ ବର୍ଷର ଶାସନ ଓ ବିଜେପି ସରକାରଙ୍କ ଅଢ଼େଇ ବର୍ଷର ନିଷ୍କ୍ରିୟତା ଯୋଗୁଁ ସମସ୍ୟା ଜଟିଳ ହୋଇଛି। କଂଗ୍ରେସ ପ୍ରଥମେ ଆନ୍ଧ୍ରର ହସ୍ତକ୍ଷେପକୁ ବିରୋଧ କରିବା ପରେ ସରକାର ସକ୍ରିୟ ହୋଇଥିବା ସେ ଦାବି କରିଛନ୍ତି। ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶ ପାଳନ କରିବା ସହ କୋଟିଆ ସୁରକ୍ଷା ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

ବାଛୁରୀପଡ଼ା ଗ୍ରାମରୁ ବେଆଇନ ବାଣ ତିଆରିକୁ ନେଇ ପୋଲିସର ଚଢାଉ: ୨୦ ବସ୍ତାରୁ ଅଧିକ ବାଣ ଜବତ, ଅଭିଯୁକ୍ତ ଫେରାର

ବୈଶିଙ୍ଗା , ୦୪/୧୧ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରୀପଡ଼ା ଗ୍ରାମରେ ପ୍ରତି ବର୍ଷ ଦିପାବଳୀ ପାଇଁ ବାଣ ତିଆରି କରାଯାଉଥିବା ଯୋଗୁଁ ଏହି କାରବାର କୁଟୀର ଶିଳ୍ପରେ ପରିଣତ ହୋଇଯାଇଛି । ମାତ୍ର ଲାଇସେନ୍ସଧାରୀ ୩/୪ ଜଣ ଥିବା ବେଳେ ଅନ୍ୟମାନେ ଏମିତି ତିଆରି କରି ନିଜ ଅଞ୍ଚଳରେ ବିକ୍ରୀ କରିବା ସହିତ ବାହାର ଜିଲ୍ଲାକୁ ମଧ୍ୟ ବିକ୍ରୀ କରିଥାନ୍ତି। ଅସାବଧାନତା ବସତଃ ପ୍ରତି ବର୍ଷ କେହି ନା କେହି ବିସ୍ଫୋରଣ ଯୋଗୁଁ ମୃତ୍ୟୁ ମୁଖରେ ପଡିଥାନ୍ତି । ଏଥିପାଇଁ ପ୍ରତି ବର୍ଷ ପୋଲିସ ତରଫରୁ ବେଆଇନ ବାଣ ତିଆରି ଉପରେ ଚଢାଉ କରି ତାଙ୍କ ଠାରୁ ତିଆରି ବାଣ ଜବତ କରିଥାନ୍ତି । ଆଜି ବୁଧବାର ସକାଳେ ବୈଶିଙ୍ଗା ପୁଲିସ ଟିମ୍ ବିଛୁରୀପଡ଼ା ଗ୍ରାମରେ ପହଞ୍ଚି ୨୦ ବସ୍ତାରୁ ଅଧିକ ତିଆରି ବାଣ ଜବତ କରିଥିବା ଜଣାଯାଇଛି । ଏ ନେଇ ୪ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି । ତହସିଲଦାର ଚନ୍ଦ୍ରଜିତ ବେହେରା ମାଜିଷ୍ଟ୍ରେଟ ଭାବେ ଏହି ଚଢାଉରେ ରହିଥିଲେ । ସେହିଭଳି ବିଭିନ୍ନ ଛକ ମାନଙ୍କରେ ବାଣ ଦୋକାନ କରି ବ୍ୟବସାୟ କରୁଥିବାର ଦେଖାଯାଉଛି । ଏହି ସବୁ ଦୋକାନ ଗୁଡିକର ବିକ୍ରୀ ଲାଇସେନ୍ସ ଅଛି କି ନାହିଁ ପୋଲିସ ଯାଞ୍ଚ କରିବାର ଆବଶ୍ୟକତା ରହିଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଖୋର୍ଦ୍ଧା ଜିଲ୍ଲାରେ ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ହ୍ରାସ ପାଇଁ ଡିଆରଏସସି ବୈଠକ

ଖୋର୍ଦ୍ଧା, ୦୪/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ହ୍ରାସ କରିବା ଉଦ୍ଦେଶ୍ୟରେ ଆଜି ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଖୋର୍ଦ୍ଧା ପୋଲିସ, ଜାତୀୟ ରାଜପଥ ପ୍ରାଧିକରଣର ଭୁବନେଶ୍ୱର ଓ ବ୍ରହ୍ମପୁର କାର୍ଯ୍ୟାଳୟର ଅଧିକାରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଭୁବନେଶ୍ୱର-ଓ ଓ ଓଓ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ସମ୍ପୃକ୍ତ ଅଂଶୀଦାରମାନେ ଯୋଗ ଦେଇଥିଲେ। ରାଜ୍ୟର ଅଧିକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ଅନ୍ୟତମ ହୋଇଥିବାରୁ ବୈଠକରେ ଏହାକୁ ଗୁରୁତ୍ୱର ସହ ଆଲୋଚନା କରାଯାଇଥିଲା। ସଡ଼କ ଦୁର୍ଘଟଣା ରୋକିବା ଏବଂ ମୃତ୍ୟୁହାର ହ୍ରାସ କରିବା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଓ କାର୍ଯ୍ୟ ଆବଣ୍ଟନ କରାଯାଇଥିଲା। ବିଶେଷକରି ଟ୍ରାଫିକ୍ ନିୟମର କଡ଼ାକଡ଼ି ଅନୁପାଳନ ଓ ଯାଞ୍ଚ, ସଡ଼କ ଭିତ୍ତିଭୂମିର ଉନ୍ନତି ଓ ତ୍ରୁଟି ସୁଧାର ଏବଂ ଦୁର୍ଘଟଣା ପରବର୍ତ୍ତୀ ତ୍ୱରିତ ଚିକିତ୍ସା ଓ ଜରୁରୀକାଳୀନ ସହାୟତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ସହ ଜିଲ୍ଲାରେ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଉପରେ ବୈଠକରେ ଆହ୍ୱାନ ଦିଆଯାଇଥିଲା।



ଗାଁରୁ ଜାତୀୟ ମଞ୍ଚ ପର୍ଯ୍ୟନ୍ତ ପହଞ୍ଚିଲା ଓଡ଼ିଶାର ମୁଣ୍ଡା ଆଦିବାସୀଙ୍କ କଳା ଓ ସଂସ୍କୃତି

ବାରିପଦା, ୦୪/୧୧ (ନି.ପ୍ର): ଗୁଜରାଟର ନର୍ମଦା ଜିଲ୍ଲା ଅନ୍ତର୍ଗତ ଏକତା ନଗର ଠାରେ ଗତ ଅକ୍ଟୋବର ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଜାତୀୟ ଏକତା ଦିବସ ସମାରୋହରେ ଓଡ଼ିଶାର ମୁଣ୍ଡା ଆଦିବାସୀ ନୃତ୍ୟଦଳ ଅଂଶଗ୍ରହଣ କରି ପ୍ରଶଂସା ସାଉଁଟିଛନ୍ତି। ଏହି ଅବସରରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ନାଟ୍ୟ ବିଦ୍ୟାଳୟ ପକ୍ଷରୁ ପରିବେଷିତ 'ନକ୍ସଲ ମୁକ୍ତ ଭାରତ' ନାଟକରେ ଓଡ଼ିଶାର ପାରମ୍ପରିକ ମୁଣ୍ଡା କରମ ନୃତ୍ୟକୁ ସାମିଲ କରାଯାଇଥିଲା। ଏଥିରେ ଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର କଳାକାରମାନେ ଯୋଗ ଦେଇଥିଲେ। ଅଧିକାଂଶ କଳାକାର 'ମୁଣ୍ଡାରୀ ସାସାଂକିର୍ ସାୱାଁର୍ ଗୁଟୁଗାମ୍, ମୟୂରଭଞ୍ଜ' ସଂଗଠନ ସହିତ ଜଡିତ ଓ ମୁଣ୍ଡା ମାନଙ୍କର ପାରମ୍ପରିକ କରମ/ଯାଦୁର ନୃତ୍ୟଦଳ ଜାତୀୟ ସ୍ତରରେ ନିଜର ପାରମ୍ପରିକ କଳା, ସଂସ୍କୃତି ଓ ନୃତ୍ୟକୁ ପରିଚିତ କରାଇବାରେ



ସଫଳ ହୋଇଛନ୍ତି। ଏହି ଜାତୀୟ ସ୍ତର ସମାରୋହରେ ଦେଶର ୨୦ ଟି ବିଭିନ୍ନ ଆଦିବାସୀ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରି ଥିଲେ। ଅନ୍ନପୂର୍ଣ୍ଣା ସିଂ, ସଭାପତି, ବାଲେଶ୍ୱର ମୁଣ୍ଡା ଯୁବ ଛାତ୍ର ସଂଗଠନ ଓ ଲକ୍ଷ୍ମୀରାମ ସିଂ, ସାଧାରଣ ସମ୍ପାଦକ, ମୁଣ୍ଡାରୀ ୟୁଟ୍ୟୁବର, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନ -ମାଏପା ଙ୍କ ନେତୃତ୍ୱରେ ତଥା ସୁରେନ୍ଦ୍ରନାଥ ସିଂ, ଉପ ସଭାପତି , ମୁଣ୍ଡାରୀ ସାସାଂକିର୍ ସାୱାଁର୍ ଗୁଟୁଗାମ୍, ରଥ ସିଂ,ମ୍ୟାନେଜର, ମୁଣ୍ଡାରୀ ସାସାଂକିର୍ ସାୱାଁର୍ ଗୁଟୁଗାମ୍,ଲକ୍ଷ୍ମଣ ସିଂ, ଆଖାଳା ଗୁରୁ, ମୁଣ୍ଡାରୀ ସାସାଂକିର୍ ସାୱାଁର୍ ଗୁଟୁଗାମ୍ ଓ ମହେନ୍ଦ୍ର ସିଂ, ସକ୍ରିୟ ସଦସ୍ୟ , ମୁଣ୍ଡାରୀ ସାସାଂକିର୍ ସାୱାଁର୍ ଗୁଟୁଗାମ୍ ଙ୍କ ପ୍ରୟାସରେ ୩୨ ଜଣିଆ ଏହି ନୃତ୍ୟଦଳ ଗତ ୧୯/୧୦/୨୦୨୬ ତାରିଖ ଦିନ ବାରିପଦା ରୁ ଗୁଜରାଟ ଅଭିମୁଖେ ଯାତ୍ରା କରିଥିଲା। ଏକତା ନଗରରେ ପହଞ୍ଚିବା ପରେ ଅକ୍ଟୋବର ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ ନାଟ୍ୟ ବିଦ୍ୟାଳୟର ନିର୍ଦ୍ଦେଶକ ଓ ପ୍ରଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଭ୍ୟାସ ଶିବିରରେ କଳାକାରମାନେ ଯୋଗ ଦେଇଥିଲେ। ଦୀର୍ଘ ନଅ ଦିନର କଠିନ ଅଭ୍ୟାସ ଓ ପ୍ରସ୍ତୁତି ପରେ ଅକ୍ଟୋବର ୩୧ ତାରିଖରେ ଜାତୀୟ ଏକତା ଦିବସର ମୁଖ୍ୟ କାର୍ଯ୍ୟକ୍ରମରେ 'ନକ୍ସଲ ମୁକ୍ତ ଭାରତ' ନାଟକ ପରିବେଷିତ ହୋଇଥିଲା। ଜାତୀୟ ସ୍ତରର ଏଭଳି ଏକ ବିଶାଳ ମଞ୍ଚରେ ଆଦିବାସୀ ମୁଣ୍ଡା ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟକୁ ସ୍ଥାନ ମିଳିବା ମୁଣ୍ଡା ସମାଜ ତଥା ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସଫଳତା ଗ୍ରାମାଞ୍ଚଳରେ ରହିଥିବା ଆଦିବାସୀ କଳା ଓ ସଂସ୍କୃତିର ସମୃଦ୍ଧ ପରମ୍ପରାକୁ ଜାତୀୟ ସ୍ତରରେ ପହଞ୍ଚାଇବା ସହ ଆଗାମୀ ପିଢ଼ିକୁ ନିଜର ଭାଷା, ପରମ୍ପରା ଓ ସଂସ୍କୃତିର ସୁରକ୍ଷା ତଥା ପ୍ରସାର ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି।

ବେଦଧ୍ୱନି ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୦୪/୧୧ (ନି.ପ୍ର): ଜ୍ୟୋତି କଳା ପରିଷଦ, ଭୁବନେଶ୍ୱର ଦ୍ୱାରା ଜୟଦେବ ଭବନ ଠାରେ ଅୟୋଜିତ ଦୁଇ ଦିବସୀୟ 'ବେଦଧ୍ୱନୀ ମହୋତ୍ସବ' ଆଜି ଉଦଯାପିତ ହୋଇ ଯାଇଛି । କାର୍ଯ୍ୟକ୍ରମର ଦ୍ୱିତୀୟ ତଥା ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ମହାନଗର ନିଗମର ଅଧକ୍ଷା ଶ୍ରୀମତୀ ସୁଲୋଚନା ଦାସ ଯୋଗ ଦେଇଥିଲେ ଓ ଆଜିର ଏ ବେଦଧ୍ୱନୀ ମହୋତ୍ସବ ଯୁବପିଢ଼ି ମାନଙ୍କ ପାଇଁ ସମର୍ପିତ। ଏହା ତାହାର ଉଦାହରଣ ବୋଲି କହିବା ସହିତ ଅନୁଷ୍ଠାନର ପ୍ରୟାସ ସୁଦୂରପ୍ରସାରୀ ଓ ଦୀର୍ଘଜୀବୀ ହେଉ ବୋଲି ସେ ମତବ୍ୟକ୍ତ କରିଥିଲେ । ଏଥିରେ ଓଡିଶୀ, ସମ୍ବଲପୁରୀ, ଗୋଟିପୁଅ ଓ ପାଇକ ନୃତ୍ୟ ଓ ପୁରୀର ସୁପ୍ରସିଦ୍ଧ ସାହି ଯାତର ବିଶେଷ ପ୍ରଦର୍ଶନ ହୋଇଥିଲା । ଏହି ପ୍ରତିଯୋଗିତାରେ ଅନେକ କୁନି ଓ କଳାକାରମାନେ ଅଂଶଗ୍ରହଣ କରିଥିଲେ। ସବୁ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ସମର୍ଥ ହୋଇଥିବା ପ୍ରାୟ ୬୦ ରୁ ଉର୍ଦ୍ଧ କଳାକାରମାନଙ୍କୁ ମହୋତ୍ସବର ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

ଆରଟିଓ ବିଭାଗର ଦାୟିତ୍ୱହୀନତା ଓ ମଦ୍ୟପ ଡ୍ରାଇଭରଙ୍କ ପାଇଁ ବସ୍ ଦୁର୍ଘଟଣା

୫ ଗୁରୁତର, ୧୦ ସାମାନ୍ୟ ଆହତ: ଅଳ୍ପକେ ବର୍ତ୍ତିଲେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ



ବସ୍ତା, ୦୪/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୫ ଜଣ ଯାତ୍ରୀ ଗୁରୁତର ହୋଇଥିବା ବେଳେ ୧୦ ଜଣ ସାମାନ୍ୟ ଆହତ ହୋଇଛନ୍ତି। ବସ୍‌ରେ ଥିବା ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।ସୂଚନା ଅନୁଯାୟୀ, ଦୁର୍ଘଟଣାସ୍ଥଳ ନିକଟରେ ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀମାନେ ବିଭିନ୍ନ ଗାଡ଼ିମୋଟର ଅଟକାଇ ଯାଞ୍ଚ କରୁଥିଲେ। ଏହି ସମୟରେ ବସ୍ ସମ୍ମୁଖରେ ଯାଉଥିବା ଏକ ଟ୍ରଲର ହଠାତ୍ ବ୍ରେକ୍ ଲଗାଇବାରୁ ପଛରେ ଆସୁଥିବା ବସ୍‌ଟି ଭାରସାମ୍ୟ ହରାଇ ଟ୍ରଲର ପଛପଟକୁ ଧକ୍କା ଦେଇଥିଲା। ବସ୍ ଚାଳକ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି।ଧକ୍କା ଏତେ ଜୋରଦାର ଥିଲା ଯେ ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଥିଲା। ଦୁର୍ଘଟଣା ପରେ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମେଡିକାଲ କଲେଜକୁ ପଠାଯାଇଥିଲା। ଏହି ଘଟଣାକୁ ନେଇ ଆଞ୍ଚଳିକ ପରିବହନ ବିଭାଗର ଯାଞ୍ଚ ବ୍ୟବସ୍ଥା ଓ ଦାୟିତ୍ୱବୋଧକୁ ନେଇ ପ୍ରଶ୍ନ ଉଠିଛି। ରାସ୍ତାରେ ଗାଡ଼ି ଯାଞ୍ଚ ସମୟରେ ଯାତାୟାତ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା କାହିଁକି ଠିକ୍ ଭାବେ କରାଯାଇ ନଥିଲା, ତାହାକୁ ନେଇ ଜନସାଧାରଣରେ ଆଲୋଚନା ଜୋର୍ ଧରିଛି। ଖବର ପାଇ ବସ୍ତା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ମଥାନୀ ପଂଚାୟତରେ ବିଜେପିର ମିଶ୍ରଣ ପର୍ବ



ବସ୍ତା, ୦୪/୧୧ (ନି.ପ୍ର): ବୁଧବାର ବସ୍ତା ନିର୍ବାଚନମଣ୍ଡଳୀ ମଥାନୀ ପଞ୍ଚାୟତ ରେ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଅଛି । ଉକ୍ତ ମିଶ୍ରଣ ପର୍ବ ରେ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ବସ୍ତା ବିଜେପି ନେତା ରବୀନ୍ଦ୍ରନାଥ ଅଣ୍ଡିଆ , ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ଦତ୍ତ,ବସନ୍ତ ବାରିକ, କୋଷାଧକ୍ଷ ଫରନାଲ୍ ବିଶ୍ୱାଳ,ମଥାନି ପଂଚାୟତ ସଭାପତି ଉମାକାନ୍ତ ବେଜ, ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ପୂର୍ବତନ ସାଧାରଣ ସମ୍ପାଦକ ଅଭିରାମ ମଲିକ, ଜିଲ୍ଲା ମିଡ଼ିଆ ସଂଜଜୋକ ଇ.ଦିବାକର ରାଉତ,ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସରୋଜ କୁମାର ଗିରି,ମହିଳା ମୋର୍ଚ୍ଚା ସଭାପତି ମନୋରମା ଦାସ, ଯଶବନ୍ତ ପ୍ରଧାନ, ସନ୍ତୋଷ ମହାପାତ୍ର, ଶଙ୍କର ମଲିକ, ଦୀପକ ରାଉତ, ବରେନ୍ଦ୍ର ଆଇଚ, ବିଜୟ ଧଳ, ଙ୍କ ସମେତ ବିଜେପି ର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଅରୁଣ କୁମାର ଦାସ, ମନୋରଞ୍ଜନ ଦାସ,ପ୍ରଫୁଲ୍ଲ ଗିରି,ପୂର୍ବତନ ୱାର୍ଡ ସଭ୍ୟ ସନ୍ତୋଷ କୁମାର ଦାସ, ୫ ନମ୍ବର ୱାର୍ଡ ସଭ୍ୟ ବାପି ଦାସ, ସୁଶ୍ରୀ ଦାସ,ରଶ୍ମିତା ଦାସ,ମିତା ଦାସ ଙ୍କ ସମେତ ୩୦ ପରିବାର ରୁ ଉର୍ଦ୍ଧ୍ୱ ବିଭିନ ଦଳ ରୁ ଶତାଧିକ କାର୍ଯ୍ୟକର୍ତ୍ତା ମୋଦୀ ଜି ଙ୍କ ନିତି ଆଦର୍ସ ରେ ଅନୁପ୍ରାଣିତ ହୋଇ ଆଜି ବିଜେପି ପରିବାର ରେ ସାମିଲ ହେଲେ ।

ଶିଶୁକନ୍ୟା ସୁରକ୍ଷା ରାଲି ବାରିପଦା ଇନରହ୍ୱିଲ କ୍ଲବ ଦ୍ୱାରା ଆୟୋଜିତ

ବାରିପଦା, ୦୪/୧୧ (ନି.ପ୍ର): ଆନ୍ତର୍ଜାତିକ ସାମାଜିକ ଅନୁଷ୍ଠାନ ବାରିପଦା ଇନରହ୍ୱିଲ କ୍ଲବ ଆନୁକୂଲ୍ୟରେ ଆଜି ଅପରାହ୍ଣରେ 'ଶିଶୁକନ୍ୟା ସୁରକ୍ଷା' ରାଲି ଆୟୋଜିତ ହୋଇଯାଇଛି। କ୍ଲବର ସଭାପତି ସୁପ୍ରୀତି ଦଳବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାରାଣୀ ପ୍ରେମକୁମାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର କଳିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଲି ଉଦଘାଟନ କରିଥିଲେ। ଶତାଧିକ ଛାତ୍ରୀ ବିଭିନ୍ନ ସ୍ଲୋଗାନ ଲିଖିତ ପ୍ଲାକାର୍ଡ ହାତରେ ଧରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କ୍ଲବର ସଂପାଦିକା ସଂଯୁକ୍ତା ଚାନ୍ଦ, ପାର୍ବତୀ ବାରିକ, ସଂଯୁକ୍ତା ଦାଶ, ପ୍ରଣତି ଦାସ, ସସ୍ମିତା ଘୋଷାଲ, ଆରତୀ ପଟ୍ଟନାୟକ, ପ୍ରିୟଦର୍ଶିନୀ ପଟ୍ଟନାୟକ, ଦୀପିକା ମହାନ୍ତି, ମମତା ମହାନ୍ତି, ମାନସୀ ସେଠୀ, ସୁଜାତା ମହାନ୍ତି ପ୍ରମୁଖ କାର୍ଯ ?ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଛାତ୍ର କଂଗ୍ରେସ ପକ୍ଷରୁ ବନ୍ଧୁମିଳନ



ଲଙ୍ଗଳେଶ୍ୱର , ୦୪/୧୧ (ନି.ପ୍ର): ଜାମୁଶୂଳି ସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ର ଛାତ୍ର କଂଗ୍ରେସ ପକ୍ଷରୁ ବୁଧବାର କମାରଗଡିଆ ଗ୍ରାମର ହରିପଦ ମାଝୀଙ୍କ ବାସଭବନରେ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। କଲେଜରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହିତ ଛାତ୍ର କଂଗ୍ରେସ କୁ ମଜବୁତ କରିବା ପାଇଁ ରଣକୌଶଳ ପ୍ରସ୍ତୁତି କରାଯାଇଥିଲା। ଉତ୍ସବରେ ସମାଜସେବୀ ରବିରଞ୍ଜନ ତ୍ରିପାଠୀ,ଚିନ୍ତାମଣି ଜେନା,ଲକି ଦଳାଇ, ସହଦେବ ପରିଡ଼ା, ସୁଶାନ୍ତ ଜେନା,ସପନ ପାତ୍ର, ତପନ ଭୂୟାଁ, ଶିବାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ସଂଗଠନ କୁ ସୁଦୃଢ଼ କରିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ।

ସଇତପୁର ପଞ୍ଚାୟତ କାର୍ଯ୍ୟାଳୟରୁ ମଙ୍ଗଳବାର ରାତିରେ ଚୋରି

ବୈଶିଙ୍ଗା , ୦୪/୧୧ (ନି.ପ୍ର): ଦୈନନ୍ଦିନ ବୈଶିଙ୍ଗା ଥାନା ଅଞ୍ଚଳରେ ଚୋରୀ ବଢିଥିବା ବେଳେ ଚୋର ଧରା ପଡୁ ନାହାନ୍ତି । ଗତ କାଲି ମଙ୍ଗଳବାର ରାତିରେ ଆଉ ଏକ ଚୋରୀ ପଞ୍ଚାୟତ କାର୍ଯ୍ୟାଳୟରେ ଘଟିଥିବା ଜଣାଯାଇଛି । କାର୍ଯ୍ୟାଳୟ ର ଗ୍ରୀଲ୍ ଭାଙ୍ଗି ଚୋର ମାନେ କମ୍ପୁଟର , ଲ୍ୟାପଟପ୍ , ବ୍ୟାଟେରୀ, ପ୍ରିଣ୍ଟର , ଇନଭେଟର . ଏଲଇଡି ସହିତ ଅନ୍ୟ ଆସବାବପତ୍ର ଚୋରୀ କରି ନେଇଥିବା ଜଣାଯାଇଛି । ଏ ନେଇ ସଇତପୁର ସରପଞ୍ଚ ଖଇରୀ ସିଂ ଏକ ଲିଖିତ ଏତଲା ଆଜି ସକାଳେ ବୈଶିଙ୍ଗା ଥାନାରେ ଦେଇଥିବା ଜଣାଯାଇଛି । ପୁଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ବାବା ଶଙ୍କର ସରାଫ ପ୍ରକାଶ କରିଛନ୍ତି ।

ବାଲେଶ୍ୱରରେ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ଏବଂ କିଷାନ୍ ମେଳା -୨୦୨୬ ପାଳିତ

ବାଲେଶ୍ୱର, ୦୪/୧୧ (ନି.ପ୍ର): ସହନଶୀଳ ଖାଦ୍ୟ ପ୍ରଣାଳୀ ପାଇଁ ଗୋଷ୍ଠୀ ଭିତ୍ତିକ ବିହନ ବ୍ୟବସ୍ଥା ଓ କୃଷି ଜୈବ ବିବିଧତା ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ବାଲେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ତଥା କ୍ଷେତ ବଞ୍ଚାଅ ଅଭିଯାନ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ କିଷାନ୍ ମେଳା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ ହୋଇଥିଲା । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱଜିତ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ



ମାନ୍ୟବର ଜିଲ୍ଲା ପରିଷଦ ସଭାପତି, ବାଲେଶ୍ୱର ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାଣ୍ଡିଆ ଚାଷର ଗୁରୁତ୍ୱ ତଥା ମାଣ୍ଡିଆ ଜାତୀୟ ଦ୍ରବ୍ୟର ସ୍ୱାସ୍ଥ୍ୟ ପାଇଁ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ଜିଲ୍ଲା ପରିଷଦ ଉପ ସଭାପତି ଶ୍ରୀମତୀ ଅନୁସୁୟା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୦୦ ରୁ ଉର୍ଦ୍ଧ୍ୱ ଚାଷୀ ଏଠାରେ ଯୋଗଦାନ କରିଥିଲେ । ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଜିତ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଧନ୍ତେରସରେ ସୁନା ଦର ବୃଦ୍ଧି: ରୁପା ଦର ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୦୪/୧୧ : ଘରୋଇ ସୁନା ଓ ରୁପା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ସୁନା ଦରରେ ବୃଦ୍ଧି ଧାରା ଜାରି ରହିଥିବା ଦେଖାଯାଇଛି। ଦର ବୃଦ୍ଧି ଯୋଗୁଁ ଦେଶର ଅଧିକାଂଶ ସୁନା ବଜାରରେ ୧୦ ଗ୍ରାମ ପିଛା ସୁନା ଦର ୨୫୦ ଟଙ୍କାରୁ ୨୭୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଧନତେରସ ଓ ଦୀପାବଳି ଯୋଗୁଁ ସୁନା ଦରରେ ଏହି ବୃଦ୍ଧି ଧାରା ଦେଖାଦେଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ, ରୁପା ଦରରେ ଆଜି କ୍ରମାଗତ ଦ୍ୱିତୀୟ ଦିନ ପାଇଁ କୌଣସି ପରିବର୍ତ୍ତନ ହୋଇନାହିଁ। ପ୍ରାରମ୍ଭିକ କାରବାରରେ ଆଜି ମଧ ରୁପା ସୋମବାରର ପୁରୁଣା ଦରରେ ବିକ୍ରି ହେଉଛି।

ନୀଳଗିରି ବ୍ଲକ ପରିସରରେ ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଦୁଇକର୍ମୀଙ୍କ ଖଣ୍ଡଯୁଦ୍ଧ: ଥାନାରେ ପୃଥକ୍ ପୃଥକ୍ ଅଭିଯୋଗ

ନୀଳଗିରି , ୦୪/୧୧ (ନି.ପ୍ର): ବୁଧବାର ଦିନ ପ୍ରାୟ ଗୋଟାଏ ସମୟରେ ନୀଳଗିରି ବ୍ଲକ୍ ପରିସରରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଦୁଇଜଣ ଯୁବକ ପିଟାମାରା ଦୃଶ୍ୟ ସମସ୍ତଙ୍କୁ ବେଶ୍ ଚକିତ କରିଛି। ସୁଚନା ଅନୁସାରେ ନୀଳଗିରି ବ୍ଲକର ଜଡ଼ିବାଲି ଗ୍ରାମର ଗିରିଶ ଚନ୍ଦ୍ର ମହାନ୍ତିଙ୍କୁ ଉକ୍ତ ପଞ୍ଚାୟତର ବଣଭୁଇଁ ଗ୍ରାମର ଜିତିକାନ୍ତ ବେହେରା ନିଜ ମୋବାଇଲ ରେ ଗିରିଶ ଚନ୍ଦ୍ର ମହାନ୍ତିଙ୍କୁ, ନିଜ ପୁଅକୁ ନିଜ ଅକ୍ତିଆର ରେ ରଖ, ନଚେତ୍ ଭବିଷ୍ୟତରେ ଦଶା ଭୋଗିବାକୁ ପଡ଼ିବ ବୋଲି କହିଥିଲେ। ଉକ୍ତ କଥାକୁ ଗିରିଶ ମହାନ୍ତି ନିଜ ପୁଅ ସୁନୀଲ କୁମାର ମହାନ୍ତିଙ୍କୁ ଫୋନରେ ଜଣାଇବା ପରେ ବ୍ଲକ ପରିସରରେ ଜିତିକାନ୍ତ ବେହେରା ଓ ସୁନୀଲ କୁମାର ମହାନ୍ତି ଥିବାବେଳେ ସୁନୀଲ ଜିତିକାନ୍ତ କୁ କଣ ପାଇଁ ମୋ ବାପାଙ୍କୁ ଫୋନରେ ଧମକ୍ ଦେଇଥିଲୁ ବୋଲି କେହି ଅଫିସ ଘର ଶିଢି ପାହାଚରେ ଘୋଷରାଟଣା କରି ସୁନୀଲ ଜୀତିକାନ୍ତ କୁ ପିଟାମାରା କରିଥିଲା। ଜିତିକାନ୍ତ ମଧ ସୁନୀଲ କୁ ଘୋଷରା ଟଣା ଓଟରା କରି ଥିଲା। ବେଶ୍ କିଛି ସମୟ ଧରି ଉଭୟ ଖଣ୍ଡ ଯୁଦ୍ଧ ଲାଗିଥିବା ବେଳେ ଅଫିସର କର୍ମଚାରୀ ମାନେ ପହଞ୍ଚି ଉଭୟଙ୍କୁ ବିଦା କରି ଦେଇଥିଲେ। ଖବର ପାଇ ନୀଳଗିରି ପୋଲିସ ପହଞ୍ଚିବା ବେଳକୁ କେହି ନ ଥିଲେ। ଏନେଇ ଉଭୟ ପକ୍ଷ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଜିତିକାନ୍ତ ବେହେରା ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେଉଥିବା ପୋଲିସ ଘଟଣାର ତଦନ୍ତ କରୁଥିବାର ପ୍ରକାଶ କରିଛନ୍ତି। ଖବରଲେଖିବା ବେଳକୁ ମାମଲା ରୁଜୁ ହୋଇ ନ ଥିବାର ଦେଖିବାକୁ ମିଳିଛି। ତେବେ ଗୋଟାଏ ରାଜନୈତିକ ଦଳର ଦୁଇଜଣ ଯୁବକ ଏମିତି ଘଟଣା କରିବା ଦଳର ଗୋଷ୍ଠୀ କନ୍ଦଳ କୁ ପଦାରେ ପକାଇଛି ବୋଲି ବେଶ୍ ଚର୍ଚ୍ଚା ହେଉଛି।

ଜମାଲପୁର ବାଇପାସ୍ ନିକଟରୁ ୭ଟି ବେଆଇନ ବାଲି ବୋଝେଇ ଡମ୍ଫର ଜବତ

ଜଳେଶ୍ୱର, ୦୪/୧୧ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ଜମାଲପୁର ବାଇପାସ୍ ନିକଟରେ ବେଆଇନ ବାଲି ଚାଲାଣ ଉପରେ ଜଳେଶ୍ୱର ପୋଲିସର ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି। ଜାତୀୟ ରାଜପଥରେ ବେଆଇନ ଭାବେ ବାଲି ପରିବହନ କରୁଥିବା ୭ଟି ବାଲି ବୋଝେଇ ଡମ୍ଫରକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଆଜି ଭୋର ସମୟରେ ଏସଆଇ ତରୁଣ କୁମାର ଦାସ ନିଜ ଟିମ୍ ସହ ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିଲେ।ସେହି ସମୟରେ ଜମାଲପୁର ବାଇପାସ୍ ନିକଟ ଦେଇ ଯାଉଥିବା ସନ୍ଦିଗ୍ଧ ବାଲି ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା।ଯାଞ୍ଚ ବେଳେ କୌଣସି ବୈଧ କାଗଜପତ୍ର କିମ୍ବା ଟ୍ରାଞ୍ଜିଟ୍ ପାସ୍ ନ ଥିବାରୁ ପୋଲିସ ୭ଟି ଡମ୍ଫରକୁ ଜବତ କରି ଥାନାକୁ ଆଣିଛି। ଜବତ ହୋଇଥିବା ଗାଡ଼ିଗୁଡ଼ିକର ନମ୍ବର ହେଲା ଓଡ଼ି୨୨ଏଏ-୬୭୬୭, ଓଡ଼ି୨୨ଏବି୬୭୬୭,ଓଡ଼ି୦୧ଏବି-୬୭୬୭, ଓଡ଼ି୦୧ଏକେ-୬୭୬୭,ଓଡ଼ି୨୨ଏବି-୭୯୫୭, ଓଡ଼ି୦୧ଏୱାଇ-୫୭୩୯ ଓ ଓଡ଼ି୦୧ଏକ୍ୟୁ-୯୧୮୦। ?ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ଏବଂ ଏହି ବେଆଇନ ଚାଲାଣ ପଛରେ ଥିବା ଅନ୍ୟ ବ୍ୟକ୍ତିବିଶେଷଙ୍କ ଉପରେ ନଜର ରଖାଯାଇଛି। ବେଆଇନ ବାଲି ଚୋରାଚାଲାଣ ରୋକିବା ପାଇଁ ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida